ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK | ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.288 Bhubaneswar Friday, January 07, 2022 | ୨୪ତମ ବର୍ଷ | ସଂଖ୍ୟା-୨୮୮ | ଭୁବନେଶ୍ୱର ଶୁକ୍ରବାର, ଜାନୁଆରୀ ୦୭, ୨୦୨୨ | (୮ ପୃଷ୍ଠା) | ମୂଲ୍ୟ-୧.୫୦ | ₹ 1.50 | (Air Surcharge - 0.50P) | Member-INS

## ‘ସୁରକ୍ଷା ଢିଲା ନୁହଁ, ବରଂ ଏକ ଷଡଯନ୍ତ୍ର’

ଅମୃତସର,୬।୧(ପି.ଏନ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସୁରକ୍ଷା ବ୍ୟବସ୍ଥାରେ ବିଭ୍ରାଟକୁ ନେଇ ବିବାଦ ଘନେଇବାରେ ଲାଗିଛି। ଘଟଣାକୁ ନେଇ ରାଜନୈତିକ ଆରୋପ ପ୍ରତ୍ୟାରୋପ ଜାରି ରହିଛି। ଏହି ପ୍ରସଙ୍ଗରେ ଆଜି ପଞ୍ଜାବ ବିଜେପି ମୁଖ୍ୟ ଅଶ୍ୱିନୀ ଶର୍ମା ଏକ ଚାଞ୍ଚଲ୍ୟକର ଅଭିଯୋଗ କରିଛନ୍ତି । ସେ କହିଛନ୍ତି ଯେ, ଫିରୋଜପୁରରେ ମୋଦିଙ୍କ ଗସ୍ତ ବେଳେ ସୁରକ୍ଷା ବ୍ୟବସ୍ଥା ତ୍ରୁଟି ନୁହଁ ବରଂ ଏକ ଷଡଯନ୍ତ୍ର। ତାଙ୍କ ଅଭିଯୋଗ ଅନୁଯାୟୀ, ଗତକାଲି ପ୍ରଧାନମନ୍ତ୍ରୀଙ୍କ ଯାତ୍ରାପଥକୁ ଅବରୋଧ କରିଥିବା ଲୋକମାନଙ୍କୁ ଯୋଜନାବଦ୍ଧ ଭାବେ ଅଣାଯାଇଥିଲା।ସେମାନଙ୍କୁ ପୁଲିସର ଏକ କଳା ରଙ୍ଗର ଏସୟୁଭିରେ ଘଟଣାସ୍ଥଳକୁ ଅଣାଯାଇଥିଲା। ପରେ ସେମାନଙ୍କୁ ରାସ୍ତାରେ ବସାଯାଇଥିଲା। ପୂର୍ବରୁ ବିଜେପି ରାଲିରେ ବସ୍ ?ରେ ଆସିଥିବା ସମର୍ଥକଙ୍କୁ ସେଠାରେ ଅଟକାଯାଇଥିଲା ।ଏହା ପରେ ପୁଲିସ ସହ ମୁହାମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ଥିବାରୁ ଏତେ ସବୁ ଷଡଯନ୍ତ୍ର କରାଯାଇଥିଲା ବୋଲି ସେ ଅଭିଯୋଗ ଆଣିଛନ୍ତି । ସାମ୍ବାଦିକ ସମ୍ମିଳିନୀ କରି ଅଶ୍ୱିନୀ କହିଛନ୍ତି ଯେ, ଆନ୍‌ଦୋଳନ





ଯୋଗୁ ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥା ଢିଲା ହେବା ସରକାରଙ୍କ ଉଦ୍ଦେଶ୍ୟପ୍ରଣୋଦିତ ।ଫିରୋଜପୁରରେ ପ୍ରଧାମନମନ୍ତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥାରେ ଢିଲା ନୁହଁ ବରଂ ଷଡଯନ୍ତ୍ର ବୋଲି ସେ କହିଛନ୍ତି । କେନ୍ଦ୍ର ଗୃହମନ୍ତ୍ରଣାଳୟ ଦେଇଥିବା ବୟାନକୁ ପୁନରାବୃତ୍ତି କରି ଶର୍ମା କହିଛନ୍ତି ଯେ, ଖରାପ ପାଗ ଯୋଗୁ ପ୍ରଧାନମନ୍ତ୍ରୀଙ୍କ ଯାତ୍ରା ଏୟାର ବଦଳରେ ରୋଡ(ସ୍ଥଳଭାଗ) ସ୍ଥିର ହୋଇଥିଲା। ଯେତେବେଳେ ପ୍ରଧାନମନ୍ତ୍ରୀଙ୍କ ଯାତ୍ରା ସ୍ଥିର ହୁଏ, ଏୟାର ରୁଟ୍ ? ହେଲେ ମଧ ବିକଳ୍ପ ଦିଗ ସ୍ଥିର ହୋଇଥାଏ । ଗତକାଲିର ଗସ୍ତ ବେଳେ ସମାନ ପଦକ୍ଷେପ ନିଆଯାଇଥିଲା। ପ୍ରଧାନମନ୍ତ୍ରୀଙ୍କ ଯାତ୍ରା ସୂଚୀ ନେଇ ପଞ୍ଜାବ ମୁଖ୍ୟ ସଚିବ ଏବଂ ପୁଲିସ ଡିଜିପି ଜାଣିଥିଲେ। ସେମାନଙ୍କ କ୍ଲିଅରାନ୍ସ ପରେ ପ୍ରଧାନମନ୍ତ୍ରୀଙ୍କ କନଭୟେ ଯାତ୍ରା କରିଥାଏ। ହେଲେ ପଞ୍ଜାବର କ୍ଷମତାସୀନ କଂଗ୍ରେସ ସରକାର ମୋଦିଙ୍କ ଗସ୍ତକୁ ବିଫଳ କରିବା ପାଇଁ ଷଡଯନ୍ତ୍ର ରଚିଥିବା ସେ ଅଭିଯୋଗ ଆଣିଛନ୍ତି । ପଞ୍ଜାବ ସରକାରଙ୍କ ବିଫଳତା ନେଇ ରାହୁଲ ଗାନ୍ଧି କାହିଁକି ଚୁପ୍ ? ଅଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ଏମିତିକି ପାକିସ୍ତାନ ସୀମା ରାସ୍ତାରେ ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷାରେ ତ୍ରୁଟି ହୋଇଥିଲେ ମଧ ସେଠାରେ ପଞ୍ଜାବ ସରକାରଙ୍କ ମୁଖ୍ୟ ସଚିବ, ଡିଜିପିଙ୍କର ?ଉପସ୍ଥିତ ନଥିଲେ ବୋଲି ସେ ଅଭିଯୋଗ କରିଛନ୍ତି।

## ଗୋଟିଏ ଦିନରେ ୧୮୯୭ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୬।୧(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୧୮୯୭ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୫୯୭୭୩ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୨୫୮ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୪୫ ହଜାର ୫୧୪ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୫୭୩୯ ରହିଛି । ଆଜି ଚିହ୍ନଟ ହୋଇଥିବା ୧୮୯୭ ଜଣଙ୍କ ମଧ୍ୟରୁ ୧୧୦୬ ଜଣ ସଂଗରୋଧରୁ ହୋଇଥିବା ବେଳେ ୭୯୧ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୬୬୯ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୩, ବାଲେଶ୍ୱର ଜିଲ୍ଲାରୁ ୧୦୦ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବରଗଡ ଜିଲ୍ଲାରୁ ୧୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରୁ ୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୩, କଟକରୁ ୧୪୮ ସଂକ୍ରମିତ ହୋଇଛନ୍ତି । ଦେବଗଡ ଜିଲ୍ଲାରୁ ୧୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରୁ ୨, ଗଂଜାମ ଜିଲ୍ଲାରେ ୩୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧୯, ଯାଜପୁରରୁ ୩୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୬୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କଳାହାଣ୍ଡି ଜିଲ୍ଲାରୁ ୧୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କନ୍ଧମାଳ ଜିଲ୍ଲାରୁ ୧ ,କେନ୍ଦ୍ରାପଡ଼ା ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦୁଝରରୁ ୩୧ , ଖୋର୍ଦ୍ଧାରୁ ୬୬୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରୁ ୧୫ ଜଣ ଓ ମାଲକାନଗିରି ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜ ଜିଲ୍ଲାରୁ ୪୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ୨୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୟାଗଡ ଜିଲ୍ଲାରୁ ୧୪ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡା ଜିଲ୍ଲାରୁ ୧୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।ପୁରୀ ଜିଲ୍ଲାରୁ ୫୪ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ା ଜିଲ୍ଲାରୁ ୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁରରୁ ୧୨୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରୁ ୧୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୁନ୍ଦରଗଡ଼ରୁ ୨୬୨, ଷ୍ଟେଟ୍ ପୁଲରୁ ୧୫୮ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ଅନ୍ୟ ରାଜ୍ୟ ଭଳି ଆମ ରାଜ୍ୟରେ ବି ଓମିକ୍ରନ୍ ସଂକ୍ରମଣ ବଢ଼ିବ: ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, ୬।୧(ପି.ଏନ): ରାଜ୍ୟରେ ସବୁ ଜିଲ୍ଲାରେ ଓମିକ୍ରନ ଉପସ୍ଥିତି ଦେଖା ଗଲାଣି । ତେଣୁ ଆଗାମୀ ଦିନରେ ସଂକ୍ରମଣ ଆଗକୁ ଆହୁରି ବଢ଼ିବ। ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ବିଜୟ ମହାପାତ୍ର ସୂଚନା ଦେଇଛନ୍ତି। ଆଗାମୀ ୧୦ ତାରିଖରୁ ବୟସ୍କ ଓ ସ୍ୱାସ୍ଥ୍ୟକର୍ମୀଙ୍କ ଲାଗି ବୁଷ୍ଟର ଡୋଜ ଆରମ୍ଭ ହେବ। କେନ୍ଦ୍ର ନିଷ୍ପତ୍ତି ଅନୁସାରେ ଯିଏ ଯେଉଁ ଟିକା ନେଇଛନ୍ତି, ସେଇ ଟିକା ହିଁ ନେବ ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ଅନ୍ୟ ରାଜ୍ୟରେ ଯେଭଳି ବଢୁଛି, ଆମ ରାଜ୍ୟରେ ବି ବଢ଼ିବ। ବର୍ତ୍ତମାନ ସୁଦ୍ଧା ଆମ ରାଜ୍ୟରେ ସିଭିୟରିଟି ନାହିଁ, ଯଦି ବଢ଼ିବ ସେଥିଲାଗି ସରକାରଙ୍କ ପକ୍ଷରୁ ସବୁ ବ୍ୟବସ୍ଥା କରାଯାଇଛି ।ସେ କହିଛନ୍ତି ଯେ ଟିକାକରଣ ଓ ସର୍ଭେଲାନ୍ସ ଜାରି ରହିଛି। ଏବେ ରାଜ୍ୟରେ ଆଇସିୟୁ ଲୋଡ୍ ବହୁତ କମ୍ ରହିଛି । ଆଇସିୟୁ ବେଡ୍ ବଢାଇବାକୁ ମଧ ବ୍ୟବସ୍ଥା କରାଯାଉଛି। ଖୋର୍ଦ୍ଧା, ସୁନ୍ଦରଗଡ଼, ସମ୍ବଲପୁର ଓ ବାଲେଶ୍ୱରରେ ସଂକ୍ରମଣ ଅଧିକ ରହିଛି। ସେସବୁ ଜିଲ୍ଲା ଉପରେ ସରକାରଙ୍କ ନଜର ରହିଛି। ଲୋକମାନେ ମାସ୍କ ପିନ୍ଧନ୍ତୁ, ସାମାଜିକ ଦୂରତା ରଖନ୍ତୁ, କୌଣସି ସ୍ଥାନରେ ଭିଡ଼ କରନ୍ତୁ ନାହଁସ ବୋଲି ସେ ନିବେଦନ କରିଛନ୍ତି ।

## ପୁଣି ୪ଟି ସ୍ଥାନକୁ କଂଟେନମେଂଟ ଘୋଷଣା କଲା ବିଏମସି

ଭୁବନେଶ୍ୱର, ୬।୧(ପି.ଏନ): ରାଜଧାନୀ ଭୁବନେଶ୍ୱରରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବା ବେଳେ ଆଜି ରାଜଧାନୀରେ ୪ଟି ସ୍ଥାନ କଂଟେନମେଂଟ ଘୋଷିତ ହୋଇଛି। ଆଜି ରାଜଧାନୀର ନୟାପଲ୍ଲୀ ଓ ଭୀମପୁରରେ ଗୋଟିଏ ଲେଖାଏଁ ଏବଂ ଶ୍ରୀକ୍ଷେତ୍ର ବିହାରରେ ଦୁଇଟି ସ୍ଥାନକୁ କଂଟେନମେଂଟ ଘୋଷଣା କରାଯାଇଛି। ବିଏମସି ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଗୋଟିଏ ସ୍ଥାନରୁ ଏକାଧିକ ସଂକ୍ରମିତ ଚିହ୍ନଟ ପରେ ବିଏମସି ପକ୍ଷରୁ ଏହି ପଦକ୍ଷେପ ନିଆଯାଇଥିବା ନେଇ ସୂଚନା ଦିଆ ଯାଇଛି ।

## ଭୁବନେଶ୍ୱର ଆସୁଥିବା ସବୁ ବିମାନଯାତ୍ରୀଙ୍କର ହେବ ଆରଟି-ପିସିଆର୍ ଟେଷ୍ଟ୍

ଭୁବନେଶ୍ୱର, ୬।୧(ପି.ଏନ): ବିମାନରେ ଭୁବନେଶ୍ୱର ଆସୁଥିବା ସମସ୍ତ ଯାତ୍ରୀଙ୍କର ଆରଟି-ପିସିଆର୍ ଟେଷ୍ଟ୍ କରାଯିବ ବୋଲି ବିଏମ୍‌ସି ନିର୍ଦ୍ଦେଶ ଦେଇଛି। ରିପୋର୍ଟ ଆସିବା ପର୍ଯ୍ୟନ୍ତ ଯାତ୍ରୀମାନେ ହୋମ୍ ଆଇସୋଲେସନ୍ ରେ ରହିବେ। ଏହି ନିର୍ଦ୍ଦେଶ ଆସନ୍ତାକାଲିଠାରୁ ଲାଗୁ କରାଯିବ। ବିଏମ୍ ସି ପକ୍ଷରୁ ବିମାନବନ୍ଦରରେ ହିଁ ଯାତ୍ରୀଙ୍କ ଆରଟି-ପିସିଆର ଟେଷ୍ଟ୍ ପାଇଁ ବ୍ୟବସ୍ଥା କରାଯିବ। ରାଜ୍ୟ ଏବଂ ରାଜଧାନୀରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ବିମାନବନ୍ଦର ପାଇଁ ଗାଇଡ୍ ଲାଇନ୍ ଜାରି କରିଛି ବିଏମ୍‌ସି। ଏହି ନିର୍ଦ୍ଦେଶ ଅନୁଯାୟୀ, ବିମାନ ଯାତ୍ରୀଙ୍କ ପାଇଁ ଆର୍‌ଟି-ପିସିଆର୍ ଟେଷ୍ଟ ବାଧ୍ୟତାମୂଳକ। ଯାତ୍ରୀମାନେ ଡବଲ୍ ଡୋଜ୍ ଟିକା ନେଇଥିଲେ ବା ନେଗେଟିଭ୍ ରିପୋର୍ଟ ଥିଲେ ବି ସେମାନଙ୍କର ଆରଟି-ପିସିଆର୍ ଟେଷ୍ଟ କରାଯିବ। ରିପୋର୍ଟ ଆସିବ ପର୍ଯ୍ୟନ୍ତ ଯାତ୍ରୀମାନେ ହୋମ୍ ଆଇସୋଲେସନ୍ ରେ ରହିବେ। ଯଦି ରିପୋର୍ଟ ପଜିଟିଭ୍ ଆସେ, ତା’ହେଲେ ପ୍ରୋଟୋକଲ୍ ଅନୁଯାୟୀ ପରବର୍ତୀ ବ୍ୟବସ୍ଥା। କରାଯିବ ।ବିଏମ୍‌ସି ଅଂଚଳରେ ଗତ ୨୪ ଘଂଟାରେ ୪୦୦ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ଗତକାଲି ଓ ଆଜି ମିଶାଇ ମୋଟ ୧୪ ଟି ସ୍ଥାନକୁ କଂଟେନ୍‌ମେଂଟ୍ ଜୋନ୍ ଘୋଷଣା କରାଯାଇଛି।

## ତେଲଦର ବୃଦ୍ଧିକୁ ନେଇ ଜଳୁଛି କାଜାକ୍‌ସ୍ତାନ

ନୂଆଦିଲ୍ଲୀ,୬।୧(ପି.ଏନ) : ଜଳୁଛି କାଜାକ୍‌ସ୍ତାନ । ତୈଳ ଦର ବୃଦ୍ଧି ପ୍ରତିବାଦରେ ବିରୋଧୀ ସଂଗଠନ ସରକାରଙ୍କୁ ଘେରିଛନ୍ତି । ଦେଶବ୍ୟାପୀ ଚକା ଜାମ୍ ଆନ୍‌ଦୋଳନ, ଜଳାପୋଡା ଭଳି ଜାରି ରହିଛି । ଏହାରି ମଧ୍ୟରେ ଦେଶରେ ୟୁରାନିୟମ ଦାମ ଆକାଶଛୁଆଁ ହୋଇଯାଇଛି । ବିଶ୍ୱର ଏକ ବୃହତ ଭାଗ ୟୁରାନିୟମ ଉତ୍ପାଦନ କାଜାକ୍‌ସ୍ତାନରେ ହୋଇଥାଏ ।

## କଟକରେ ୭୯୦ କୋଟି ଟଙ୍କାର୨୪ ଘଂଟିଆ ପାଇପ୍ ପାଣି ବ୍ୟବସ୍ଥା ଲୋକାର୍ପିତ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୬।୧(ପି.ଏନ): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଭିଡିଓ କନ୍‌ଫରେସନ୍‌ସିଂ ମାଧ୍ୟମରେ କଟକ ସହର ପାଇଁ ୨୪ ଘଂଟିଆ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ଲୋକାର୍ପଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିବା ପାନୀୟ ଜଳ କାର୍ଯ୍ୟକ୍ରମ ଦ୍ୱାରା କଟକ ସହରର ସବୁ ପରିବାର ୨୪ ଘଂଟିଆ ପାଇପ ପାଣିର ସୁବିଧା ପାଇପାରିଛନ୍ତି। ଏହାଦ୍ୱାରା ସହରର ୧ ଲକ୍ଷ ୪୦ ହଜାର ପରିବାରର ୭ ଲକ୍ଷ ଲୋକ ଉପକୃତ ହୋଇଛନ୍ତି । ଏଥିପାଇଁ ୭୯୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଖୁସି ପ୍ରକାଶ କରି କହିଲେ ଯେ କଟକ ସହିତ ରାଜ୍ୟର ୬୦ଟି ସହରର ସବୁ ପରିବାରକୁ ୨୪ ଘଂଟିଆ ପାଇପ ପାଣିର ସୁବିଧା ଦିଆଯାଇଛି। ଖୁବଶୀଘ୍ର ରାଜ୍ୟର ସମସ୍ତ ୧୧୪ଟି ସହରରେ ସବୁ ପରିବାରକୁ ୨୪ ଘଂଟିଆ ପାଇପ ପାଣିର ସୁବିଧା ଯୋଗାଇ ଦିଆଯିବ ।ଏହି ଅବସରରେ ମୁଖ୍ୟମନ୍ତ୍ରୀ କଟକର ଦୁଇଟି ଜୋନ୍ ରେ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିବା ସହିତ ସାରା ସହର ପାଇଁ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ କାର୍ଯ୍ୟକ୍ରମ ପାଇଁ ଭିତିସ୍ଥାପନ କରିଥିଲେ । ଏହି କାର୍ଯ୍ୟକ୍ରମ ପାଇଁ ୩୬୦ କୋଟି ଟଙ୍କା ବିନିଯୋଗ କରାଯିବ। ଡିସେମ୍ବର ୨୦୨୩ ସୁଦ୍ଧା ପୁରା ସହରକୁ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ କାର୍ଯ୍ୟକ୍ରମ ଜରିଆରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟ ସରକାରଙ୍କ ୫-ଟି ଆଭିମୁଖ୍ୟରେ ଆରମ୍ଭ ହୋଇଥିବା ଆମର ଏହି କାର୍ଯ୍ୟକ୍ରମ କେବଳ ସାରା ଦେଶ ନୁହେଁ, ସାରା ପୃଥିବୀର ବିକାଶଶୀଳ ରାଷ୍ଟ୍ରମାନଙ୍କ ପାଇଁ ଏକ ରୋଲ ମଡେଲ ହୋଇପାରିଛି । ଏହି କାର୍ଯ୍ୟକ୍ରମ ପାନୀୟ ଜଳ ଯୋଗାଣ ପାଇଁ ହୋଇଥିବା ଜାତୀୟ ନୀତିରେ ମଧ ଅନୁସୃତ ହୋଇଛି ଏବଂ ଅମୃତ ୨.୦ରେ ସାମିଲ ମଧ ହୋଇଛି ବୋଲି ସେ କହିଥିଲେ ।ଏହାସହିତ ମୁଖ୍ୟମନ୍ତ୍ରୀ ୪୩୦ କୋଟି ଟଙ୍କାରେ ନିର୍ମିତ ୩ଟି ୱାଟର ଟ୍ରିଟମେଂଟ ପ୍ଲାଂଟର ଉଦ୍‌ଘାଟନ ମଧ କରିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଭଲ ପିଇବା ପାଣି ଆମ ସମସ୍ତଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ । ବିଶୁଦ୍ଧ ଓ ନିରାପଦ ପାନୀୟ ଜଳ ଯୋଗାଇ ଦେବାରେ ଆମର ଉଦ୍ୟମ ଜନସାଧାରଣଙ୍କ ଉତମ ସ୍ୱାସ୍ଥ୍ୟ ପାଇଁ ମଧ ବହୁତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ । ଏହି ଅବସରରେ କରୋନାର ନୂଆ ଭାରିଏଂଟ ଓମିକ୍ରନ ସଂପର୍କରେ ଜନସାଧାରଣଙ୍କୁ ସତର୍କ କରି ମୁଖ୍ୟମନ୍ତ୍ରୀ ସେମାନଙ୍କୁ କୋଭିଡ ନିୟମ ମାନିବା ପାଇଁ ଅନୁରୋଧ କରିଥିଲେ ।କାର୍ଯ୍ୟକ୍ରମରେ ଯୋଗ ଦେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା କହିଲେ ଯେ ମୁଖ୍ୟମନ୍ତ୍ରୀ କଟକ ସହରର ବିକାଶ ପାଇଁ ସବୁବେଳେ ଗୁରୁତ୍ୱ ଦେଇଆସିଛନ୍ତି ଏବଂ ସବୁ କାର୍ଯ୍ୟକ୍ରମ ପାଇଁ ତୁରନ୍ତ ବ୍ୟବସ୍ଥା କରିଆସିଛନ୍ତି । ୨୦୨୨ରେ କଟକରେ ୪ଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଲୋକାର୍ପିତ ହେବ ଏବଂ କଟକ ସହରର ବିକାଶ କ୍ଷେତ୍ରରେ ଏକ ନୂଆ ଯୁଗ ଆରମ୍ଭ ହେବ ବୋଲି ସେ କହିଥିଲେ । ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଶ୍ରୀ ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଜି. ମାଥିଭାତନନ୍ ସ୍ୱାଗତ ଭାଷଣ ଦେଇଥିଲେ ଏବଂ କଟକ ମ୍ୟୁନିସପାଲ କମିଶନର ଅନନ୍ୟା ଦାସ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ସାଂସଦ ସୁବାସ ସିଂହ, ବିଧାୟକ ଚନ୍ଦ୍ରସାରଥୀ ବେହେରା, ମୁଖ୍ୟ ଶାସନ ସଚିବ ଓ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

## ନନ୍ଦନକାନନ ବୁଲିବା ପାଇଁ ଅନଲାଇନ୍ ଟିକେଟ୍ ବୁକିଂ ବାଧ୍ୟତାମୂଳକ

ଭୁବନେଶ୍ୱର, ୬।୧(ପି.ଏନ):- ଭୁବନେଶ୍ୱର ସ୍ଥିତ ନନ୍ଦନକାନନ ଓ ବଟାନିକାଲ ଗାର୍ଡେନ୍ ବୁଲିବାକୁ ହେଲେ ଅନଲାଇନ୍ ରେ ଟିକେଟ୍ ବୁକିଂ କରିବାକୁ ପଡିବ। ଆସନ୍ତାକାଲି ,ଜାନୁଆରୀ ୭ ତାରିଖ ଠାରୁ ନୂଆ ନିୟମ ଲାଗୁ ହେବ। କୋଭିଡ ସଂକ୍ରମର ବଢ଼ିବା କାରଣରୁ ଭୁବନେଶ୍ୱର ମହାନଗର ନିଗମ ଓ ରାଜ୍ୟ ସରକାରଙ୍କ ଚିନ୍ତା ବଢ଼ି ଥିବା ବେଳେ ନନ୍ଦନକାନନରେ ପର୍ଯ୍ୟଟକମାନେ କଟକଣା ମାନୁନାହାନ୍ତି। ବିନା ମାସ୍କ ଓ ସାମାଜିକ ଦୂରତା ରକ୍ଷା ନକରି ପର୍ଯ୍ୟଟକମାନେ ବୁଲୁଛନ୍ତି। ସେଥିଲାଗି ନନ୍ଦନକାନନ ଓ ରାଜ୍ୟ ଉଦ୍ଭିଦ ଉଦ୍ୟାନ ବୁଲି ଆସୁଥିବା ଚହୁଁଥିବା ପର୍ଯ୍ୟଟକଙ୍କ ଲାଗି କର୍ତୃପକ୍ଷ କଟକଣା ଜାରି କରିଛନ୍ତି ।ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଓ ରାଜ୍ୟ ଉଦ୍ଭିଦ ଉଦ୍ୟାନରେ ଏଠାକୁ ବୁଲି ଆସିବାକୁ ହେଲେ ନନ୍ଦନକାନନର ୱେବସାଇଟ୍ ଡବ୍ଲୁଡବ୍ଲୁଡବ୍ଲୁ ଡଟ୍ ନନ୍ଦନକାନନ ଡଟ୍ ଓଆରଜି କୁ ଯାଇ ଅନଲାଇନ୍ ଟିକେଟ ବୁକ୍ କରିବାକୁ ପଡିବ। ସମସ୍ତଙ୍କ ପାଇଁ ମାସ୍କ ପରିଧାନ ଅପରିହାର୍ଯ୍ୟ ମଧ କରାଯାଇଛି। ସେହିପରି ପର୍ଯ୍ୟଟକ ଯଥା ସମ୍ଭବ ସାମାଜିକ ଦୂରତା ରକ୍ଷା କରିବାକୁ ପରାମର୍ଶ ଦିଆଯାଇଛି।

## କ୍ୟାପିଟାଲ ହସ୍ପିଟାଲରେ ଡାକ୍ତରଙ୍କ ସମେତ ୩ ଜଣ କରୋନା ପଜିଟିଭ୍

ଭୁବନେଶ୍ୱର, ୬।୧(ପି.ଏନ): ଭୁବନେଶ୍ୱର କ୍ୟାପିଟାଲ୍ ହସ୍ପିଟାଲରୁ ଜଣେ ଡାକ୍ତରଙ୍କ ସମେତ ୩ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଡାକ୍ତରଙ୍କ ବ୍ୟତୀତ ଜଣେ ମ୍ୟାନେଜର ଓ ଅନ୍ୟ ଜଣେ ଫାର୍ମାସିଷ୍ଟ ମଧ୍ୟ କରୋନା ସଂକ୍ରମିତ ହୋଇଥିବା ଜଣାପଡିଛି। ସେମାନେ ସଂକ୍ରମିତ ବୋଲି ଜଣାପଡିବା ପରେ ସେମାନଙ୍କୁ ସଙ୍ଗରୋଧରେ ରଖାଯାଇଥିବା ନେଇ କ୍ୟାପିଟାଲ୍ ହସ୍‌ପିଟାଲ୍ କର୍ତୃପକ୍ଷ ସୂଚନା ଦେଇଛନ୍ତି।

## ଟିକା ନେଲେଣି ୨ ଲକ୍ଷ ୬୪ ହଜାର କିଶୋର

ଭୁବନେଶ୍ୱର, ୬।୧(ପି.ଏନ): ଗତକାଲି ୧୧୨୫ଟି ସ୍ୱତନ୍ତ୍ର ଟିକାକରଣ କେନ୍ଦ୍ରରେ ୧୫ରୁ ୧୮ବର୍ଷ ବୟସ ବର୍ଗଙ୍କୁ ଟିକା ଦିଆଯାଇଛି। ଗୋଟିଏ ଦିନରେ ୮୦ ହଜାରରୁ ଉର୍ଦ୍ଧ୍ୱ କିଶୋର ଟିକା ନେଇଥିଲେ। ଏହାକୁ ମିଶାଇ ମୋଟ ୨ ଲକ୍ଷ ୬୪ ହଜାର କିଶୋରଙ୍କର ଟିକାକରଣ କରାଯାଇଛି ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ଡାକ୍ତର ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ବୟସ୍କ ଓ ସ୍ୱାସ୍ଥ୍ୟକର୍ମୀମାନଙ୍କୁ କେଉଁ ଟିକାର ବୁଷ୍ଟର ଡୋଜ ଦିଆଯିବ, ସେନେଇ ଏଯାଏଁ କେନ୍ଦ୍ର ସରକାରଙ୍କ ପକ୍ଷରୁ କୌଣସି ଲିଖିତ ଚିଠି ଆସିନି। ତେବେ ଯେଉଁମାନେ ଦୁଇ ଡୋଜ ଟିକା ନେଇଛନ୍ତି, ସେମାନେ ବୁଷ୍ଟର ଡୋଜ ଲାଗି ନିଜର ମୋବାଇଲ ନମ୍ବର ଦେବା ପରେ ପୁରୁଣା ତଥ୍ୟ ଆସିବା ପରେ ବୁଷ୍ଟର ଡୋଜ ନେଇପାରିବେ ।ଏଯାଏ ରାଜ୍ୟରେ ୨୭ ଲକ୍ଷ ଲୋକ ପ୍ରଥମ ଡୋଜ ନେଇନାହାନ୍ତି। ସେହିଭଳି ୨୬ ଲକ୍ଷ ଲୋକ ପ୍ରଥମ ଡୋଜ ନେବା ପରେ ଦ୍ୱିତୀୟ ଡୋଜ ନେଇନାହାନ୍ତି। ସେମାନଙ୍କ ଟିକାକରଣ ଲାଗି ପଦକ୍ଷେପ ନିଆଯାଉଛି।

## ଓଡିଶାରେ ୪ଦିନରେ ୪ଗୁଣା ଅଧିକ, ଆହୁରି ବଢ଼ିବ ଓମିକ୍ରନ ସଂକ୍ରମଣ: ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର,୬।୧(ପି.ଏନ): ଓଡିଶାରେ ଆଗାମୀ ଦିନରେ ଓମିକ୍ରନ ସଂକ୍ରମଣ ମାମଲା ଆହୁରି ବ?ିବ। ରାଜ୍ୟର ସବୁ ଜିଲ୍ଲାରେ ଏବେ ଓମିକ୍ରନ ସଂକ୍ରମଣ ଦେଖାଦେଲାଣି। ତେଣୁ ଓମିକ୍ରନ ଚିହ୍ନଟ ପାଇଁ ଆଇସିଏମଆର ପକ୍ଷରୁ ନୂଆ କିଟ୍ ବ୍ୟବହାର ପାଇଁ ଅନୁମୋଦନ ମିଳିଥିବାବେଳେ ଏହି କିଟ୍ ଆଣିବାକୁ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ବିଜୟ କୁମାର ମହାପାତ୍ର କହିଛନ୍ତି ।ଗଣମାଧମକୁ ପ୍ରତିକ୍ରିୟା ଦେଇ ଡାକ୍ତର ମହାପାତ୍ର କହିଛନ୍ତି ଯେ, ଓମିକ୍ରନ ସଂକ୍ରମଣ ଏବେ ବଢ଼ିବାରେ ଲାଗିଛି । ଆଗକୁ ଆହୁରି ଅଧିକ ବ?ିବ। ତେବେ ଏବେସୁଦ୍ଧା ଓଡିଶାରେ ସ୍ଥିତି ସଙ୍ଗୀନ ହୋଇନି ବୋଲି ସେ ସ୍ପଷ୍ଟ କରିଛନ୍ତି। ଯଦି ସଂକ୍ରମଣ ବ?ିବାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ସବୁ ବ୍ୟବସ୍ଥା କରାଯାଇଛି । ଟିକାକରଣ, ସର୍ଭିଲାନ୍ସ ମଧ ଜାରି ରହିଛି । ଏବେ ରାଜ୍ୟରେ ଆଇସିୟୁ ଲୋଡ୍ କମ୍ ରହିଛି।



ସରକାର ମଧ ବେଡ୍ ସଂଖ୍ୟା ବୃଦ୍ଧି ପାଇଁ ପଦକ୍ଷେପ ନେଉଛନ୍ତି । ଖୋର୍ଦ୍ଧା, ସୁନ୍ଦରଗଡ, ସମ୍ବଲପୁର ଓ ବାଲେଶ୍ୱରରେ ସଂକ୍ରମଣ ଅଧିକ ରହିଛି । ଆଇସିଏମଆର ଦ୍ୱାରା ଓମିକ୍ରନ ଚିହ୍ନଟ ପାଇଁ ଯେଉଁ ନୂଆ କିଟକୁ ବ୍ୟବହାର ନିମନ୍ତେ ଅନୁମତି ମିଳିଛି ତାହା ଆଣିବାକୁ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି । ତେବେ ଓମିକ୍ରନ ସଂକ୍ରମଣଙ୍କ ପାଇଁ ଚିକିତ୍ସା ପଦ୍ଧତି ପୂର୍ବଭଳି ସମାନ । ବରିଷ୍ଠ ନାଗରିକ ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ଆସନ୍ତା ଜାନୁୟାରୀ ୧୦ତାରିଖରୁ ବୁଷ୍ଟର ଡୋଜ୍ ଦିଆଯିବ । ଯିଏ ଅତୀତରେ ଯେଉଁ ଟିକା ନେଇଛନ୍ତି ସେମାନଙ୍କୁ ସେହି ଟିକା ପ୍ରଦାନ କରାଯିବ । ରାଜ୍ୟରେ ସଂକ୍ରମଣକୁ ପ୍ରତିହତ କରିବା ନିମନ୍ତେ ରାଜ୍ୟ ସ୍ୱାସ୍ଥ୍ୟ ରିଲିଫ କମିଶନରଙ୍କ ଦ୍ୱାରା ଜାରି ଗାଇଡଲାଇନକୁ ପାଳନ କରିବାକୁ ସେ ପରାମର୍ଶ ଦେଇଛନ୍ତି । ଅନ୍ୟପକ୍ଷରେ ମୁଖ୍ୟ ସଚିବ ସୁରେଶ କୁମାର ମହାପାତ୍ର ଆଜି ଘରୋଇ ହସ୍ପିଟାଲର କର୍ତ୍ତୃପକ୍ଷମାନଙ୍କ ସହ ଏକ ବୈଠକ କରି ୭ଦିନ ମଧ୍ୟରେ କୋଭିଡ୍ ରୋଗୀଙ୍କ ପାଇଁ ଆବଶ୍ୟକ ବେଡ୍ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ମହାମାରୀର ଶିକାର ହେଉଥିବା ଲୋକଙ୍କୁ ଉତ୍ତମ ସେବା ଯୋଗାଇବା ପାଇଁ ଘରୋଇ ହସ୍ପିଟାଲଗୁଡିକୁ ସେ ତାଗିଦ୍ କରିଛନ୍ତି । ସୂଚନାଯୋଗ୍ୟ, ଗୁରୁବାର ରାଜ୍ୟରେ ୧୮୯୭ଟି ନୂଆ ସଂକ୍ରମଣ ମାମଲା ଚିହ୍ନଟ ହୋଇଥିବାବେଳେ ସେଥିରେ ୨୫୮ଜଣ ଶିଶୁ ଅଛନ୍ତି । ବୁଧବାର ଦିନ ରାଜ୍ୟରେ ନୂଆ ସଂକ୍ରମିତଙ୍କ ସଂଖ୍ୟା ୧୨୧୬ ଥିବାବେଳେ ମଙ୍ଗଳବାର ୬୮୦,ସୋମବାର ୪୨୪ ଓ ରବିବାର ୪୨୪ ରହିଥିଲା । ଶନିବାର ୨୯୮ ଓ ଶୁକ୍ରବାର ୨୨୮ଜଣ କୋଭି଼ଡ ସଂକ୍ରମିତ ହୋଇଥିଲେ । ଗତ ୪ଦିନ ମଧ୍ୟରେ ସଂକ୍ରମିତଙ୍କ ସଂଖ୍ୟା ୪ଗୁଣରୁ ଅଧିକ ବୃଦ୍ଧି ପାଇଛି ।

## ୧୦ ରୁ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୬।୧(ପି.ଏନ): ଗୁରୁବାର ଏକ ସଦ୍ୟତମ ପଶ୍ଚିମାଝଡ ଆଫଗାନିସ୍ତାନ ଏବଂ ପାର୍ଶ୍ୱବର୍ତୀ ଅଂଚଳରେ ସମୁଦ୍ର ପତନ ଠାରୁ ୩.୧କିମି ଉଚ୍ଚତାରେ ବାୟୁମଣ୍ଡଳରେ ଗୋଟିଏ ଘୂର୍ଣ୍ଣିବଳୟ ରୂପରେ ସକ୍ରିୟ ରହିଛି। ଏହାର ପ୍ରଭାବରେ ଏକ ପ୍ରେରିତ ଘୂର୍ଣ୍ଣିବଳୟ ଆସନ୍ତା କାଲି, ୭ଜାନୁଆରୀ ରେ ଦକ୍ଷିଣପଶ୍ଚିମ-ରାଜସ୍ଥାନ ତଥା ତାର ପାର୍ଶ୍ୱବର୍ତୀ ଅଂଚଳରେ ସୃଷ୍ଟିହେବା ସମ୍ଭାବନା ରହିଛି। ଏଥିଯୋଗୁଁ ଆସନ୍ତା ୧୦ ତାରିଖରୁ ଓଡିଶାରେ ବର୍ଷା ହେବାର ସମ୍ଭାବନା ରହିଥିବା ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଭୁବନେଶ୍ୱର ସ୍ଥିତ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶକ ଏଚ ଆର ବିଶ୍ୱାଶ କହିଛନ୍ତି ଜାନୁଆରୀ ୧୦ ତାରିଖରେ ରାଜ୍ୟର ୧୧ଟି ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ୧୦ ତାରିଖରେ ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗିର, ସୋନପୁର, ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, ସୁନ୍ଦରଗଡ଼ ଓ କେନ୍ଦୁଝର ଆଦି ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବ।

## ରାଜଧାନୀରେ ଉପରମୁହାଁ ସଂକ୍ରମଣ , ୨୪ ଘଂଟାରେ ୪୦୦ ପଜିଟିଭ୍

ଭୁବନେଶ୍ୱର, ୬।୧୨(ପି.ଏନ): ରାଜଧାନୀରେ ହୁ ହୁ ବଢୁଛି କରୋନା ସଂକ୍ରମଣ। ଭୁବନେଶ୍ୱର ମହାନଗର ନିଗମ(ବିଏମସି) ଅଂଚଳରୁ ଗୁରୁବାର ଆଉ ୪୦୦ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩୮ ଜଣ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଥିବା ବେଳେ ୩୬୨ ଜଣ ଲୋକାଲ କେସ୍ ରହିଛନ୍ତି। ଏଥିସହ ୨୪ ଘଂଟାରେ ଆଉ ୯୩ ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ବିଏମସି ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି। ଗତକାଲି ୩୪୧ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ନୂତନ ଆକ୍ରାନ୍ତଙ୍କୁ ମିଶାଇ ମୋଟ ପଜିଟିଭ୍ ସଂଖ୍ୟା ୧୨୪୮୫୪କୁ ବୃଦ୍ଧି ପାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୨୨୩୮୭ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସେହିପରି ମୃତକଙ୍କ ସଂଖ୍ୟା ୧୧୦୩ ରେ ପହଂଚିଛି। ବର୍ତମାନ ଆଉ ୧୩୪୩ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ରହିଛନ୍ତି।

## ପ୍ରଧାନମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରି ଶ୍ରୀ ଲିଙ୍ଗରାଜ ମନ୍ଦିରରେ ଦୀପ ଜାଳିଲେ କେନ୍ଦ୍ର ରେଳମନ୍ତ୍ରୀ

ଭୁବନେଶ୍ୱର, ୬।୧(ପି.ଏନ) : ଗତକାଲି ପଞ୍ଜାବ ଗସ୍ତରେ ଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ସୁରକ୍ଷା ବ୍ୟବସ୍ଥାରେ ଦେଖାଯାଇଥିବା ବ୍ୟାପକ ତ୍ରୁଟି ଓ ତାଙ୍କ ଜୀବନ ପ୍ରତି ସୃଷ୍ଟି ହୋଇଥିବା ବିପଦ ପ୍ରସଙ୍ଗରେ ତାଙ୍କର ଦୀର୍ଘାୟୁ କାମନା କରି ଆଜି ବିଜେପି ତରଫରୁ ପ୍ରଭୁ ଶ୍ରୀ ଲିଙ୍ଗରାଜ ମନ୍ଦିରରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ରେଳ ଓ ସୁଚନା ବିଭାଗ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ,ରାଜ୍ୟ ସଭାପତି ସମୀର ମହାନ୍ତି, ରାଜ୍ୟ ସାଧାରଣ ସଂପାଦକ ଗୋଲକ ମହାପାତ୍ର, ଡ.ଲେଖାଶ୍ରୀ ସାମନ୍ତସିଂହାର, ରାଜ୍ୟ ମୁଖପାତ୍ର ଠାକୁର ରଣଜିତ୍ ଦାସ, ଜିଲ୍ଲା ସଭାପତି ବାବୁ ସିଂ, ମହିଳା ମୋର୍ଚ୍ଚା ଜିଲ୍ଲା ସଭାନେତ୍ରୀ ମନ୍ଦାକିନୀ ପାତ୍ର, ମଣ୍ଡଳ ସଭାପତି ସୁରେନ୍ଦ୍ର ପ୍ରଧାନଙ୍କ ସମେତ ବହୁ ସଂଖ୍ୟାରେ କାର୍ଯ୍ୟକର୍ତା ଉପସ୍ଥିତ ରହି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ଦୀର୍ଘାୟୁ କାମନା କରିଛନ୍ତି ।








## ଟି ଟାଇମ୍

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ । ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ । ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ । କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ । କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ଦେବଳକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ । ସେଥି ପାଇଁ ୧୯୨୯ ମସିହାରେ "ସାକ୍ଷୀଗୋପାଳନାଟକ ସଂଘ" ଓ ୧୯୩୯ରେ "ଓଡିଶା ଥିଏଟର୍ସ" ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ । ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ । ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର 'ଭରତ ମୁନି' ବୋଲି ମଧ୍ୟ କୁହାଯାଏ । ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ । ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି । କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ । କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ । ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନଓ୍ୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ । ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା । ଗୋବିନ୍ଦଚନ୍ଦ୍ର ଶୂଦଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା । ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶୋଧ । ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ । ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

# ପଂଚବଟୀ ରେ ରାମଚନ୍ଦ୍ର

ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ । ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ । ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ । ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ । ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା ।



# ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ

ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ । କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ । ତା' ପୁଣି ପତ୍ନୀ ଛାଡି ପଳାଇବାର ୧ବର୍ଷ ଭିତରେ । ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି । ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ



ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ । ୧ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି ।

# ସଉକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି

ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି । ହେଲେ ଟେକସାସ୍‌ରେ ରହୁଥିବା ଜଣେ ଦମ୍ପତି ନିଜର ଭ୍ରମଣ ସଉକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି । ଏହି ଦମ୍ପତ୍ତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି । ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍ । ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍



କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି । ପେଶାରେ ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍‌ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି । ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି । ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ । ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ । ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ ।

# ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର

ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ । ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି । ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା । ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା



ଏକ ହ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ । ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ । ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ । ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା । ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି ।

# ଚା'ପତି ବଦଳରେ କୀଟନାଶକ, ୨ମୃତ



ଭଭୁଆ ବିହାରର କେମୁ ଜିଲା କୁଡନି ଥାନାରେ ବିଷାକ୍ତ ଚା' ପିଇ ଦୁଇ ମହିଳାଙ୍କ ମୃତ୍ୟୁ ସହ ୬ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣାରେ ପ୍ରକୃତ ତଥ୍ୟ ପଦାକୁ ଆସିଛି । ଚା' ତିଆରି ସମୟରେ ଭୁଲ ବଶତଃ ଚା' ପତି ବଦଳରେ ପକାଯାଇଥିଲା କୀଟନାଶକ । ପୁଲିସର କହିବା ଅନୁସାରେ ସୋତବା ଗ୍ରାମର ଦଶବନ୍ତି ଦେବୀଙ୍କ ଘରକୁ ସୋମବାର କିଛି ଅତିଥି ଆସିଥିଲେ । ରାତ୍ର ଭୋଜନ ସରିବା ପରେ ସମସ୍ତଙ୍କ ପାଇଁ ଚା' ତିଆରି ହୋଇଥିଲା । ହେଲେ ରୋଷେଇ ଘରେ ଥିବା କୀଟନାଶକକୁ ଚା' ପତି ଭାବି ଜଣେ ମହିଳା ପକାଇ ଦେଇଥିଲେ । ଆଉ ଏହା ପିଇବା ପରେ ବିଳମ୍ବିତ ରାତିରେ ଦଶବନ୍ତି ଓ ତାଙ୍କ ଝିଅ ସୀତା କୁଅଁରଙ୍କ ମୃତ୍ୟୁ ହୋଇଥିଲା ।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟାର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

**ବୃଷ** — ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

# କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ରାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।




### —ପୂଣ୍ୟତିଥି ସ୍ମୃତି ଶ୍ରଦ୍ଧାଞ୍ଜଳି—

# ବାଲିପୁଟ ଗାନ୍ଧୀ ଗୋବିନ୍ଦ ତ୍ରିପାଠୀ: ଅନନ୍ୟ ଓ ଅବିସ୍ମରଣୀୟ ସଂଗ୍ରାମୀ, ଜନସେବକ

ଆ। ଜୀବନ ସଂଗ୍ରାମୀ ଉତ୍ସର୍ଗୀକୃତ ସମାଜସେବୀ ସ୍ୱର୍ଗତଃ ଗୋବିନ୍ଦ ତ୍ରିପାଠୀ (୪.୧୦.୧୯୨୦-୭.୧.୨୦୦୨)ଙ୍କ ତିରୋଧାନର ୨୦ ବର୍ଷ ପୁରିବାକୁ ଯାଉଛି। ତାଙ୍କ ସହ ମୋର ପରିଚୟ ପ୍ରାୟ ପଂଚାବନ ବର୍ଷର ପୁରୁଣା । ୧୯୬୭ରେ ମୋତେ ସତର ବର୍ଷ ବେଳକୁ ମୁଁ ଜଣେ ସାମ୍ବାଦିକ ଭାବେ ଖଣ୍ଡିଉଡା ଦେଉଥିଲି। ପୁରୀର ବହୁ ପ୍ରବୀଣ ସାମ୍ବାଦିକଙ୍କ ମେଳରେ ମୁଁ ଜଣେ ଅର୍ବାଚିନ ଥିଲେ ହେଁ ମୋ ନିଜ ହାତରେ ଏକ ପାକ୍ଷିକ ପତ୍ରିକା ଥିଲା। ପାକ୍ଷିକ "ଉତ୍ପଳ" ପ୍ରକାଶନ ପ୍ରଥମେ ଏକ ସାହିତ୍ୟିକ ଉଦ୍ୟମ ଥିଲା। ସେତେବେଳେ ମୁଁ ପୁରୀ କଲେଜର ଆଇଏଏସି ଛାତ୍ର। ମାଟ୍ରିକ ଏବଂ ଆଇଏସ୍‌ସି ପରୀକ୍ଷାରେ ଫାଷ୍ଟକ୍ଲାସ ପାଇଥିବାରୁ ପଢ଼ାପଢ଼ିରେ ଅଧିକ ମନୋନିବେଶ କରି ଡାକ୍ତର ଇଂଜିନିୟର କିମ୍ବା ପ୍ରଶାସକ ହେବି ବୋଲି ମୋର ପରିବାର ଏବଂ ବନ୍ଧୁସ୍ୱଜନମାନଙ୍କର ଇଚ୍ଛା ଥିଲା। ମୁଁ କିନ୍ତୁ ସାହିତ୍ୟ ଓ ଅନ୍ୟାନ୍ୟ ଲେଖାଲେଖି ଜରିଆରେ ଜନମତ ପ୍ରଭାବିତ କରିବା ମତଲବରେ ପତ୍ରିକା ପ୍ରକାଶନ ଆରମ୍ଭ କଲି। ସେ ଦୃଷ୍ଟିରୁ ସେତେବେଳର କଂଗ୍ରେସ, ସୋସାଲିଷ୍ଟ, କମ୍ୟୁନିଷ୍ଟ ନେତାମାନଙ୍କ ସହ ମୋର ବାରମ୍ବାର ଭେଟ ଏବଂ ରାଜନୈତିକ ପରିସ୍ଥିତି ବିଷୟରେ ଆଲୋଚନା ହେଉଥିଲା।

୧୯୬୭ରେ ଓଡିଶା ତଥା ଭାରତ ଇତିହାସରେ ଏକ ମୋଡ ବୁଲାଣି। ସ୍ୱାଧୀନତା ପରେ ନେହେରୁ ଏବଂ ୧୯୬୪ରେ ତାଙ୍କ ମୃତ୍ୟୁ ପରେ ବର୍ଷେ ଦେଢ଼ବର୍ଷ ଲାଲବାହାଦୂର ଶାସ୍ତ୍ରୀ ପ୍ରଧାନମନ୍ତ୍ରୀ ହେବା ପରେ ନେହେରୁ କନ୍ୟା ଶ୍ରୀମତୀ ଇନ୍ଦିରା ପ୍ରିୟଦର୍ଶିନୀ ପ୍ରଧାନମନ୍ତ୍ରୀ ହୋଇଥିଲେ ହେଁ ଦଳର ନେତାମାନଙ୍କର ତାଙ୍କ ଉପରେ ସଂପୂର୍ଣ୍ଣ ଆସ୍ଥା ନଥିଲା। ଏଣେ ଓଡିଶାରେ ୨୦ ବର୍ଷ ଧରି କଂଗ୍ରେସ ଦଳର ଶାସନରେ ରାଜ୍ୟର ବିଶେଷ ଉନ୍ନତି ନ ଘଟିବା ହେତୁ ରାଜ୍ୟରେ କଂଗ୍ରେସ ଦଳର ଲୋକପ୍ରିୟତା ହ୍ରାସ ପାଇ ଶେଷରେ ଜନରୋଷରେ ପରିବର୍ତ୍ତିତ ହୋଇଥାଏ। ଏଭଳି ଘଡିସନ୍ଧି ମୁହୂର୍ତ୍ତରେ ୧୯୬୭ର ଲୋକସଭା ଏବଂ ଓଡିଶା ବିଧାନସଭା ନିର୍ବାଚନ ଗଣମାଧ୍ୟମ ଚର୍ଚ୍ଚାରେ କେନ୍ଦ୍ରବିନ୍ଦୁ ପାଲଟିଥାଏ। ସେତେବଳେକୁ କଂଗ୍ରେସ ଦଳର ରାଜ୍ୟସ୍ତରୀୟ ବିଭାଜନ ଘଟି ଜନକଂଗ୍ରେସ ଦଳଗଢ଼ା ହୋଇ ସାରିଥିଲା। ପୁରୀର ବହୁ କଂଗ୍ରେସ ନେତା ଓ କର୍ମୀ ଜନକଂଗ୍ରେସରେ ଏବଂ ପରେ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଉତ୍କଳ କଂଗ୍ରେସରେ ଯୋଗଦେଇଥିଲେ।

କିନ୍ତୁ ଯେଉଁ କେତେଜଣ ନିଷ୍ଠାପର, ଗାନ୍ଧିବାଦୀ ସ୍ୱାଧୀନତା ସଂଗ୍ରାମୀ କଂଗ୍ରେସ ଦଳ ଛାଡିନଥିଲେ ସେମାନଙ୍କ ଭିତରେ ବାଲିପୁଟର ଗାନ୍ଧୀ ଗୋବିନ୍ଦ ତ୍ରିପାଠୀଙ୍କ ନାମ ଚିରସ୍ମରଣୀୟ। ୧୯୭୦ ବେଳକୁ ଆଡଭୋକେଟ୍ ବ୍ରଜ ମହାନ୍ତିଙ୍କ ବ୍ୟତୀତ ପୁରୀ ସହରର ଅଧିକାଂଶ କଂଗ୍ରେସ ନେତା କଂଗ୍ରେସ ଛାଡି ସାରିଥିଲେ। ଗଂଗାଧର ମହାପାତ୍ର ଉତ୍କଳ କଂଗ୍ରେସରେ ଯୋଗଦେଇ ବିଧାନସଭା ବିରୋଧିଦଳ ନେତା ହେବାର ଅଳ୍ପଦିନ ପରେ ୧୯୭୧ ମଧ୍ୟବର୍ତୀକାଳିନ ନିର୍ବାଚନରେ ହାରିଥିଲେ । ସେ ଓ ଲୋକସଭା ପରାଜିତ ପ୍ରାର୍ଥୀ ବିବୁଧେନ୍ଦୁ ମିଶ୍ର ବର୍ଷେ ଭିତରେ ପୁଣି କଂଗ୍ରେସକୁ ଫେରିଥିଲେ।

୧୯୬୦/୭୦ ଦଶକ ବେଳକୁ ଓଡିଶା ତଥା ଭାରତରେ ଅଧିକାଂଶ କଂଗ୍ରେସ ନେତା ପ୍ରଶାସନିକ କ୍ଷମତା ଓ ବୈଷୟିକ ସଂପତିର ମୋହ ଜର୍ଜରିତ ହୋଇଥିଲେ। ପୁରୀର ଯେଉଁ କେତେଜଣ ନିଷ୍ଠାପର, ନିସ୍ୱାର୍ଥ ନେତା ସେମାନଙ୍କର ତ୍ୟାଗ ଓ ଆଦର୍ଶକୁ ରାଜନୈତିକ ବ୍ୟବସାୟ ମଣ୍ଡିରେ ନିଲାମ କରିନଥିଲେ ସେମାନଙ୍କ ଭିତରୁ ଗୋବିନ୍ଦ ତ୍ରିପାଠୀଙ୍କ ନାମ ତାଲିକାର ଶୀର୍ଷରେ ରହିବ।

ପୁରୀ ନିକଟବର୍ତ୍ତୀ ଭାର୍ଗବୀ କୂଳରେ ଅବସ୍ଥିତ ବାଲିପୁଟ ଗ୍ରାମରେ ୧୯୨୦ ଅକ୍ଟୋବର ୪ରେ ଜନ୍ମିତ ଗୋବିନ୍ଦ ତ୍ରିପାଠୀ ଛାତ୍ରାବସ୍ଥାରୁ ନିଜର ମେଧା, ଆଦର୍ଶ ଓ ସଂଗଠନ କୁଶଳତାର ପରିଚୟ ଦେଇଥିଲେ। ତାଙ୍କ ବଡଭାଇ ଗଣେଶ୍ୱର ତ୍ରିପାଠୀ ମଧ୍ୟ ସେ ଅଂଚଳର ଜଣେ ସମାଜ ସଂସ୍କାରକ ଓ ଜନସେବକ ଥିଲେ। ଗୋବିନ୍ଦ ପୁରୀ ଜିଲ୍ଲା ସ୍କୁଲରୁ ମାଟ୍ରିକ୍ ପାଶ୍ ପରେ ରେଭେନ୍ସା କଲେଜରେ ପଢୁଥିବା ବେଳେ ପୁରୀ ଜିଲ୍ଲାର ସ୍ୱାଧୀନତା ସଂଗ୍ରାମୀ ନେତାମାନଙ୍କ ସଂସ୍ପର୍ଶରେ ଆସିଥିଲେ। ଉତ୍କଳମଣି ଗୋପବନ୍ଧୁଙ୍କ ଜନ୍ମସ୍ଥଳ ସୁଆଣ୍ଡୋରୁ ଅଳ୍ପଦୂରରେ ବାଲିପୁଟର ଅବସ୍ଥିତି ଯୋଗୁ ସେ ଗୋପବନ୍ଧୁ, ନୀଳକଣ୍ଠ ଓ ଆଚାର୍ଯ୍ୟ ହରିହରଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲେ।

ଆଚାର୍ଯ୍ୟଙ୍କ ପଟଶିଷ୍ୟ ଗୋବିନ୍ଦ ୧୯୪୨ରେ ଆରମ୍ଭ ହୋଇଥିବା ଭାରତ ଛାଡ ଆନ୍ଦୋଳନରେ ଯୋଗଦେଇ ଜେଲ ବରଣ କରିଥିଲେ। ସେତେବେଳକୁ ତାଙ୍କୁ ୨୨ ବର୍ଷ। ଭାରତ ଛାଡ ଆନ୍ଦୋଳନରେ ନେତୃତ୍ୱ ନେଇ ଗୋବିନ୍ଦ ଗଂଜାମ ଜିଲ୍ଲାର ଗୋପାଳପୁରରେ ଗିରଫ ହୋଇ ପ୍ରାୟ ଅଢ଼େଇ ବର୍ଷ ଜେଲରେ ରହିବା ପରେ ଖଲାସ ହୋଇଥିଲେ। ତେବେ କଟକ ଜିଲ୍ଲାର ଛତିଆରେ ଏକ ବୈଠକରେ ଯୋଗଦେଇଥିବା ବେଳେ ତାଙ୍କୁ ପୁଣିଥରେ ଗିରଫ କରି ସରକାର ବ୍ରହ୍ମପୁର ଜେଲ୍‌କୁ ପଠାଇଥିଲେ। ୧୯୪୪ ଜାନୁୟାରୀ ୨୪ ତାରିଖ ଦିନ ଗୋବିନ୍ଦଙ୍କ ନେତୃତ୍ୱରେ ପ୍ରାୟ ଦେଢ଼ଶହ ବନ୍ଦୀ କଂଗ୍ରେସ ପତାକା ଉତୋଳନ କରୁଥିବା ବେଳେ ସେମାନଙ୍କ ଉପରେ ଜେଲ କର୍ତ୍ତୃପକ୍ଷ ଲାଠି ଚାଳନା କରିଥିଲେ । ତ୍ରିପାଠୀଙ୍କ ସମେତ ଅନେକ ବନ୍ଦୀ ଏହି ଲାଠି ଚାଳନାରେ ଆହତ ହୋଇଥିଲେ। ପୁରୀ ଜିଲ୍ଲା କଂଗ୍ରେସର ଆଗଧାଡିର ନେତାଭାବେ ସ୍ୱର୍ଗତଃ ତ୍ରିପାଠୀ ଡିସିସିର ସଂପାଦକ ଓ ସଭାପତି ଦାୟିତ୍ୱ ଦୀର୍ଘ ସମୟ ଯାଏଁ ତୁଲାଇଥିଲେ। ସେ ମଧ୍ୟ ପୁରୀ ସଦର ପଂଚାୟତ ସମିତି ଅଧ୍ୟକ୍ଷଭାବେ ବହୁବର୍ଷ ଅବସ୍ଥାପିତ ଥିଲେ। ଆମ ଗାଁ କହ୍ନାଇ ବିଦ୍ୟାଧରପୁର ପୁରୀ ସଦର ବ୍ଲକର ଅନ୍ତର୍ଗତ ଥିବାରୁ ଅନେକ ଥର ସେ ଆମ ଗାଁକୁ ଆସିଛନ୍ତି। ମୋ ସଂପାଦିତ ଉତ୍ପଳ ପତ୍ରିକାର ପ୍ରଥମ ବର୍ଷ ପ୍ରାର୍ଥୀ ସଂଖ୍ୟାର ପ୍ରାର୍ଥୀ ପୃଷ୍ଠାରେ ଆଚାର୍ଯ୍ୟ ହରିହରଙ୍କ 'ଆଶୀର୍ବଚନ' ପ୍ରକାଶ ପାଇଥିବାରୁ ଗୋବିନ୍ଦବାବୁ ଅତ୍ୟନ୍ତ ଆନନ୍ଦ ପ୍ରକାଶ କରି ସାମ୍ବାଦିକତା କ୍ଷେତ୍ରରେ ମୁଁ ସୁନାମ ଅର୍ଜନ କରିବି ବୋଲି ଆଶୀର୍ବାଦ ଭବିଷ୍ୟବାଣୀ ଶୁଣାଇଥିଲେ। ୫୦/୬୦ ବର୍ଷ ତଳର ସେ ପାରିବାରିକ ସଂପର୍କରେ ୧୯୮୦ ଦଶକରେ ଆନୁଷ୍ଠାନିକ ସ୍ୱୀକୃତିର ମୋହର ବାଜିଲା, ଯେତେବେଳେ ତାଙ୍କ ପୁତୁରା (ଗଣେଶ୍ୱର ତ୍ରିପାଠୀଙ୍କ ସାନପୁଅ) ମୁକୁନ୍ଦ ମୋର ଷଢ଼ୁ ହୋଇଥିଲେ। ଗୋବିନ୍ଦଙ୍କ ସାନଜ୍ୱାଇଁ ଡ. ବିପିନାନନ୍ଦ ମିଶ୍ର ମଧ୍ୟ ମୋର ସାନ ଭାଇ ଭଳି। ମୁଁ ଖଣ୍ଡପଡାରେ ଅଜାଘରେ ରହି ମାଟ୍ରିକ୍ ପଢୁଥିଲି, ଖଣ୍ଡପଡା ଜନ୍ମିତ ବିପିନ ମଧ୍ୟ ଅମାରି ରାମଚନ୍ଦ୍ର ହାଇସ୍କୁଲରେ ଛାତ୍ର ଥିଲେ କିଛିବର୍ଷ। ଗୋବିନ୍ଦଙ୍କ ଦୁଇ ପୁଅ ଇଂ ବିଜୟ ଓ ଅଜୟଙ୍କ ସହିତ ମୋର ପରିଚୟ ଥିଲେ ହେଁ ବୟସର ପାର୍ଥକ୍ୟ ଦୃଷ୍ଟିରୁ ଘନିଷ୍ଠତା ନାହିଁ। ତାଙ୍କ ବଡଜ୍ୱାଇଁ ବ୍ରଜସୁନ୍ଦର ମିଶ୍ରଙ୍କ ପିତା ଗୋବିନ୍ଦ କବିରାଜ ଉତର ଦ୍ୱାରରେ ନିଜର ଚିକିତ୍ସା କେନ୍ଦ୍ର ଓ ଔଷଧ ଦୋକାନ ଚଳାଉଥିଲେ ମୋ ପିଲାଦିନେ। ସଂଯୋଗବଶତଃ ଦୁଇ ସମ୍ବନ୍ଧିଙ୍କର ଏକା ନାଁ। ( ଗୋବିନ୍ଦ ତ୍ରିପାଠୀ )। ଗୋବିନ୍ଦଙ୍କ ଜ୍ୟେଷ୍ଠ ଭ୍ରାତୃସୁତ୍ର ଗୋପାଳ ତ୍ରିପାଠୀ ପୁରୀ କଲେଜରେ ମୋର ତିନି/ଚାରି ବର୍ଷ ସିନିୟର ଥିଲେ। ଆଇଏଏସ୍ ପାଇବା ପରେ ସେ ମହାରାଷ୍ଟ୍ର କ୍ୟାଡରରେ ପ୍ରବେଶ କରି ସେ ରାଜ୍ୟର ବିଭିନ୍ନ ଉଚ୍ଚ ପ୍ରଶାସନିକ ପଦପଦବୀରେ ଦାୟିତ୍ୱ ତୁଲାଇବା ପରେ ମୁଖ୍ୟ ସଚିବ ପାହ୍ୟାରେ ଅବସର ଗ୍ରହଣ କରିଛନ୍ତି। ଗୋପାଳଙ୍କ ପତ୍ନୀ ଡ. କାନନିକା ମଧ୍ୟ ବମ୍ବେର ଜଣେ ପ୍ରତିଷ୍ଠିତ ସମାଜ ସେବିକା। ଓଡିଆ ମହିଳା ସମାଜର ସେ ସଭାନେତ୍ରୀ ଭାବେ ଦୀର୍ଘ ସମୟ ଦାୟିତ୍ୱ ତୁଲାଇ ଆସିଛନ୍ତି। ଗୋପାଳ ଭାଇନା ଜଣେ ସୁଲେଖକ ଏବଂ ନାଟ୍ୟକାର। ପ୍ରାୟ ପ୍ରତ୍ୟେକ ବର୍ଷ ବମ୍ବେ ଓଡିଆ ମହିଳା ସଂଘର ବାର୍ଷିକୋତ୍ସବରେ ଗୋପାଳ ତ୍ରିପାଠୀଙ୍କ ଲିଖିତ ନାଟକ/ ଏକାଙ୍କିକା କାର୍ଯ୍ୟକ୍ରମରେ ପରିବେଷିତ ହେଉଥିଲା। ଗୋବିନ୍ଦ ତ୍ରିପାଠୀ ଅନ୍ୟ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଭଳି ନିଜ ଆଦର୍ଶ ଦାୟିତ୍ୱବୋଧ ଓ ତ୍ୟାଗକୁ ବନ୍ଧା ପକାଇ ସଂପତି ଠୁଳ କରି ପାରି ନଥିଲେ। କିନ୍ତୁ ତାଙ୍କର ପୁଅ, ପୁତୁରା, ଜ୍ୱାଇଁ ନିଜ ନିଜ ବୃତିରେ ପ୍ରତିଷ୍ଠା ଓ ସୁନାମ ଅର୍ଜନ କରି ପ୍ରମାଣ କରିଛନ୍ତି ଯେ ନିଃସ୍ୱାର୍ଥପର ସେବାର ଆଦର୍ଶ କେବେ ନିଷ୍ଫଳ ଯାଇନି। ଆଜି ତାଙ୍କର ପୂଣ୍ୟତିଥିରେ ମୁଁ ତାଙ୍କର ଆତ୍ମାର ଆଶୀର୍ବାଦ କାମନା କରିବା ସଂଗେ ସଂଗେ ତାଙ୍କର ନିଷ୍ଠା, ତ୍ୟାଗ ଓ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ନୂଆପିଢ଼ୀର ନେତାମାନଙ୍କୁ ଆହ୍ୱାନ କରୁଛି ।

**ଚିତରଂଜନ ମିଶ୍ର, କହ୍ନାଇ ବିଦ୍ୟାଧରପୁର, ପ୍ରଗଣା-ରାହାଙ୍ଗ-୭୫୨୦୧୨, email--<misraglobal@gmail.com**

# କରୋନା କଟକଣାରେ ସରିଲା ନୂଆବର୍ଷ



କରୋନା କରୁଛି କଲବଲ। ଅସ୍ତବ୍ୟସ୍ତ ହେଉଛି ଜୀବନ। ଜୀବନ ପାଇଁ ଚାଲିଛି ବିଶ୍ୱବ୍ୟାପୀ ସଂଘର୍ଷ ଏହି ମହାମାରୀ ପାଇଁ ଟୀକା ବା ପ୍ରତିଷେଧକ ବାହାରି ସାରିଛି, ଟିକାକରଣ ମଧ ପର୍ଯ୍ୟାୟକ୍ରମେ ଚାଲିଛି। ଏବେ ପୁଣି କିଶୋରମାନଙ୍କୁ ଟିକାକରଣ ଦେବା ଆରମ୍ଭ ହୋଇଛି। ଏସବୁ ସତ୍ତ୍ୱେ କରୋନା ତାର ରୂପ ବଦାଳାଇଚାଲିଛି। ଡେଲଟା ପରେ ଏବେ ଓମିକ୍ରନ୍‌ର ଭୟ। ସଂକ୍ରମଣ ବଢି ବଢି ଚାଲିଛି। ଏଥିପାଇଁ ବୁଷ୍ଟର ଡୋଜ୍‌ର ଆବଶ୍ୟକତା ରହିଛି। ଓମିକ୍ରନ୍ ପାଇଁ ନାଇଟ୍ କର୍ଫ୍ୟୁକୁ ଲାଗୁ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଟିକାକରଣ ବଢିବା ଦ୍ୱାରା ସଂକ୍ରମଣ ବଢିଲେ ବି ମୃତ୍ୟୁସଂଖ୍ୟା ବଢିବନି ବୋଲି କୁହାଯାଉଛି। ତେଣୁ ଯୁବବର୍ଗ ଓ ପିଲାମାନଙ୍କୁ ଟିକାକରଣରେ ଶିଘ୍ର ସାମିଲ୍ କରାଯିବା ଉପରେ ଗୁରୁତ୍ୱ ଦେବା ଜରୁରୀ ମନେହୁଏ। ଏହି ମହାମାରୀର ପ୍ରତିକୂଳ ପ୍ରଭାବ ଅର୍ଥବ୍ୟବସ୍ଥାର ବିଭିନ୍ନ କ୍ଷେତ୍ର, ଶିଳ୍ପ, କୃଷି, ସ୍ୱାସ୍ଥ୍ୟ ଓ ଶିକ୍ଷା ଉପରେ ସ୍ପଷ୍ଟ ବାରି ହୋଇପଡିଛି। ଖାଲି ସେତିକି ନୁହେଁ, କରୋନାର ପ୍ରଭାବ ଯୋଗୁଁ ପର୍ବପର୍ବାଣିର ଚମକ ହଜିଯାଉଛି ଓ ପରମ୍ପରା ବଦଳିଯାଉଛି।

ଏଠାରେ ସୂଚନାଯୋଗ୍ୟ ଯେ, ଗଣେଶ ପୂଜାରୁ ଓଡିଆ ଶାରଦୀୟ ପାର୍ବଣ ଋତୁ ଆରମ୍ଭ ହୋଇ ଦୀପାବଳୀ ଯାଏ ଲମ୍ବିଥାଏ। ଏବର୍ଷ କିନ୍ତୁ ଗଣେଶ ପୂଜାରେ କେଉଁଠି ଆନନ୍ଦ-ଉଲ୍ଲାସ ନଥିଲା। ଚାରିଆଡେ ଖାଁ ଖାଁ ପରିବେଶ। ସତେ ଯେମିତି କୌଣସି ଏକ ଅଜଣା ଭୟ ଘାରିରହିଛି ସମସ୍ତଙ୍କୁ। ମଉଜ-ମଜଲିସ୍, ହସ-ଖୁସି, ଆନନ୍ଦ-ଉଲ୍ଲାସ ଛଡାଇ ନେଇଛି ଏକ ଅଜଣା ଆତଙ୍କ। ଜୀବନ ପାଖରେ ଏସବୁ ବଳି ପଡିଛି। ଚଳିତ ବର୍ଷ କରୋନା ସଂକ୍ରମଣକୁ ରୋକିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପାର୍ବଣ ଉପରେ ଲଗାଇଛନ୍ତି ରୋକ୍। ଯାହାଫଳରେ ପର୍ବପର୍ବାଣି ପାଳନ ଉପରେ ଏହାର ପ୍ରଭାବ ବେଶ ବାରିହୋଇପଡୁଛି। ଆମ ଦେଶରେ ମହାରାଷ୍ଟ୍ର, ଗୋଆ, କର୍ଣ୍ଣାଟକ, କୋଲକତା, ଗୁଜରାଟ, ଛତିଶଗଡ ଓ ଅନ୍ୟାନ୍ୟ ରାଜ୍ୟମାନଙ୍କରେ ଗଣେଶ ପୂଜା ମଧ ଆଡମ୍ବର ସହକାରେ ପାଳନ କରାଯାଏ। ସେହିପରି ଆମ ରାଜ୍ୟରେ ଭୁବନେଶ୍ୱର, ପୁରୀ, କଟକ, ଖୋର୍ଦ୍ଧା, ବ୍ରହ୍ମପୁର, ରାଉଲକେଲା, କେନ୍ଦ୍ରାପଡା, ଭଦ୍ରକ, ଜଗତସିଂପୁର ତଥା ଅନ୍ୟ ଜିଲ୍ଲାମାନଙ୍କରେ ଗଣେଶ ପୂଜା ଜାକଜମକରେ ପାଳିତ ହୋଇଥାଏ। କରାନା କଟକଣା ଯୋଗୁଁ ଏବର୍ଷ ସର୍ବସାଧାରଣରେ କୌଣସି ଅନୁଷ୍ଠାନ ପୂଜା କରିବା ଉପରେ ପ୍ରତିବନ୍ଧକ ଲଗାଯାଇଛି। ଏବର୍ଷ ଗଣେଶ ପୂଜା କେବଳ ବିଧିବିଧାନରେ ସୀମିତ ରହଲା। ତେଣୁ ଗଣେଶ ପୂଜାକୁ ଆଉ ପୂର୍ବଭଳି ଏବର୍ଷ ଆନନ୍ଦ ଉଲ୍ଲାସରେ ପାଳନ ହୋଇପାରିଲାନାହିଁ। ସେହିପରି ଗତ ସେପ୍ଟେମ୍ବର ପାଞ୍ଚ ତାରିଖରେ ଗୁରୁଦିବସ ମଧ କରୋନା କଟକଣାରୁ ବାଦ୍ ପଡିଲାନି। ବିଗତ ଦିନରେ ରଙ୍ଗର ପର୍ବ ହୋଲିଠାରୁ ଆରମ୍ଭ ହୋଇଛି ଏହି କଟକଣା। ଏଥିସହିତ ଦଣ୍ଡଯାତ୍ରା, ବିଷୁବ ସଂକ୍ରାନ୍ତି, ଇଦ୍ ମଧ ଏଥିରୁ ବାଦ୍ ପଡିନଥିଲା। ଏପରିକି ବିଶ୍ୱପ୍ରସିଦ୍ଧ ରଥଯାତ୍ରା କରୋନା କଟକଣାରୁ ମୁକ୍ତ ହୋଇପାରି ନ ଥିଲା। ଶେଷରେ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ଫଳରେ ସମ୍ପୂର୍ଣ୍ଣ କଟକଣା ଭିତରେ ବିନା ଭକ୍ତରେ ଶେଷ ହୋଇଥିଲା ଜଗାକାଳିଆର ଘୋଷଯାତ୍ରା। ସେହିପରି ଆଗକୁ ଆସିଥିବା ସାର୍ବଜନୀନ ଦୁର୍ଗାପୂଜାକୁ ମଧ ଗତବର୍ଷ କରୋନା ମହାମାରୀ ଓଲଟପାଲଟ କରିଦେଲା ଓ ସେହିପରି କରୋନା କଟକଣା ମଧ୍ୟରେ ଶାରଦୀୟ ଦୁର୍ଗାପୂଜା ଶେଷ ହୋଇଥିଲା। ମା' ଚୁପ୍‌ଚାପ୍ ଆସିଲେ ଓ ଗଲେ। ବିଭିନ୍ନ ପୀଠ ଓ ମଣ୍ଡପରେ ମା'ଙ୍କ ପୂଜା ବିଧିରକ୍ଷା ପାଇଁ ଅନୁଷ୍ଠିତ ହୋଇଥିଲା। ତୋରଣ କି ଆଲୋକସଜ୍ଜା ନାହିଁ। କେବଳ ମଣ୍ଡପରେ ଯାହା ମା'ଙ୍କୁ ଆବାହନ କରାଯାଇଥିଲା ତାହା ପୁଣି କରୋନା କଟକଣା ଭିତରେ। ପାଞ୍ଚଜଣରୁ ଅଧିକ କର୍ମକର୍ତ୍ତା ମଣ୍ଡପରେ ରହିବା ଉପରେ କଟକଣା ଜାରି କରାଯାଇଥିଲା। ପ୍ରତିବର୍ଷ ଦଶହରା ପାଇଁ ଚଳଚଞ୍ଚଳ ହୋଇ ଉଠୁଥିବା କଟକ ଓ ଭୁବନେଶ୍ୱର ସହରରେ ଏଥର ଦଶହରାରେ ଥିଲା ଅସମ୍ଭବ ନୀରବତା। ରାସ୍ତାଘାଟ ଜନଶୂନ୍ୟ, ପୂଜାମଣ୍ଡପ ଖାଁ ଖାଁ ଲାଗୁଥିଲା। ବାଜା କି ମାଇକ୍ ବାଜୁ ନ ଥିଲା ବା ଉଜ୍ଜ୍ୱଳ ଆଲୋକମାଳାରେ ତୋରଣ ଝଲସୁ ନ ଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ କୁମାର ପୂର୍ଣ୍ଣିମା ୩୧ ଅକ୍ଟୋବର, ଦୀପାବଳୀ ୧୪ ନଭେମ୍ବର ଉତ୍ସବ ମହାମାରୀଜନିତ ଦୃଢ଼କଟକଣା ଯୋଗୁଁ ପୂର୍ବବର୍ଷମାନଙ୍କ ଭଳି ସ୍ୱାଭାବିକ ରୀତିରେ ପାଳିତ ହେବା ସମ୍ଭବପର ନଥିଲା।

ପବିତ୍ର କାର୍ତ୍ତିକ ମାସ ଧର୍ମ ମାସ ରୂପେ ପରିଚିତ। ଏହି ମାସରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ହଜାର ହଜାର ହବିଷ୍ୟାଳି ଆସି ଶ୍ରୀକ୍ଷେତ୍ରରେ କାର୍ତ୍ତିକ ବ୍ରତ ପାଳନ କରିଥାନ୍ତି। କିଛିବର୍ଷ ହେଲା ସରକାରଙ୍କ ପକ୍ଷରୁ ହବିଷ୍ୟାଳିମାନଙ୍କୁ ଆତିଥ୍ୟ ପ୍ରଦାନ ଯୋଗୁଁ ରାଜ୍ୟର କୋଣଅନୁକୋଣରୁ ହବିଷ୍ୟାଳିଙ୍କ ସ୍ରୋତ ଛୁଟିଥିଲା । କାର୍ତ୍ତିକ ମାସ ସାରା ପୁରୀରେ ସୃଷ୍ଟି ହୋଇଥିଲା ପବିତ୍ର ଆଧାତ୍ମିକ ପରିବେଶ। ହବିଷ୍ୟାଳି ସମାଗମରେ ମୁଖରିତ ହୋଇ ଉଠିଥିଲା ଶ୍ରୀକ୍ଷେତ୍ର । ହବିଷ୍ୟାଳିମାନେ ପ୍ରତ୍ୟହ ପ୍ରତ୍ୟୁଷରୁ ବିଭିନ୍ନ ତୀର୍ଥ ପୁଷ୍କରିଣୀରେ ସ୍ନାନ କରିବା ସହ ନିଜେ ଅବସ୍ଥାନ କରୁଥିବା ସ୍ଥାନ ଓ ମହୋଦଧି ତଟରେ ମୁରୁଜ ପକାଇ ବୃନ୍ଦାବତୀ ସ୍ଥାପନା କରି ରାଧାଦାମୋଦର ପୂଜା କରିଥିଲେ। କିନ୍ତୁ କୋଭିଡ ଯୋଗୁଁ ଗତ ବର୍ଷ ପୁରୀରେ ହବିଷ୍ୟାଳିମାନଙ୍କର ଭିଡ ଦେଖିବାକୁ ମିଳି ନ ଥିଲା। ଦୀର୍ଘ ୨୬ବର୍ଷ ପରେ ନଭେମ୍ବର ୨୭ରେ ହୋଇଥିଲା ମହାପ୍ରଭୁଙ୍କ ଦୁର୍ଲଭ ନାଗାର୍ଜୁନ ବେଶ। ଏହି ବେଶକୁ ନେଇ ଦୀର୍ଘ ଦିନଧରି କଳ୍ପନାଜଳ୍ପନା ଲାଗି ରହିଥିଲା। କୋଭିଡ କଟକଣା ପାଇଁ ଦୀର୍ଘ ୭ମାସ ହେଲା ମନ୍ଦିର ବନ୍ଦ ରହିଥିଲା। ତେଣୁ ଭକ୍ତମାନେ ଉତ୍କଣ୍ଠାର ସହ ନାଗାର୍ଜୁନ ବେଶ ଦର୍ଶନ ପାଇଁ ପ୍ରତୀକ୍ଷା କରି ରହିଥିଲେ। କିନ୍ତୁ ଏଥର କେବଳ ବିଧି ଅନୁଯାୟୀ ଶ୍ରୀଜୀଉମାନଙ୍କୁ ନାଗାର୍ଜୁନ ବେଶ କରାଯାଇଥିଲା ଏବଂ ଭକ୍ତମାନଙ୍କୁ ଏହି ଦୁର୍ଲଭ ବେଶ ଦର୍ଶନର ସୁଯୋଗ ମିଳି ନଥିଲା।



ଗତବର୍ଷ କଟକରେ ହୋଇନଥିଲା ପ୍ରସିଦ୍ଧ ବାଲିଯାତ୍ରା। ଏନେଇ ପୂର୍ବରୁ ସୂଚନା ଦେଇଥିଲେ କଟକ ଜିଲ୍ଲାପାଳ ଭବାନିଶଙ୍କର ଚୟନି। ସେ କହିଥିଲେ ଯେ, କୋଭିଡ ସ୍ଥିତିକୁ ଦେଖି ବାଲିଯାତ୍ରା ପାଇଁ ଅନୁମତି ମିଳିପାରି ନ ନଥିଲା। ଏଭଳି ଏକ ଆୟୋଜନ କରିବା କଷ୍ଟକର ବୋଲି ସେ କହିଥିଲେ। ଏହାଛଡା ପାରାଦ୍ୱୀପଠାରୁ ଆରମ୍ଭ କରି ଚିଲିକା ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ହେଉଥିବା ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ବି ଏବର୍ଷ ଫିକା ପଡିଯାଇଥିଲା। ସେହିପରି ଧବଳେଶ୍ୱରରେ ବି ବଡଓଷା ଉତ୍ସବ ପାଳନକୁ ଅନୁମତି ଦିଆଯାଇ ନ ଥିଲା। ବଡଓଷା ନୀତି ପାଳନ ହେଲା କିନ୍ତୁ ଲୋକଙ୍କୁ ମନ୍ଦିର ଯିବାକୁ ମନାହୋଇଥିଲା। ଏପରିକି ଗତବର୍ଷ ଢେଙ୍କାନାଳ ଜିଲ୍ଲାର ଐତିହାସିକ ଭୁବନ ବଳଦ ଯାତ୍ରା ମଧ ଏଥିରୁ ବାଦ୍ ପଡୁନଥିଲା। କେଉଁ ଆବହମାନ କାଳରୁ ଢେଙ୍କାନାଳ ଜିଲ୍ଲା ତଥା ଏସିଆ ମହାଦେଶର ସର୍ବବୃହତମ ଗ୍ରାମ ଭୁବନରେ ଥୋରିଆ ସମାଜ ପରମ୍ପରାରେ କରୋନା କଟକଣା ଆଣିଥିଲା ପରିବର୍ତ୍ତନ । କେବଳ ପରମ୍ପରାକୁ ରକ୍ଷାକରିବା ପାଇଁ ପ୍ରଶାସନ ଥୋରିଆ ସମାଜ ତଥା ଭୁବନ ଗ୍ରାମବାସୀଙ୍କୁ ନେଇ ଆୟୋଜିତ ଶାନ୍ତି କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିଲା। କେବଳ ସେତିକି ନୁହେଁ, କରୋନା ମାଡରେ ବଡଦିନ ଓ ନୂଆବର୍ଷ ପାଳନ ମଧ ଫିକା ପଡିଯାଇଥିଲା। ମୋଟାମୋଟି ଭାବେ ଓଡିଶାରେ ଯେତେ ପର୍ବପର୍ବାଣି ଅନୁଷ୍ଠିତ ହୋଇଥାଏ ସେଗୁଡିକ କୋଭିଡ କଟକଣା ଦୃଷ୍ଟିରୁ ଧୂମଧାମରେ ଗତବର୍ଷ ବି ପାଳିତ ହୋଇପାରିନାହିଁ। କରୋନା ପାଇଁ ସବୁ ବର୍ଗର ଲୋକ ଯନ୍ତ୍ରଣା ପାଇ ଛଟପଟ ହେଉଛନ୍ତି। ଏଥର ଶାରଦୀୟ ପର୍ବପର୍ବାଣି ବିଶେଷ କରି ବଡଦିନ ଓ ନୂଆବର୍ଷ୨୦୨୨-ପାଳନରେ ମଧ ବ୍ୟତିକ୍ରମ ଦେଖାଯାଇଛି। ଗତବର୍ଷ ପରି ଚଳିତ ବର୍ଷ ବି ଡିସେମ୍ବର ୨୫ରୁ ଜାନୁୟାରୀ ୨ ପର୍ଯ୍ୟନ୍ତ ଗହଳି ନକରିବାପାଇଁ କଟକଣା କରାଯାଇଥିଲା। ଏପରିକି ନୂଆବର୍ଷ ପାଇଁ ଜିରୋ ନାଇଟ୍ ସେଲିବ୍ରେସନ୍ ଉପରେ ରୋକ୍ ଲଗାଯାଇଥିଲା। ଆନ୍ତର୍ଜାତିକ ସ୍ତରରେ ଏହି କରୋନା ପ୍ରାୟ ଦେଢବର୍ଷରୁ ଉର୍ଦ୍ଧ୍ୱ ସମୟଧରି ଆତଙ୍କିତ କରିରଖିଛି। ଏହାର ପ୍ରଭାବ ଅନ୍ୟାନ୍ୟ କ୍ଷେତ୍ର ସହିତ ଚଳିତ ବର୍ଷର ପାର୍ବଣ ଋତୁରେ ପଡୁଥିବା ପର୍ବମାନଙ୍କ ଉପରେ ଯଥେଷ୍ଟ ପରିଲକ୍ଷିତ ହୋଇଛି। ଫଳରେ କରୋନା ବଦଳାଇ ଦେଇଛି ଆମ ସଂସ୍କୃତି ଓ ପରମ୍ପରା। ଏଇଠି ମନେପଡୁଛି ୧୦୦ବର୍ଷ ତଳର ଦୁଇ ବର୍ଷିଆ ସ୍ପାନିସ୍ ଫ୍ଲୁ'ର କଥା । ସେହି ସମୟରେ ମଧ ଏଭଳି ପରିସ୍ଥିତି ସୃଷ୍ଟି ହେଇଥିଲା ଚଳିତ ବର୍ଷ ସେହି ଇତିହାସର ପୁନରାବୃତ୍ତି ଘଟିଥିଲା। ଏବେ ପୁଣି କରୋନାର ନୂଆ ଭାଇରସ୍ ଓମିକ୍ରନ୍‌ଙ୍କୁ ନେଇ ବିଶ୍ୱବାସୀଙ୍କ ଚିନ୍ତା ବଢ଼ିଯାଇଛି। ଦିଲ୍ଲୀ, ମୁମ୍ବାଇ କୋଲକାତାରେ ମାଡିଲାଣି ଓମିକ୍ରନ୍। ଆମ ରାଜ୍ୟ ମଧ ତୃତୀୟ ଲହର ଆଡକୁ ମୁହାଁଇଲାଣି। ଏକଥାକୁ ଦୃଷ୍ଟିରେ ରଖି ସର୍ତକ କଲେଣି ସ୍ୱାସ୍ଥ୍ୟ ଓ ଅର୍ଥନୀତି ବିଶେଷଜ୍ଞ। ଏଥିପାଇଁ ଆମକୁ ସତର୍କ ଓ ସଚେତନ ରହିବାକୁ ପଡିବ।

**ହିମାଂଶୁଶେଖର ଆଚାର୍ଯ୍ୟ**
ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର,
ମୋ-୯୯୩୭୧୫୧୦୫୨

## ଓଡିଶା ସରକାର ଓ ଓଡିଶା କଳିଂ ଫାଉଣ୍ଡେସନ ପକ୍ଷରୁ ପ୍ରଶିକ୍ଷଣ ଶିବିର



ଭୁବନେଶ୍ୱର (ପିଏନ୍)-ରାଜଧାନୀରେ ସଡକ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା ବଢି ବଢି ଚାଲିଛି। ରାସ୍ତାରେ ଦୁର୍ଘଟଣା ଘଟି ଲୋକମାନେ ଛଟପଟ ହେଉଥିଲେ ମଧ ଆମ୍ବୁଲାନ୍ସ କିମ୍ବା ପିସିଆର ପହଞ୍ଚିବା ବିଳମ୍ବ ହେତୁ ଅନେକ ଜୀବନ ବଞ୍ଚାଇବାରେ ସମସ୍ୟା ଦେଖାଦେଉଛି। ରାସ୍ତାର ସାଥି ଅଟୋ ଚାଳକମାନେ ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ତୁରନ୍ତ ଉଠାଇ ଡାକ୍ତରଖାନାରେ ପହଞ୍ଚାଇବା ସହିତ କେମିତି ସେବା ଯୋଗାଇଦେବେ ସେ ବିଷୟରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି।

ଓଡିଶା ସରକାର ଓ ଓଡିଶା କଳିଂ ଫାଉଣ୍ଡେସନର ମିଳିତ ପ୍ରଚେଷ୍ଟାରେ ଏବଂ ଅଟୋ ମହାସଂଘର ସହଯୋଗରେ ଲୋହିଆ ଏକାଡେମୀଠାରେ ଅଟୋ ଚାଳକ ପ୍ରଶିକ୍ଷଣ ଶିବିର ଚାଲୁରହିଛି। ଏଥିରେ ଅଟୋ ଚାଳକମାନେ କେମିତି ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ଉଠାଇବା ସହିତ ପ୍ରାଥମିକ ଚିକିତ୍ସା କରି ଡାକ୍ତରଖାନାରେ ପହଞ୍ଚାଇବେ ସେ ଉପରେ ତିନି ଘଣ୍ଟିଆ ପ୍ରଶିକ୍ଷଣ ଦିଆଯାଇଛି। ନଭେମ୍ବର ୧୨ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ଅଦ୍ୟାବଧି ନଅଶହରୁ ଉର୍ଦ୍ଧ୍ୱ ଚାଳକ ପ୍ରଶିକ୍ଷଣ ନେଇ ସାରିଛନ୍ତି। ସେଫ ଇଣ୍ଡିଆର ସଭାପତି ଦିଲ୍ଲିପ ପଣ୍ଡା ସଡକ ସୁରକ୍ଷା ଉପରେ ପ୍ରଶିକ୍ଷଣ ଦେଉଥିବାବେଳେ ନିଖିଲ କୁମାର ପୃଷ୍ଟି ଓ ଦୀପକ କୁମାର ଜେନା ପ୍ରାଥମିକ ଚିକିତ୍ସା ଉପରେ ପ୍ରଶିକ୍ଷଣ ଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପରିବହନ ଅଧିକାରୀ-୨ ବିରଞ୍ଚି ନାରାୟଣ ଅଧିକାରୀ ଯୋଗଦେଇ ଚାଳକମାନଙ୍କୁ ସଡକ ସୁରକ୍ଷା ସମ୍ବନ୍ଧରେ କହିବା ସହିତ ଶୃଂଖଳିତ ଗାଡିଚାଳନା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ଅଟୋ ମହାସଂଘର ସାଧାରଣ ସମ୍ପାଦକ ପଦ୍ମନ କୁମାର ସାମଲ ଯୋଗ ଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଓଡିଶା କଳିଂର ସମ୍ପାଦକ ଦେବୁ ନାୟକ ପରିଚାଳନା କରିଥିଲେ।

## ଜଗତସିଂହପୁର ଜିଲ୍ଲାରୁ ଜଣେ ଓମିକ୍ରନ୍ ଚିହ୍ନଟ

ପାରାଦୀପ (ପିଏନ୍)-ମହାମାରୀ କରୋନାର ଭୟ ଲୋକଙ୍କ ମନରୁ ନଯାଉଣୁ ଏବେ ଚିନ୍ତା ବଢେଇଲାଣି କରୋନାର ନୂଆ ଭାରିଆଣ୍ଟ ଓମିକ୍ରନ୍ । ରାଜ୍ୟର ଉପକୂଳବର୍ତ୍ତୀ ଜିଲ୍ଲା ଜଗତସିଂହପୁରରୁ ଜଣେ ବିଦେଶ ଫେରନ୍ତା ଓମିକ୍ରନ୍ ଚିହ୍ନଟ ହେବା ପରେ ଜିଲ୍ଲାବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି । ସଂପୃକ୍ତ ଯୁବକ ବିଦେଶରୁ ଫେରିବା ପରେ ତାଙ୍କର ନମୁନା ପରୀକ୍ଷଣ ହୋଇଥିଲା । ଯେଉଁଥିରୁ ସେ କରୋନା ସଂକ୍ରମିତ ଜଣାପଡିବା ସହ ସେ ଓମିକ୍ରନ୍ ସଂକ୍ରମିତ ଥିବା ଜଣାପଡିଛି । ଜିଲ୍ଲାର ଅନ୍ୟତମ ସ୍ପର୍ଶକାତର ଅଂଚଳ ହେଉଛି ବନ୍ଦର ସହର ପାରାଦୀପ। ଏଠାକୁ ପ୍ରତିଦିନ ରାଜ୍ୟ ତଥା ରାଜ୍ୟ ବାହାରରୁ ବହୁ ବ୍ୟକ୍ତି ଆସିଥାନ୍ତି । ପାରାଦୀପର ବିଭିନ୍ନ ଶିଳ୍ପସଂସ୍ଥାରେ ସେମାନେ କାମ ମଧ କରିଥାନ୍ତି। ଓମିକ୍ରନ୍ ସଂକ୍ରମଣ ରୋକିବା ପାଇଁ ପ୍ରଶାସନ ଏବେଠାରୁ ଆଗୁଆ ପଦକ୍ଷେପ ନେଲେ ସଂକ୍ରମଣକୁ ରୋକାଯାଇପାରିବ । କରୋନାର ପ୍ରଥମ ଓ ଦ୍ୱିତୀୟ ଲହର ସମୟରେ ପାରାଦୀପ ରିଫାଇନାରୀରେ ଶହ ଶହ ସଂଖ୍ୟାରେ ବାହାର ରାଜ୍ୟର ଲୋକମାନେ ଆସି କାମ କରିଥିଲେ । ରିଫାଇନାରୀର ସଟ୍ ଡାଉନ୍ ସମୟରେ ଆସିଥିବା ଏହି ବାହାର ରାଜ୍ୟର ଶ୍ରମିକମାନଙ୍କ ପାଇଁ ସ୍ଥାନୀୟ ଅଂଚଳରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା । ଆଗୁଆ ପଦକ୍ଷେପ ସ୍ୱରୂପ ରାଜ୍ୟ ସରକାର ସବୁ ସ୍କୁଲଗୁଡିକରେ ଟି.ଏମ୍.ସି. ଖୋଲିଥିଲେ । ସ୍ଥାନୀୟ ଗ୍ରାମଗୁଡିକରୁ ରିଫାନାରୀକୁ ଆସି କାମ କରୁଥିବା ଶ୍ରମିକମାନେ ବାହାର ରାଜ୍ୟର ଶ୍ରମିକଙ୍କ ସହ କାମ କରିବା ପରେ ଆଉ ନିଜ ଘରକୁ ପ୍ରତିଦିନ ଫେରି ପାରିନଥିଲେ। ସେମାନେ ଟି.ଏମ୍.ସି.ଗୁଡିକରେ ରହିଥିଲେ । ଏହି କଥାର ଯେପରି ପୁନଃରାବୃତ୍ତି ନହୁଏ ସେ ଦିଗରେ ମଧ ପ୍ରଶାସନ ଦୃଷ୍ଟି ଦେବାକୁ ଦାବୀ ହେଉଛି । ଜିଲ୍ଲାର ପ୍ରାୟ ସବୁ ସ୍ଥାନରେ କରୋନା କଟକଣା ହଟିବା ପରେ ଲୋକମାନେ ମାସ୍କ, ସାମାଜିକ ଦୂରତା ଆଦି କୁ ଭୁଲିଗଲେଣି । ପ୍ରଶାସନ ଏ ଦିଗରେ ମଧ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି ।

# ଯାଜପୁରର ବିଶିଷ୍ଟ ସରକାରୀ ଓକିଲଙ୍କ ବିୟୋଗରେ ଶୋକ

ଯାଜପୁର (ପିଏନ୍) - ଯାଜପୁର ସହରର ବିଶିଷ୍ଟ ସରକାରୀ ଓକିଲ ତଥା ରାମକୃଷ୍ଣ ମିଶନ, ଯାଜପୁର ଶାଖାର ସଭାପତି, ଅନ୍ୟାନ୍ୟ ସାହିତ୍ୟ ସଂସଦ, ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକମେଳାର ଉପଦେଷ୍ଟା ଶରତ ଚନ୍ଦ୍ର ଜେନା(୮୬)ଙ୍କ ଗରିଆପୁରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ସେ ଯାଜପୁର ସିଭିଲ ବାର ଆସୋସିଏସନ୍ ପୂର୍ବତନ ସଭାପତି, ପୂର୍ବତନ ସମ୍ପାଦକ ଭାବରେ କାର୍ଯ୍ୟ କରିବା ସହିତ ବହୁ ଉନ୍ନୟନମୂଳକ କାର୍ଯ୍ୟ କରିଯାଇଛନ୍ତି। ତାଙ୍କର ବିୟୋଗରେ ଯାଜପୁର ଆଇନ ସେବା ତଥା ସମାଜସେବା କ୍ଷେତ୍ରରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି ହେଲା। ସେ ବହୁ ସାମାଜିକ, ସାହିତ୍ୟିକ ଓ ବୌଦ୍ଧିକ ଅନୁଷ୍ଠାନ ସହିତ ସମ୍ପୃକ୍ତ ଥିଲେ। ଆଇନ ତର୍ଜମା କ୍ଷେତ୍ରରେ ତାଙ୍କର ସମକକ୍ଷ କେହି ନଥିଲେ କହିଲେ ଅତ୍ୟୁକ୍ତି ହେବନାହିଁ। ତାଙ୍କର ମର ଶରୀରକୁ ସ୍ୱର୍ଗରଥରେ ଯାଜପୁର କୋର୍ଟକୁ ନିଆଯାଇ ୩ଟି ବାର ଆସୋସିଏସନ ଦ୍ୱାରା ଶେଷ ସମ୍ମାନ ଓ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଯାଜପୁରର ମାନ୍ୟବର ଜିଲ୍ଲା ଜଜ୍, ଅତିରିକ୍ତ ସେସନ ଜଜ୍ ଏବଂ ସମସ୍ତ ମାନ୍ୟବର ବିଚାରପତି ଓ କୋର୍ଟ କର୍ମଚାରୀମାନେ ତାଙ୍କର ପାର୍ଥିବ ଶରୀରରେ ପୁଷ୍ପମାଲ୍ୟ ପ୍ରଦାନ କରି ଶେଷ ଦର୍ଶନ କରିଥିଲେ। ତାଙ୍କର ମର ଶରୀରକୁ ବାଦ୍ୟ ପଟୁଆର ସହକାରେ ଶୋଭାଯାତ୍ରାରେ ନିଆଯାଇ ପବିତ୍ର ବାରୁଣୀ ପଢ଼ିଆସ୍ଥିତ ମହାଶ୍ମଶାନରେ ଶେଷକୃତ୍ୟ କରାଯାଇଥିଲା। ଯାଜପୁରର ପୂର୍ବତନ ପୌରପାଳ ଭବ ପ୍ରସାଦ ଦାସ, ପୂର୍ବତନ ପୌର ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ, ବରିଷ୍ଠ ଆଇନଜୀବୀ ପ୍ରମୋଦ ଚନ୍ଦ୍ର ମହାନ୍ତି, ପବ୍ଲିକ୍ ପ୍ରସିକ୍ୟୁଟର ସମରେନ୍ଦ୍ର ଦାସ, ବରିଷ୍ଠ ଆଇନଜୀବୀ ପ୍ରତାପ କୁମାର ରାୟ, ପ୍ରବୀର କୁମାର ରାୟ, ପ୍ରଫୁଲ୍ଲ କୁମାର ସାମଲ, ଶୁଭ୍ରାଂଶୁ ରାୟ, ଏପିପି ରାଜେନ୍ଦ୍ର କୁମାର ନାୟକ, ଏପିପି ଏବଂ ପ୍ରେସ୍ କ୍ଲବ୍ ସଭାପତି ରାଜୀବ ମହାନ୍ତି, ପ୍ରମେୟର ଏ.ଜି.ଏମ୍. ପୂର୍ଣ୍ଣଚନ୍ଦ୍ର ଦେଓ, କଂଗ୍ରେସ ନେତା ବଳଭଦ୍ର ଦାସ, ସାମ୍ବାଦିକ ଆନନ୍ଦ ଚନ୍ଦ୍ର ସାହୁ, କଂଗ୍ରେସ ନେତା ବିଭୂତି ମହାପାତ୍ର, ହୃଷିକେଶ ପତି, ଭାସ୍କର ଚନ୍ଦ୍ର ମହାନ୍ତି, ଆଇନଜୀବୀ ପ୍ରତିମା କର, ପ୍ରମୋଦ ମହାପାତ୍ର, ଅଶୋକ ପାହିଲ, ସମାଜସେବୀ ନିଶିଥ ଦାସ, ଶିକ୍ଷାବିତ୍ ଜୟନ୍ତ ଗୋସ୍ୱାମୀ, ଶୈଳେନ୍ଦ୍ର ନାରାୟଣ ଦାସ, ମାନସ ମହାନ୍ତି, ରୁଦ୍ରନାରାୟଣ ମହାନ୍ତି, ବୁଲୁ ପତି, ନଳିନୀକାନ୍ତ ମହାପାତ୍ର, ଅୟସକାନ୍ତ ଧଳ, ଅତୁଲ୍ୟ ପରିଡ଼ା, ଶରତ ସାହୁ, ବିନୟ ବେହେରା, ପୂର୍ବତନ ପିପି କିଶୋର କର, ପ୍ରକାଶ ଦାସ, ବରିଷ୍ଠ ଆଇନଜୀବୀ କୁଳମଣି ଜେନା, ଦୁର୍ଯ୍ୟୋଧନ ବେହେରା, ଶିଶିର ମାନଧାତା, ଜଗନ୍ନାଥ ଦାସ, ସୁଧାଂଶୁ ପତି, ବାପି ମହାନ୍ତି, କାଠିଆ ସାହୁ, ଅବିନାଶ ଖୁଣ୍ଟିଆ, ଶ୍ୟାମସୁନ୍ଦର ସାହୁ, ଚିତ୍ତରଞ୍ଜନ ମିଶ୍ର, ଅଶୋକ ବିଶ୍ୱାଳ, ମହମ୍ମଦ ଅରସଦ ଜମାନ, ଶ୍ରୀଧର ନାୟକ, ପାର୍ଥସାରଥି ଜେନା, ଚକ୍ରଧର ବିଶ୍ୱାଳ, ଅଭୟ କୁମାର ପଣ୍ଡା, ଯଯାତି ପଣ୍ଡା ପ୍ରମୁଖ ବାସଭବନରେ ଶ୍ରଦ୍ଧାଞ୍ଜଳି ଦେବା ସହିତ ଶେଷ କୃତ୍ୟରେ ବାରୁଣୀ ପଢ଼ିଆରେ ଉପସ୍ଥିତ ଥିଲେ । ତାଙ୍କର ବିୟୋଗରେ ଓଡ଼ିଶା ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଅକ୍ଷୟ କୁମାର ମିଶ୍ର, ହାଇକୋର୍ଟର ପୂର୍ବତନ ରେଜିଷ୍ଟ୍ରାର ଶିତିକଣ୍ଠ ସାମଲ, ପୂର୍ବତନ ମନ୍ତ୍ରୀ ସୀତାକାନ୍ତ ମହାପାତ୍ର, ବରିଷ୍ଠ କଂଗ୍ରେସ ନେତା ଦିଗମ୍ବର କର, ପିସିସି ସମ୍ପାଦକ ସନ୍ତୋଷ କୁମାର ନନ୍ଦ, ଅନନ୍ୟା ସମ୍ପାଦକ ଡ. କାହ୍ନୁଚରଣ ମିଶ୍ର, ଜିଲ୍ଲା କଂଗ୍ରେସ ସଭାପତି ମନୋଜ କୁମାର ରାଉତ, କାର୍ଯ୍ୟକାରୀ ସଭାପତି ବିଷ୍ଣୁଚରଣ ରାଉତ, କ୍ୟାପଟେନ୍ ରାଜ ନାରାୟଣ ମହାପାତ୍ର ଏବଂ ବହୁ ବୁଦ୍ଧିଜୀବୀ ଶୋକପ୍ରକାଶ କରିଛନ୍ତି। ତାଙ୍କର ସାନପୁଅ ସଚ୍ଚିଦାନନ୍ଦ ଜେନା ମୁଖାଗ୍ନି ଦେଇଥିବାବେଳେ ମଧ୍ୟମ ପୁତ୍ର ଶ୍ୟାମାନନ୍ଦ ଜେନା, ଝିଅ, ଜ୍ୱାଇଁ, ବନ୍ଧୁବାନ୍ଧବ ଓ ପରିବାରବର୍ଗ ଶେଷକୃତ୍ୟରେ ସାମିଲ ହୋଇଥିଲେ।

## ଭାଗବତପୁର ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପ ଲୋକାର୍ପିତ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭାଗବତପୁର ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ହୋଇଯାଇଛି। ଏହି ଉପଲକ୍ଷେ ପଞ୍ଚାୟତର ସରପଞ୍ଚ ଧରଣୀଧର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଶିବ ପ୍ରସାଦ ଭଳ, ସମ୍ମାନିତ ଅତିଥି ଭାବେ ଡା. ବିଶ୍ୱ ପ୍ରକାଶ କାନୁନଗୋ, ବରିଷ୍ଠ ଅବସରପ୍ରାପ୍ତ ପ୍ରଶାସକ ଅଶ୍ୱିନୀ କୁମାର ମିଶ୍ର, ସମାଜସେବୀ ପ୍ରମୋଦ କୁମାର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଦୀପ୍ତ ମହାନ୍ତି ପ୍ରମୁଖ ଯୋଗଦେଇ ଗ୍ରାମପଞ୍ଚାୟତ ଭବନ, ମିଶନଶକ୍ତି ଗୃହ, ପଞ୍ଚାୟତ ଉଦ୍ୟାନ, ଗ୍ରାମୀଣ ପାଠାଗାର, ସୋଲାର ଷ୍ଟ୍ରୀଟ ଲାଇଟ ସିଷ୍ଟମ, ଆଦର୍ଶ ପୁଷ୍କରିଣୀ, ଶ୍ୟାମସୁନ୍ଦରପୁର ପମ୍ପ ହାଉସ, ବାଲିଆ ଅଭ୍ୟାସିକ ପ୍ରାଥମିକ ବିଦ୍ୟାଳୟର ରୋଷଶାଳା, ଭୋଜନ ଗୃହ ଓ ସ୍ମାର୍ଟ କ୍ଲାସରୁମ, ବଣହରା ପମ୍ପ ହାଉସ ଏବଂ ଯାଗମଠରେ ଆମ ଗାଁ ଆମ ବିକାଶ ଗୃହ ପ୍ରଭୃତି ପ୍ରକଳ୍ପକୁ ଲୋକାର୍ପିତ କରିଥିଲେ। ଏହି ଉତ୍ସବକୁ ଜୀତେନ୍ଦ୍ର କୁମାର ମହାନ୍ତି ସଂଯୋଜନା କରିଥିବା ବେଳ ରମେଶ ଚନ୍ଦ୍ର ପତି ଧନ୍ୟବାଦ ଅର୍ପଣ କରିଥିଲେ। ମନୋଜ କୁମାର ରଣା, ପ୍ରଶାନ୍ତ କୁମାର ଦାସ, ରତ୍ନାକର ସ୍ୱାଇଁ, ଭକ୍ତବନ୍ଧୁ ମିଶ୍ର ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ସ୍ମାର୍ଟ କାର୍ଡ ବଣ୍ଟନ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ପୌରାଞ୍ଚଳର ୯ ଏବଂ ୧୦ନମ୍ବର ୱାର୍ଡର ମାଧପୁର ଓ ସାନ୍ତସାହି ଗ୍ରାମର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ହିତାଧିକାରୀ ମାନଙ୍କୁ ସ୍ମାର୍ଟ କାର୍ଡ ବଣ୍ଟନ କରାଯାଇଛି। ଜିଲ୍ଲା ବିଜେଡି ଉପସଭାପତି ତଥା ବରିଷ୍ଠ ଆଇନଜୀବୀ ଦେବଦାସ ମହାନ୍ତି ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିତାଧିକାରୀ ମାନଙ୍କୁ ସ୍ମାର୍ଟକାର୍ଡ ବଣ୍ଟନ କରିବା ସହ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ଜାନୁଆରୀ ୦୭

# ଓଡ଼ିଶାରେ ଦରିଦ୍ର କିଏ ?



ଇଂଲଣ୍ଡର ପ୍ରଖ୍ୟାତ ଔପନ୍ୟାସିକ ତଥା ସାହିତ୍ୟିକ ଇ.ଏମ.ଫଷ୍ଟର ତାଙ୍କର "A passage to India"ରେ ଗରିବର ପରିଭାଷା ବା ସଂଜ୍ଞା ନିରୂପଣ କରିବାକୁ ଯାଇ ଲେଖିଛନ୍ତି, "ସେହି ବ୍ୟକ୍ତି ଗରିବ, ଯାହା ପାଖରେ ପରିବାର ପ୍ରତିପୋଷଣ ପାଇଁ ନା ଅର୍ଥ ଅଛି, ନା ଖାଦ୍ୟ ଅଛି, ନା ଶରୀର ଢାଙ୍କିବାକୁ ବସ୍ତ୍ର ଅଛି, ଏବଂ ସୁସ୍ଥ ଜୀବନଯାପନ ପାଇଁ ସନ୍ତୋଷଜନକ ପରମାୟୁ ଅଛି ନା ନିର୍ମଳ ଓ ପରିଚ୍ଛନ୍ନ ପରିବେଶ ମଧ୍ୟ ଅଛି।" ଆଜି ଗରିବର ସଂଜ୍ଞା ବଦଳି ଯାଇଛି। ଆମ ସରକାର ପ୍ରାୟ ୫୦ରୁ ୬୦ ପ୍ରତିଶତ ଲୋକଙ୍କ ପାଇଁ ବିଭିନ୍ନ ଯୋଜନା ମାଧ୍ୟମରେ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ମୁଗ୍ଧା ଯୋଜନା, ଜୀବିକା ମିସନ, ମମତା ଯୋଜନା, ଛାତ୍ରଛାତ୍ରୀଙ୍କ ପାଇଁ ବିଦ୍ୟାଳୟ ରୂପାନ୍ତରୀକରଣ ଯୋଜନା, ସ୍ୱାସ୍ଥ୍ୟ ଯୋଜନା, ମୋ ସାଇକେଲ ଯୋଜନା ଓ ଲ୍ୟାପଟପ ତଥା ମେଧାବୃତ୍ତି ଯୋଜନା କରିଛନ୍ତି। ଏବେ ପ୍ରାୟ ସମସ୍ତଙ୍କ ପାଖରେ ମୋବାଇଲ ଫୋନ, ଡିଟିଏଚ କନେକ୍ସନ ଉପଲବ୍ଧ। ତେବେ ପ୍ରକୃତରେ ଆଜି ଆମ ରାଜ୍ୟରେ ଦରିଦ୍ର ବା ଗରିବ କିଏ ? ଉପରୋକ୍ତ ପ୍ରଶ୍ନ ମନରେ ବାରମ୍ବାର ଆସୁଥିଲା ବେଳେ ଆମ ସରକାର ପ୍ରଶାସନିକ ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବା ପାଇଁ (୫-ଟି) ଓ ମୋ ସରକାର ଯୋଜନା ପ୍ରଣୟନ କରିବା ପରେ ଏବେ ଆମ ଓଡିଶା କିପରି ଗରିବ ରାଜ୍ୟ ତାଲିକାରୁ ବାଦ ପଡିବ ସେଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହାର ଅର୍ଥ ବର୍ତ୍ତମାନ ମଧ୍ୟ ସରକାରଙ୍କର ବିଶ୍ୱାସ ହୋଇନି ଯେ ରାଜ୍ୟରୁ ଗରିବଙ୍କ ସଂଖ୍ୟାରେ ହ୍ରାସ ପାଇଛି। ସରକାରଙ୍କ ଘୋଷିତ ପ୍ରତ୍ୟେକ କାର୍ଯ୍ୟକ୍ରମର ସୁଫଳ କିପରି ଅଧିକରୁ ଅଧିକ ହିତାଧିକାରୀଙ୍କ ନିକଟରେ ପହଂଚିବ, ସେଥିପାଇଁ ତୃଣମୂଳ ସ୍ତରରୁ ପ୍ରଚେଷ୍ଟା ହେଉଛି। ନୋବେଲ ପୁରସ୍କାର ବିଜେତା ଅଭିଜିତ ବାନାର୍ଜୀଙ୍କ ପକ୍ଷରୁ ଦାରିଦ୍ର୍ୟ ଦୂରୀକରଣ ପାଇଁ ତୃଣମୁଳ ସ୍ତରରୁ କାରଣ ଖୋଜି ଏହାର ନିରାକରଣ ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଭାରତରୁ ଦାରିଦ୍ର୍ୟ ଦୂରୀକରଣ ପାଇଁ ବହୁ ଗବେଷଣା କରିବା ସହ ସେ ବିଶ୍ୱରେ ପ୍ରଶଂସିତ ହୋଇଛନ୍ତି। ଏହି ଦୁଇ ନୋବେଲ ପୁରସ୍କାର ବିଜେତାଙ୍କ ଅଭିଜ୍ଞତାକୁ ଆଧାର କରି ଓଡିଶାରୁ ଦାରିଦ୍ର୍ୟ ହଟାଇବା ପାଇଁ ଆଶା ରଖିଛନ୍ତି। ଏଥିରୁ ସ୍ପଷ୍ଟ ପ୍ରମାଣିତ ହୁଏ ୨୫ ବର୍ଷର ନିରବଚ୍ଛିନ୍ନ ଶାସନରେ ରହି ମଧ୍ୟ ସରକାର ଗରିବୀ ହଟାଇ ପାରିନାହାଁନ୍ତି ଯାହା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ।

ପ୍ରକୃତ ଅର୍ଥରେ ବିଚାର କଲେ ଆଜି ସରକାର ପ୍ରାୟ ସମସ୍ତଙ୍କୁ ମାଗିଖିଆ କରି ଦେଇଛନ୍ତି। ଆଜି ପ୍ରାୟ ପ୍ରତ୍ୟେକ ବ୍ୟକ୍ତି କିଛି କାମ ନକରି ମାଗିଖିଆ ପ୍ରକୃତିକୁ ଆପଣେଇ ନେଇଛନ୍ତି। ଆମ ରାଜ୍ୟରେ ଠିକ୍ ଭାବେ କାମ ନମିଳୁଥିବାରୁ ଅନେକ ବାହାର ରାଜ୍ୟକୁ ଯାଇ ଅକଥନୀୟ ଅତ୍ୟାଚାରର ଶିକାର ହେଉଛନ୍ତି। ଏହି ପ୍ରସଙ୍ଗରେ କାହାଣୀଟିଏ ମନେପଡେ। କୁଣ୍ଡିଲ୍ୟ ରାଜ୍ୟର ରାଜାଙ୍କର ଦୁଇଟି ପୁଅ ଥିଲେ, ଯାହାଙ୍କର ନାମ ଥିଲା ସତ୍ୟକେତୁ ଓ କର୍ମକେତୁ। ଦୁଇପୁତ୍ରଙ୍କ ଶିକ୍ଷା ପ୍ରାପ୍ତି ପାଇଁ ରାଜା ଦୁହିଁଙ୍କୁ ଗୁରୁଗୃହକୁ ପ୍ରେରଣ କରିଥିଲେ। ଉଭୟେ ଗୁରୁଗୃହରେ ରହି ବିଭିନ୍ନ ଶାସ୍ତ୍ର, ଶସ୍ତ୍ର ବିଦ୍ୟା ସହିତ ରାଜନୀତି ତଥା ପ୍ରଜାପାଳନର ସମସ୍ତ ପ୍ରକ୍ରିୟାକୁ ଅଧ୍ୟୟନ କରିଥିଲେ। ଦୀର୍ଘ ବାରବର୍ଷ ପରେ ଦିନେ ରାଜା ନିଜ ପୁତ୍ରମାନଙ୍କ ଶିକ୍ଷାଦୀକ୍ଷା ବିଷୟରେ ଅନୁଧ୍ୟାନ କରିବାକୁ ଗୁରୁଗୃହକୁ ଯାଇଥିଲେ। ରାଜାଙ୍କୁ ଦେଖି ଗୁରୁ କହିଲେ ହେ ମହାରାଜ ଆପଣଙ୍କ ପୁତ୍ରମାନେ ସର୍ବଶାସ୍ତ୍ର ତଥା ରାଜନୀତିରେ ପାରଙ୍ଗମ ହୋଇ ସାରିଛନ୍ତି। ବର୍ତ୍ତମାନ ଆପଣ ସେମାନଙ୍କୁ ନିଜ ସାଥିରେ ନେଇଯାଇପାରନ୍ତି। ଦୁଇପୁତ୍ରଙ୍କୁ ବାହାରକୁ ଯିବା ପାଇଁ କହି ରାଜା ତାଙ୍କ ଦୁଇପୁତ୍ରଙ୍କ ଭିତରେ କିଏ ରାଜଗାଦି ପାଇଁ ଯୋଗ୍ୟ ବୋଲି ପଚାରିଥିଲେ। ଗୁରୁ କହିଥିଲେ ହେ ମହାରାଜ ଏହାର ଚୟନ ପାଇଁ ଦୁଇପୁତ୍ରଙ୍କ ଭିତରେ ଏକ ପ୍ରତିଯୋଗିତା କରିବାକୁ ପଡିବ। ଗୁରୁଙ୍କ କଥାରେ ରାଜା ଦୁଇପୁତ୍ରଙ୍କୁ ଡାକି ଦୁଇଟି ପଡା ସହ କିଛି ସ୍ୱର୍ଣ୍ଣ ଅଳଙ୍କାର ଏବଂ ଅର୍ଥ ପ୍ରଦାନ କରି କହିଲେ ତୁମେ ଦୁଇଜଣ ବର୍ତ୍ତମାନ ନିଜ ନିଜ ପଡାକୁ ଯାଇ ସେଠାରେ ଶାସନ କର। ଛଅମାସ ପରେ ତୁମର ଶାସନ ପଦ୍ଧତିକୁ ଚୟନ କରାଯାଇ କିଏ ମୋ ସିଂହାସନ ପାଇଁ ବିଚାର କରାଯାଇ ରାଜପଦରେ ଅଭିଷିକ୍ତ କରାଯିବ। ଉଭୟେ ନିଜ ନିଜ ପଡାକୁ ଯାଇ ନିଜ ନିଜର ଶିକ୍ଷାବଳରେ କାର୍ଯ୍ୟ ଆରମ୍ଭ କଲେ। ସତ୍ୟକେତୁ ନିଜ ପଡାର ଲୋକମାନଙ୍କୁ ଡକାଇ ସେମାନଙ୍କର ସମସ୍ୟା ବିଷୟରେ ଆଲୋଚନା କରିବା ସହ କୃଷି କ୍ଷେତ୍ରରେ କିପରି ତା' ଲୋକମାନେ ବିକାଶ କରିବେ ସେ ବିଷୟରେ ଆଲୋଚନା କରି ଗୁରୁଙ୍କଠୁ ପାଇଥିବା ଶିକ୍ଷାନୁସାରେ ଲୋକମାନଙ୍କୁ ସ୍ୱାବଲମ୍ବୀ କରାଇବା ସହ କାର୍ଯ୍ୟକ୍ଷମ କରାଇ ନିଜ ପଡାର ସର୍ବାଙ୍ଗୀନ ଉନ୍ନତି କରାଇଥିଲେ। ଛୋଟ ଛୋଟ ପିଲାଙ୍କୁ ନୈତିକ ଶିକ୍ଷା ଦେବାସହ ଶିକ୍ଷା କ୍ଷେତ୍ରରେ ଅନେକ ଆଲୋଡନ ସୃଷ୍ଟି କରିବା ସହ ନିଜ ପଡାର ବିକଶିତ କରାଇଥିଲେ। ପିତା ଦେଇଥିବା ଅର୍ଥକୁ ଅସହାୟ ବ୍ୟକ୍ତିମାନଙ୍କ ଭିତରେ ବିତରଣ କରି ନିଜ ପଡାର ଲୋକମାନଙ୍କର ଶ୍ରଦ୍ଧାର ପାତ୍ର ହୋଇଥିଲେ। ଅନ୍ୟପକ୍ଷରେ କର୍ମକେତୁ ନିଜର ପ୍ରଶଂସା ପାଇବା ପାଇଁ ପିତା ଦେଇଥିବା ସ୍ୱର୍ଣ୍ଣ ଅଳଙ୍କାର ଓ ଅର୍ଥକୁ ନିଜ ପଡାର ଲୋକମାନଙ୍କ ଭିତରେ ବିତରଣ କରିଦେଇଥିଲେ। ଫଳରେ ସେ ପଡାର ଲୋକମାନେ ନିଜ ରାଜାର ପ୍ରଶଂସା କରିବା ସହ କିଛି କାମ ନକରି ବିଭିନ୍ନ ଅନୈତିକ କାର୍ଯ୍ୟରେ ନିଜକୁ ଲିପ୍ତ କରିବା ସହ ନିଶାସକ୍ତ ହୋଇଥିଲେ। ଛଅମାସ ପରେ ରାଜା ଗୁରୁଙ୍କ ସହ ପୁଅମାନଙ୍କ କାର୍ଯ୍ୟକଳାପ ଓ ଶାସନ ପଦ୍ଧତି ଅନୁଧ୍ୟାନ କରିବାକୁ ଯାଇ ପ୍ରଥମେ ସତ୍ୟକେତୁର ପଡା ଅନୁଧ୍ୟାନ କରିବା ବେଳେ ରାଜା ଓ ଗୁରୁ ଏକ ଶାନ୍ତ ସରଳ ପରିବେଶ ସହ ଶସ୍ୟଶ୍ୟାମଳା ପରବେଶ ଦେଖିବାକୁ ପାଇଥିଲେ। ବୟସ୍କ ଲୋକମାନେ ଭଗବତ୍ ଭାବନାରେ ନିଜକୁ ନିୟୋଜିତ କରିବା ସହ ନିଜ ରାଜାର ଭୂୟସୀ ପ୍ରଶଂସା କରିଥିଲେ। ତତ୍‌ପଶ୍ଚାତ୍ ରାଜା ତାଙ୍କର ଅନ୍ୟ ପୁତ୍ର କର୍ମକେତୁ ପଡାକୁ ଯାଇ ଯାହା ଦେଖିଲେ ସେ ନିଜକୁ ବିଶ୍ୱାସ କରିପାରିଲେନି। ସମସ୍ତ ପ୍ରଜା ନିଶାସକ୍ତ ଓ କର୍ମ ନ କରି ଆଳସ୍ୟପରାୟଣ ହୋଇ ପଶାଖେଳରେ ବ୍ୟସ୍ତ ରହୁଥିଲେ । ଜମିସବୁ ପଡିଆ ପଡିଥିଲା। ବାଳକମାନେ ବିଦ୍ୟା ଅଧ୍ୟୟନ ନକରି ଖେଳକୁଦରେ ମଜ୍ଜିଥିଲେ।

ଶେଷରେ ରାଜା ଗୁରୁଙ୍କ ସହ ନିଜ ରାଜଧାନୀକୁ ପ୍ରତ୍ୟାବର୍ତ୍ତନ କରି ଗୁରୁଙ୍କ ପରାମର୍ଶରେ ସତ୍ୟକେତୁଙ୍କୁ ନିଜର ଉତ୍ତରାଧିକାରୀ ଘୋଷଣା କରିଥିଲେ। ଏ କାହାଣୀ ଏଠାରେ ଅବତାରଣା କରିବା ଅର୍ଥ ଆମ ରାଜ୍ୟ ସରକାର ଓ କେନ୍ଦ୍ର ସରକାର କର୍ମକେତୁ ଭଳି ଅର୍ଥ ବାଣ୍ଟିବା ସହ ବିଭିନ୍ନ ପଦାର୍ଥ ପ୍ରଦାନ କରି ଲୋକମାନଙ୍କୁ ଏକ ପ୍ରକାର ଭିକାରୀ କରିସାରିଲେଣି। ଫଳରେ ବର୍ତ୍ତମାନ ଗରିବ ହେବାର ପ୍ରତିଯୋଗିତା ପ୍ରାୟ ଦେଖାଦେଇଛି। ଘଂଟାପିନ୍ଧା ବାବୁମାନେ ଏପରିକି ତଥାକଥିତ ବୁଦ୍ଧିଜୀବୀ କୁଜିନେତା, ତଥା ଅନେକ କ୍ଷେତ୍ରରେ ବଡ ନେତାମାନେ ମଧ୍ୟ ଗରିବ ରେଖାରେ ନିଜକୁ ସାମିଲ କରି ଭିକ୍ଷାବୃତି କରିବାକୁ କୁଣ୍ଠାବୋଧ କରୁନାହାନ୍ତି। ଏହି ଅର୍ଥରେ ବିଚାର କଲେ ସରକାରଙ୍କର ଏହି ବଣ୍ଟନ ପ୍ରକ୍ରିୟା ଯେତେଦିନ ଚାଲିଥିବ, ସେତେଦିନ ଧରି ଓଡିଶାରେ ଦରିଦ୍ର କିଏ ବୋଲି ପ୍ରଶ୍ନ ମନରେ ଉଙ୍କି ମାରୁଥିବ।

**ଉମାଶଙ୍କର ପ୍ରସାଦ, ସମ୍ପାଦକ, ମାଗଦର୍ଶୀ, ଖୋର୍ଦ୍ଧା, ମୋ: ୬୩୭୦୬ ୭୫୫୬୨**

## ଆଜିର ଅନୁଚିନ୍ତା

**ହୃଦୟକୁ ଖୋଲିଦେଲେ ସବୁ ଜ୍ଞାନ ସେହିଠାରୁ ହିଁ ମିଳିଥାଏ ।**

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# କେବେ ବନ୍ଦ ହେବ କରୋନାର ତାଣ୍ଡବ ?

**...........ଶରତ କୁମାର ରାଉତ...........**



ମହାମାରୀ କରୋନା ଓ ବର୍ତ୍ତମାନର ଓମିକ୍ରନ ଭୂତାଣୁ ସାରା ପୃଥିବୀରେ ଏକପ୍ରକାର ଭୟ ସୃଷ୍ଟି କଲାଣି। ପୂର୍ବରୁ ଲଗାତାର ଲକ୍ ଡ଼ାଉନ୍ ଓ ସର୍ଟ ଡ଼ାଉନ୍ ଯୋଗୁ କୋଟି କୋଟି ଲୋକେ ଭୋକ ଉପାସରେ ଛଟପଟ ହୋଇଥିଲେ। କିଏ କେଉଁଠି ଓ କିପରି ଥିଲେ, ଜାଣିବା ମୁସ୍କିଲ ହୋଇଥିଲା। ଅନେକ ନିଜ ନିଜ ପରିବାର ଓ ଘରଠାରୁ ବିଚ୍ଛିନ୍ନ ହୋଇ ଯାଇଥିଲେ। ସେମାନେ ନିଜ ଘରକୁ ଫେରିବା ପାଇଁ କେଉଁଠି ସୁଯୋଗ ମିଳୁଥିଲା ତ' କେଉଁଠି ମିଳୁ ନ ଥିଲା। ସେମାନେ ଘୋର ମାନସିକ ଯନ୍ତ୍ରଣାରେ ଦିନ ବିତାଇଥିଲେ।

ଲୋକମାନଙ୍କର ରୋଜଗାରରେ ଓ ସାମାଜିକ ସଂପର୍କରେ ପୂର୍ଣ୍ଣଚ୍ଛେଦ ଟାଣି ଦେଇଥିଲା ମହାମାରୀ କରୋନା। ଭାରତ ସମେତ ସାରା ବିଶ୍ୱର ସରକାରମାନେ ଏହି ମାରାତ୍ମକ ଭୂତାଣୁକୁ ନିୟନ୍ତ୍ରଣ କରିବାକୁ ଅତି ଅସମ୍ଭବ ପଦକ୍ଷେପମାନ ନେଇଥିଲେ। ସାରା ପୃଥିବୀରେ ଆର୍ଥିକ କାରବାର ବନ୍ଦ ହୋଇଯାଇଥିଲା। ପ୍ରାୟ ସବୁ ଦେଶରେ ଅର୍ଥନୈତିକ ବ୍ୟବସ୍ଥା ପ୍ରାୟ କୋମାକୁ ଚାଲିଯାଇଥିଲା। ସେଇଭଳି କୋଟିକୋଟି ଲୋକଙ୍କ ରୋଜଗାର ଓ ଆର୍ଥିକ ଅବସ୍ଥା ଗୁରୁତର ପ୍ରଭାବିତ ହୋଇଥିଲା। ବିଶେଷତଃ ଲକ୍ ଡ଼ାଉନ୍‌ଜନିତ କାମଧନ୍ଦା ବନ୍ଦ ଯୋଗୁ ଗରିବ ଓ ଖଟିଖିଆମାନେ ଦୟନୀୟ ଅବସ୍ଥାକୁ ଚାଲି ଯାଇଥିଲେ। ସେମାନଙ୍କ ଅବସ୍ଥା ଭାରି ସାଂଘାତିକ ହୋଇଯାଇଥିଲା। ସେହିପରି ବର୍ତ୍ତମାନ ଓମିକ୍ରନ ଭୂତାଣୁକୁ ନେଇ ପୃଥିବୀବାସୀ ଘୋର ଚିନ୍ତାରେ ଅଛନ୍ତି। ଓମିକ୍ରନକୁ ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପରୀକ୍ଷା ଚଳାଇଛନ୍ତି। ଓମିକ୍ରନ ଘାତକ ହେବ ନା ଅଳ୍ପରେ ରହିବ, ସେଥିନେଇ ସମସ୍ତେ ସନ୍ଦିହାନ।

ସେହିପରି କରୋନା ମହାମାରୀର ତାଣ୍ଡବ ଯୋଗୁ ବହୁ ଶିଳ୍ପସଂସ୍ଥା, ବିଭିନ୍ନ କମ୍ପାନୀ ଓ ବ୍ୟବସାୟ ପ୍ରତିଷ୍ଠାନରେ ତାଲା ଝୁଲିଥିଲା। ସେଥିରେ କାମ କରୁଥିବା କର୍ମଚାରୀମାନେ ଆର୍ଥିକ ସମସ୍ୟାର ସମ୍ମୁଖୀନ ହୋଇଥିଲେ। କହିବାକୁ ଗଲେ, କମ୍ପାନୀ ଓ କର୍ମଚାରୀ ଉଭୟ ସମସ୍ୟା ଭିତରେ ସଢୁଥିଲେ। କାମ ବନ୍ଦ ଯୋଗୁ ଦେଶବିଦେଶରୁ କେତେକ ଅଧିକାରୀ ଓ କର୍ମଚାରୀ ନିଜ ନିଜ ଘରକୁ ଫେରି ଆସିଥିଲେ ଓ ଆଉ କେତେକ ଭବିଷ୍ୟତକୁ ଆଦରି ସେଠାରେ ପଡ଼ି ରହିଥିଲେ। ସାରା ପୃଥିବୀରେ ଗାଡ଼ି ମଟର ପାଖରୁ ଆରମ୍ଭ କରି ରେଳ, ବସ୍ ଓ ଉଡ଼ାଜାହାଜ ସେବା ପ୍ରଭାବିତ ହୋଇଥିଲା। ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ବଡ଼ବଡ଼ ଶିଳ୍ପପତି, ବିଭିନ୍ନ କମ୍ପାନୀ, ବ୍ୟବସାୟିକ ପ୍ରତିଷ୍ଠାନ ଏକପ୍ରକାର ଅଚଳ ହୋଇପଡ଼ିଥିଲା। ଅନେକ ଦେଶ ମାସ ମାସ ତଳୁ ଅନ୍ତର୍ଜାତୀୟ ଗମନାଗମନ ବନ୍ଦ କରିଦେଇଥିଲେ। ହୋଟେଲ୍ ଶିଳ୍ପ ଓ ପର୍ଯ୍ୟଟନ ଶିଳ୍ପ ବିଶେଷ ଭାବେ ପ୍ରଭାବିତ ହୋଇଛି। ସହର ବଜାର ସବୁ ବନ୍ଦ ହୋଇ ରହିଛି।

ଅଧିକାଂଶ ବଡ଼ ବଡ଼ କମ୍ପାନୀ କାର୍ଯ୍ୟ ମଧ୍ୟ ଗୁରୁତର ପ୍ରଭାବିତ ହୋଇଥିଲା। କରୋନାର ତାଣ୍ଡବ ଯୋଗୁ କମ୍ପାନୀଗୁଡ଼ିକର କାର୍ଯ୍ୟ ମୁଖ୍ୟତଃ କେତେକ ଇନ୍‌ଫରମେସନ୍ ଓ ଟେକ୍ନୋଲାଜି (ଆଇଟି)କମ୍ପାନୀ ନିଜ ଘରେ ବସି କାମ କରିବାକୁ ନିଜ କର୍ମଚାରୀଙ୍କୁ ସୁବିଧା ଦେଇଥିଲେ। ଅନ୍ୟପକ୍ଷରେ କେତେକ କମ୍ପାନୀ ନିଜ କର୍ମଚାରୀଙ୍କ ଦରମାର କିଛି ଭାଗ କାଟ୍ କରିଥିବା ଓ କିଛି କର୍ମଚାରୀଙ୍କୁ ଅବସ୍ଥା ସ୍ୱାଭାବିକ ହେବା ପର୍ଯ୍ୟନ୍ତ ଛୁଟି ଦେଇଥିବା କୁହାଯାଇଥିଲା। ବାସ୍ତବରେ ଅବସ୍ଥା ଖୁବ ସାଂଘାତିକ ହୋଇଯାଇଥିଲା। ଦେଶବିଦେଶରେ କାମ କରୁଥିବା ଉକ୍ତ କର୍ମଚାରୀମାନଙ୍କ ଭବିଷ୍ୟତ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା।

ଆମ ଦେଶ ଆର୍ଥିକ ଉନ୍ନତିରେ ଅଗ୍ରସର ହେଉଥିବାବେଳେ କରୋନାର ତାଣ୍ଡବ ଆମ ଅର୍ଥ ବ୍ୟବସ୍ଥାକୁ ସମସ୍ୟାରେ ପକାଇ ଦେଇଥିଲା। ମାସ ମାସ ଧରି ସରକାରଙ୍କର ଆୟ ତ' ଦୂରର କଥା, ବରଂ କୋଭିଡ୍-୧୯ର ମୁକାବିଲା ପାଇଁ ହଜାର ହଜାର କୋଟି ଟଙ୍କା ପ୍ରତିଦିନ ରାଜକୋଷରୁ ଖର୍ଚ୍ଚ ହେଉଥିଲା। ତେବେ ଅତିଶୀଘ୍ର ଓମିକ୍ରନ ସମସ୍ୟାର ଅନ୍ତ ନହେଲେ, କେବଳ ଭାରତ କାହିଁକି, ସାରା ବିଶ୍ୱବାସୀ ମଧ୍ୟ ଗୁରୁତର ଆର୍ଥିକ ସମସ୍ୟାର ସମ୍ମୁଖୀନ ହେବା ନିଶ୍ଚିତ ମନେହେଉଛି। ଏହିଦୃଷ୍ଟିରୁ ଆଗାମୀ ଦିନରେ ହୁଏତ ଖାଦ୍ୟପେୟ, ବୁଲାବୁଲି, ସାମାଜିକ ବନ୍ଧନ, ବିଭିନ୍ନ ଉତ୍ସବ ଆଦି ଦୈନନ୍ଦିନ କାର୍ଯ୍ୟରେ ଘୋର ପରିବର୍ତ୍ତନ ଆସିବାର ସମ୍ଭାବନା ଦେଖାଦେଇଛି।



ବିଭିନ୍ନ କମ୍ପାନୀ କ୍ଷେତ୍ର ଓ ଅର୍ଥ ବ୍ୟବସ୍ଥାର ଅନ୍ୟାନ୍ୟ କ୍ଷେତ୍ର ପାଇଁ ମଧ୍ୟ ଅନେକ କିଛି ବଦଳି ଯିବାର ସମ୍ଭାବନା ରହିଛି। ସମସ୍ୟା ଦୂର ହେଲା ପରେ ହୁଏତ ସ୍ୱାଭାବିକ ବ୍ୟବସ୍ଥା ଫେରି ଆସିପାରେ। କରୋନାର ଭୟାବହତା ଯୋଗୁ ସାମାଜିକ ଦୂରତ୍ୱ ମାନିବା ଦୃଷ୍ଟିରୁ କମ୍ପାନୀ ଅଫିସ କିମ୍ବା କର୍ମକ୍ଷେତ୍ରରେ କାମ କରିବା କର୍ମଚାରୀଙ୍କ ପାଇଁ ପ୍ରାୟ ଅସମ୍ଭବ। ତେବେ କମ୍ପାନୀ ମାନେ କରିବେ କ'ଣ ? ବିନା କର୍ମଚାରୀରେ ଅଫିସ୍ କାମ ବା ଉତ୍ପାଦନ ସମ୍ଭବ ନୁହେଁ। ଏଣୁ କମ୍ପାନୀ ଓ କର୍ମଚାରୀ ଉଭୟ କ୍ଷତିଗ୍ରସ୍ତ ହେବେ ନିଶ୍ଚୟ। ଅବଶ୍ୟ ଏହି ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରାଯାଉଛି। ହୁଏତ ଖୁବ୍ ଶୀଘ୍ର କମ୍ପାନୀ ଓ କର୍ମଚାରୀଙ୍କ ସମସ୍ୟାର ସମାଧାନ ସୂତ୍ର ବାହାରିଯିବ।

ବର୍ତ୍ତମାନ ସୁଦ୍ଧା ଆଇଟି କ୍ଷେତ୍ରକୁ ଛାଡ଼ି ବାକି କ୍ଷେତ୍ରରେ ନିଜ ଘରେ ବସି କାମ କରିବାର ଅନୁମତି ନଥିଲା। କମ୍ପାନୀ ଦ୍ୱାରା କେବଳ ଅଫିସ୍‌ରେ ହିଁ କାମ କରିବାର ଅନୁମତି ଥିଲା। ମାତ୍ର କରୋନା ଭୂତାଣୁ ସଂକ୍ରମଣ ପରଠାରୁ ଏବେ କମ୍ପାନୀ ଓ କର୍ମଚାରୀ ମାନେ ବେଶ୍ ସତର୍କ ହୋଇଛନ୍ତି। ଯଦ୍ୱାରା ଆଇଟି ସହିତ ଅନ୍ୟାନ୍ୟ କମ୍ପାନୀ ମଧ୍ୟ ନିଜ କର୍ମଚାରୀଙ୍କୁ ଘରେ ବସି କାମ କରିବାକୁ ଅନୁମତି ଦେବାରେ ଲାଗିଛନ୍ତି। ପୂର୍ବରୁ ଯେଉଁ କ୍ଷେତ୍ରରେ ଘରେ ବସି କାମ କରିବାର ସୁଯୋଗ ନଥିଲା, ଏବେ ତାହା ଉପଲବ୍ଧ ହେଉଛି। ମାତ୍ର ନିର୍ମାଣ ଭଳି କିଛି କ୍ଷେତ୍ରରେ ଏବେ ଏହା କାର୍ଯ୍ୟକାରୀ ହେବା ଅସମ୍ଭବ ବୋଲି କୁହାଯାଉଛି।

ବାସ୍ତବରେ ଆମ ଦେଶରେ ଘରେ ବସି କମ୍ପାନୀ ପାଇଁ କାମ କରିବା ଏତେ ସହଜ ହେବନାହିଁ। କାରଣ ଭାରତ ଏବେ ଏଥିପାଇଁ ପ୍ରସ୍ତୁତ ଭଳି ଲାଗୁନାହିଁ। ଭିତିଭୂମି ସଜାଡ଼ିବାକୁ ନିଶ୍ଚୟ ସମୟ ଲାଗିବ। ଅବଶ୍ୟ କେତେକ ଭାରତୀୟ କମ୍ପାନୀ ଟେକ୍ନୋଲାଜି ଓ ଟୁଲ୍ସ ହିସାବରେ ଖୁବ୍ ଭଲ ସ୍ଥିତିରେ ଅଛନ୍ତି। କିନ୍ତୁ ଭାରତରେ ଅଧିକାଂଶ କମ୍ପାନୀ ଏବେ ମଧ୍ୟ କର୍ମଚାରୀ ଅଫିସରେ ବସି କାମ କରନ୍ତୁ ବୋଲି ଚାହାନ୍ତି। ଯାହା ଜଣାପଡୁଛି, କରୋନା ନ ହଟିବା ଯାଏ ବିଭିନ୍ନ କ୍ଷେତ୍ରରେ ବଦଳିଯିବ ମଣିଷର ଅଭ୍ୟାସ !

*-ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଭୁବନେଶ୍ୱର, ମୋ: ୯୩୩୭୩୬୯୪୪୮*

# ଅଣାୟତ୍ତ

## ଆଚରଣ ଓ ଉଚ୍ଚାରଣ

**•••ଦାସେ•••**

କିଛିଦିନ ତଳେ ଏକ ସ୍ଥାନୀୟ ଚିହ୍ନା ପରିଚୟ ଚା' ପିଆ ଖଟିରେ ଗାଉ ଗାଉ ଏ ଗୀତ ଦୁଇପଦ ଗାଇଦେଲି। ଜାଣି ନ ଥିଲି, ଆଳୁ ଖୋଳୁ ଖୋଳୁ ମହାଦେବ ବାହାରି ଆସିବେ। ଗୀତଟିର ପ୍ରଥମ ପଦ ଥିଲା ଜଣେ ମହାନ୍ କବିଙ୍କର ଏବଂ ଦ୍ୱିତୀୟ ପଦଟି ଥିଲା ଏହି ଅଧମ କୋବିପ୍ରବରର। ***"ଚୋରକୁ ଅଡୁଆ ଚାନ୍ଦିନୀ ରାତିଲୋ/ଦାରୀକି ଅଡୁଆ ପୁଅ/ମାଳିକି ଅଡୁଆ ଛେଳି ବଦଳଲୋ/ଦୁଃଖୀକି ଅଡୁଆ ଝିଅ। ବରଯାତ୍ରୀଙ୍କି ଅଡୁଆ ଅମଦୁଆ(ଲୋ)/ ସାମ୍ବାଦିକଙ୍କୁ ବାଡ଼/ଉତୁରା ଅଡୁଆ ସ୍ତମ୍ଭକାରଙ୍କୁ ଲୋ/ ପାଠର ଅଡୁଆ ମୂଢ଼।"***

ଗୀତ ସରୁ ସରୁ ପରିସ୍ଥିତି ଅଣାୟତ୍ତ ହୋଇ ପଡ଼ିଲା। ସଙ୍ଗେ ସଙ୍ଗେ ଜଣେ ସ୍ତମ୍ଭକାର ଏହି କଥାଟିକୁ ଧରି ଆମ ସହିତ କଳିତକରାଳ କଲେ। ତାଙ୍କୁ ଯେତେ ବୁଝେଇବାକୁ ଚେଷ୍ଟା କଲେ ବି ସେ ବୁଝିଲେ ନାହିଁ। ସେ ଏକାଥରକେ ସେ କଥାଟିକୁ ନିଜ ଦିହ ଆଡ଼କୁ ଟାଣି ନେଇ ରଣହୁଙ୍କାର ଦେଲେ। ସେ ଯେଉଁଭଳି ଭାଷା ପ୍ରୟୋଗ କଲେ, ଲାଗିଲା ଏହା ବୋଧେ ମୋର ଅଳଙ୍କାର। ନିଜକୁ ନିଆରା କଥା କହି ବୁଝେଇଦେଲି ଯେମିତି ବେଶ୍ୟାମାନେ ନିଜ ସତୀତ୍ୱ ବିଷୟରେ କ୍ଲିନ୍ ଚିଟ୍ ଦିଅନ୍ତି ଅନ୍ୟ ଗରାଖଙ୍କ ପାଖରେ ! ଏହି ଅପ୍ରୀତିକର ଅବସ୍ଥା ପରେ ଜଣେ ବୟସ୍କ ବ୍ୟକ୍ତି ଆସି କହିଲେ, "ତୁ ଏଥିରୁ କ'ଣ ପାଉ ? ଦେଖେଇଶିଖେଇ କାହିଁକି କହୁ ? ଯିଏ ଯାହା ସିଏ ସେଇଆ। ସେ କେବେ ବି ବଦଳିବନି।"

ଅତ୍ୟଧିକ ଗାଳି ହେତୁ କ୍ରନ୍ଦନମୁଦ୍ରାରେ ତାଙ୍କୁ ପଚାରିଲି, "ମୁଁ ଯେଉଁ ତଳ ଦୁଇଧାଡ଼ି ଗାଇଲି, ସେଥିରେ ମୋର କ'ଣ ଭୁଲ୍ ଥିଲା ? ବରଯାତ୍ରୀ ଯିବ, ଅଥଚ ମଦୁଆ ହେଇ ନଥିବ , ତେଣୁ ତୁମେ ମଦୁଆଙ୍କୁ ଅଡୁଆ ହେବ। ସାମ୍ବାଦିକ ହୋଇଥିବ, ଅଥଚ ତୁମକୁ ସମ୍ବାଦ ସଂଗ୍ରହ କରିଯିବାକୁ ଦିଆଯିବନି, ତୁମେ ମିଛକୁ ସତ ସତକୁ ମିଛ ଲେଖିବ ବୋଲି ! ତୁମକୁ ଅଟକାଇ ଅନ୍ୟମାନଙ୍କର ଲେଖା ଦିଆଯିବ, ଇଏ କେଉଁଭଳିଆ କଥା ? ତୁମେ ସେ ନକଲି ଗାଡ଼ିକୁ ଚଳାଇବା ଅନୁମତିପତ୍ର ଦେବା ଦୋକାନକୁ ସବୁବେଳେ ଗଲୁଥିଲ, ଅଥଚ ସେଠାରେ କଳାଧନ୍ଦା ହେଉଛି ବୋଲି ଜାଣିପାରିଲନି ? ଅଲଗା ଖବରକାଗଜରେ ଏ ଖବର ବାହାରି ସାରିଲା ପରେ ଚଳେଇକି ଲେଖିଲ, ସାପ ମରିବନି କି ବାଡ଼ି ଭାଙ୍ଗିବନି ପଦ୍ଧତିରେ ! ଧନୀ ହେଇଥିବ ରୋଗ ନଥିବ, ବ୍ରାହ୍ମଣ ହେଇଥିବ ଶ୍ଳୋକ ଜାଣି ନ ଥିବ, ଇଏ କେଉଁଭଳିଆ କଥା କହିଲ ? ଉତୁରାଉତୁରୀ କରି ସ୍ତମ୍ଭକାର ସାଜିବ, କେବେ କାହା ବହିରୁ ଉତାରି ଧରାପଡ଼ିଲେ ଚାରିଆଡ଼େ ନିନ୍ଦା ଅପମାନ ପାଇବ ଏବଂ ଏଇଟା ଗୋଟେ ବଡ଼ ଅଡୁଆ ବ୍ୟାପାର ନୁହେଁ କି ? ମୂର୍ଖଙ୍କୁ ତ' ଯୁଗେ ଯୁଗେ ଅଡୁଆ ପାଠ। ଏକଥା କହିଲି ବୋଲି ମୁଁ ଖାଇଲି ସୋଧା।"

ବୟସ୍କ ଜଣକ କହିଲେ, "ମଂଜି ତ' ସେଇଠି ଅଛି। ତୁ ଯୋଉ ବରଯାତ୍ରୀ, ମୂର୍ଖ ଇତ୍ୟାଦିଙ୍କ ବିଷୟରେ କହିଲୁ, ବେଳେବେଳେ ଜଣେ ଜଣେ ଲୋକଙ୍କ ପାଇଁ ପ୍ରଯୁଜ୍ୟ।" ପଚାରିଲି, "ଯିଏ ସାମ୍ବାଦିକ, ସ୍ତମ୍ଭକାର ସେ ପୁଣି ମୂର୍ଖ କେମିତି ହେଲା ?" ଉତ୍ତର ମିଳିଲା, "ଖାଲି ଲେଖିଦେଲେ କେହି ପାଠୁଆ ହୋଇଯାଏନି କି ଶିଖିଦେଲେ କେହି ଶାଠ ଅଧିକ ଜାଣେନି। ଯିଏ ନିଜେ ଭୁଲ୍ କରିକି ଭାବେ ସେ ଠିକ୍ କରୁଛି ବୋଲି, ସେ ବଡ଼ ମୂର୍ଖ, ଯେତେ ପାଠ ପଢ଼ିଲେ ବି ! ପାଠୁଆର ସଂଜ୍ଞା ସମ୍ପୂର୍ଣ୍ଣ ଅଲଗା ପ୍ରକାର। ଆମେ ଯେଉଁ ସଂଜ୍ଞା ଦେଉଛେ, ତାହା ଆକ୍ଷରିକ, ଉକ୍ତିଯୋଗ୍ୟ ନୁହେଁ। ତୁ ଜାଣିଛୁ କି ନାହିଁ କେଜାଣି, ସେ ଏବେ ଗୋଟେ ବାହାଘରରେ ବରଯାତ୍ରୀ ହୋଇ ଯାଇଥିଲା। ଏତେମାତ୍ରାରେ ପିଇଥିଲା ଯେ, କନ୍ୟାଘରର ଖାଇବା ସ୍ଥାନ ପର୍ଯ୍ୟନ୍ତ ଯାଇପାରିଲା ନାହିଁ। ଗାଡ଼ିରେ ଶୋଇ ଶୋଇ ଘରକୁ ଫେରିଲା ଏବଂ ଘରଣୀଙ୍କଠାରୁ ଭଲ ରକମ ଦି'ଚାରିପଦ ଶୁଣିଲା। ଆଉ ଗୋଟିଏ କଥା ହେଲା, ସ୍ତମ୍ଭକାର କଥା। ବେଳେବେଳେ ଟିପାଟିପି, ଉତୁରାଉତୁରୀ କରିବାର ମାତ୍ରା ଏତେ ଅଧିକା ହୋଇଯାଏ ଯେ, ପୂର୍ବପର ସଂଗତି ରହେନା। ସପ୍ତାହକୁ ଚାରିଟା ଲେଖିବା କେତେ କଷ୍ଟ ଯିଏ ଲେଖୁଛି ସିଏ ଜାଣୁଛି। ବଡ଼ ବଡ଼ ରଥୀମାନେ ଲେଖି ଲେଖି ସପ୍ତାହକୁ ଚାରି ଚାରିଟା ସେଇ ଗୋଟିଏ ଗୋଟିଏ କଥାକୁ ବାରମ୍ବାର ଦୋହରାଉଛନ୍ତି। ଇଏ ପୁଣି ଖାଲି ନୂଆ ନୂଆ କଥା ଲେଖୁଛି, ସେ ପୁଣି ସମସାମୟିକ ବିଷୟବସ୍ତୁ ନୁହେଁ, ଯାହା ତା'ର ଇଚ୍ଛା ! ଖବରକାଗଜ ଚାହେଁ, ତାଜା ଖବର, ତାହା ପୁଣି ମାତ୍ର ଦୁଇଘଂଟା ବା ତିନିଘଂଟା ବଜାରକୁ ତତେଇ ରଖିବ। ମାତ୍ର ପୁରୁଣା କଥାକୁ ପୋଥି କରି ରଖି ତାହାକୁ ଉତୁରାଉତୁରୀ କଲେ ସିଏ କେଉଁ କାମକୁ ଆସିବ, ତାହା ତାହାର ବୁଝିବା ବାହାରେ।"

ଏସବୁ କଥା ଶୁଣିସାରିବା ପରେ ଭାବିଲି, ଏମାନେ ତ' ଗୋଟିଏ ଗୋଟିଏ ଲୋକ ଅଥଚ ତାଙ୍କର ବହୁତ ବହୁତ ପ୍ରକାରର କାମ। ତେଣୁ ଯେକୌଣସି ଉପାୟରେ ଫନ୍ଦିଫିକର କରି ଚଳିବାର ଆଦବ କାଇଦା ଆଜି କିଛି ଲୋକଙ୍କୁ ଘୋର ଅଣାୟତ୍ତ ପରିସ୍ଥିତି ଆଡ଼କୁ ଟାଣି ନେଇଛି। ସେଥିରୁ ଏବେ ବାହାରିବା ମୁସ୍କିଲ୍ ନୁହେଁ ବରଂ ଅଡୁଆ ସହ ଛନ୍ଦି ହୋଇଯିବା ! ନା, କ'ଣ କହୁଛନ୍ତି ଆଜ୍ଞା ?

# ସମ୍ବାଦପତ୍ର, ସାମ୍ବାଦିକ ଓ ମହାତ୍ମା

**-------ଅକ୍ଷୟ କୁମାର ରାଉତ-------**

ସମ୍ବାଦପତ୍ର ଆଧୁନିକ ସଭ୍ୟତାର ଏକ ପ୍ରଧାନ ଅଙ୍ଗ, ପ୍ରତିଦିନ ପୃଥିବୀର ବିଭିନ୍ନ ସ୍ଥାନରେ ନାନା ଘଟଣା ଘଟୁଛି। ସେ ବନ୍ୟା କି ମରୁଡ଼ି, ଯୁଦ୍ଧ କି ଶାନ୍ତି, ବିଜ୍ଞାନ କି ଦର୍ଶନ, ଦୁଃଖ କି ସୁଖ, ଗଣତନ୍ତ୍ର କି ରାଜତନ୍ତ୍ର, ସାମ୍ୟବାଦ କି ପୁଞ୍ଜିବାଦ, ଏକଛତ୍ରବାଦ କି ସାମରିକ ଶାସନ, ରାଜନୈତିକ ପତନ କି ଉତ୍‌ଥାନ ଏ ସବୁ ବିବରଣୀ ଲୋକମାନଙ୍କ ପାଖରେ ପହଁଚାଇବାର କାର୍ଯ୍ୟ ସାମ୍ବାଦିକମାନେ ସମ୍ବାଦପତ୍ର, ବେତାର ଓ ଦୂରଦର୍ଶନ ମାଧ୍ୟମରେ ପ୍ରକାଶ କରିଥାଆନ୍ତି। ଭାରତବର୍ଷ ଓ ଅନ୍ୟାନ୍ୟ ପ୍ରାଚ୍ୟ ଦେଶଗୁଡ଼ିକଠାରୁ ପାଶ୍ଚାତ୍ୟ ଦେଶରେ ସମ୍ବାଦପତ୍ର ପାଠକଙ୍କ ସଂଖ୍ୟା ବହୁତ ବେଶୀ।

ସମ୍ବାଦ ବା ଖବରକୁ ନ୍ୟୁଜ୍ କୁହାଯାଏ। ଏହି ଶବ୍ଦର ଅକ୍ଷରଗୁଡ଼ିକୁ ଲକ୍ଷ୍ୟକଲେ ଚାରି ଦିଗର ସଙ୍କେତ ବୁଝାପଡେ। 'N' ଅକ୍ଷରଟି North ବା ଉତ୍ତର ଦିଗ, 'E' ଅକ୍ଷରଟି East ବା ପୂର୍ବ ଦିଗର ପ୍ରତୀକ, 'W' ବର୍ଣ୍ଣଟି ପଶ୍ଚିମ ଦିଗ ବା West ବୁଝାପଡେ। ସେହିପରି ଦକ୍ଷିଣ ଦିଗ ସ୍ଥାନରେ S ବା Southକୁ ବୁଝାଯାଏ। ଏଥିରୁ ସ୍ପଷ୍ଟ ଅନୁମେୟ ଚାରିଦିଗର କଥା ସମ୍ବାଦପତ୍ର ମାଧ୍ୟମରେ 'ଖବର' ରୂପେ ପ୍ରକାଶ ପାଏ।

ଆଧୁନିକ ଯୁଗରେ ସମ୍ବାଦପତ୍ର ପାଠ କରିବା ବହୁ ବ୍ୟକ୍ତିଙ୍କର ଅଭ୍ୟାସରେ ପରିଣତ ହୋଇପଡିଛି। ଚା, ପାନ ପରି ସମ୍ବାଦପତ୍ର ପଢ଼ିବା ଏକ ନିଶାରେ ପରିଣତ ହୋଇଅଛି। ନିଶାଦ୍ରବ୍ୟ ସେବନ କ୍ଷତିକାରକ; କିନ୍ତୁ ସମ୍ବାଦପତ୍ର ପାଠ ଲୋକମାନଙ୍କର ହିତ ସାଧନ କରେ। କୃଷକମାନେ କୃଷି ସମ୍ବନ୍ଧରେ ଓ କ୍ରୀଡାପ୍ରେମୀମାନେ କ୍ରୀଡା ବିଷୟରେ ଆବଶ୍ୟକ ବିବରଣୀ ପାଇପାରନ୍ତି। ଛାତ୍ରମାନେ ଜ୍ଞାନ ଆହରଣ କରିବା ସଙ୍ଗେସଙ୍ଗେ ପରୀକ୍ଷା ସମ୍ପର୍କରେ ବିଭିନ୍ନ କଥା ଅବଗତ ହୋଇଥାଆନ୍ତି। ପାଠକ ପାଠିକା ସାହିତ୍ୟ ପ୍ରେମୀମାନେ ଗଳ୍ପ, କବିତା, ପ୍ରବନ୍ଧ ଆଲୋଚନା ଆଦି ପାଠ କରିବା ଓ ଜାଣିବାର ସୁଯୋଗ ପାଇଥାଆନ୍ତି। ସମସ୍ତ ଜୀବଜଗତର ସୁରକ୍ଷା ଓ ସ୍ୱାଧୀନତାର ରକ୍ଷା ସମ୍ବାଦପତ୍ର ଓ ସାମ୍ବାଦିକଙ୍କ ଉପରେ ପଡିଥାଏ। ରାଜତନ୍ତ୍ରର ରାଜା ଓ ଗଣତନ୍ତ୍ରର ଲୋକ ପ୍ରତିନିଧିମାନଙ୍କର କାର୍ଯ୍ୟକଳାପ ଉପରେ ସାମ୍ବାଦିକମାନେ ନଜର ରଖିଥାଆନ୍ତି। ଶାସନ କର୍ତ୍ତୃପକ୍ଷ, ରାଜନୀତିଜ୍ଞ ଓ ସର୍ବସାଧାରଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତିଗଣ ଏବଂ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା। ସମ୍ବାଦପତ୍ର ଓ ସାମ୍ବାଦିକମାନେ ଦେଇଥିବା ଜନମତ ଦ୍ୱାରା ନିଜ ନିଜର ତ୍ରୁଟି ବୁଝିପାରି ନିଜେ ନିଜକୁ ସଂଶୋଧିତ କରିଥାଆନ୍ତି। କିନ୍ତୁ ଅସଲ କଥାଟି ହେଉଛି ସାମ୍ବାଦିକ ଗଣମାଧ୍ୟମର ଅଂଶ ସିନା, ଏହାର ମାଲିକାନା ଅନ୍ୟ କାହା ପାଖରେ ଥାଏ। କିଛି ସାମ୍ବାଦିକ ଦରମା ପାଇଥାଆନ୍ତି ତ' ଆଉ କିଛି ମାଗଣା ଖଟନ୍ତି। ସକାଳ ସମୟରେ ବିତରକ ତ' ସନ୍ଧ୍ୟାରେ ସାମ୍ବାଦିକ। ସକାଳ ଚାକିରି ସଞ୍ଜକୁ ନାହିଁ। ସାମ୍ବାଦିକତା ମାଲିକାନାର ଏକ ସଖୀ କଣ୍ଢେଇ ପାଲଟିଥାଏ। ଏଇତ ଆମର ବିଡମ୍ବନା ଚତୁର୍ଥ ସ୍ତମ୍ଭ ନିମ୍ନଗାମୀ; କିନ୍ତୁ ଅନ୍ୟ ତିନୋଟି ସ୍ତମ୍ଭ ଯଥା - ବିଧାନ ପାଳିକା, କାର୍ଯ୍ୟ ପାଳିକା, ନ୍ୟାୟ ପାଳିକା ବିଳାସବ୍ୟସନରେ ବିମଣ୍ଡିତ ହୋଇଥାଏ। ସାମ୍ବାଦିକଟି ଶୋଷିତ ହୁଏ, ତା'ର ଆକୁଳତାକୁ କେହି ବୁଝନ୍ତିନି। କେଉଁଠି ଦାରିଦ୍ର୍ୟର କଷାଘାତରେ ପେଷି ହୋଇ ରୋଗ, ଶୋକ ଓ ମୃତ୍ୟୁକୁ ଆଦରି ନିଏ। ସବୁ ଶାସନତନ୍ତ୍ରରେ ଅସହାୟା ଦ୍ରୌପଦୀକୁ ଯନ୍ତ୍ରଣା ଦେଇ ପାଶବିକ କ୍ଷୁଧା ମେଣ୍ଟାନ୍ତି ଦୁର୍ଯ୍ୟୋଧନମାନେ, କେଉଁଠି ସାଧାରଣ ଜନତା ଛଳନାର ଶିକାର ହୁଏ ମୃତ୍ୟୁକୁ ସାମ୍ନା କରେ ଜଉଘରେ। କେଉଁଠି ପିଲା ବିକ୍ରି ତ କେଉଁଠି ମାଦକଦ୍ରବ୍ୟ ସାଙ୍ଗରେ ରାଜନୈତିକ ହିଂସା, ଏସବୁର ଦରଦୀ ବନ୍ଧୁଟିଏ ହେଉଛି ଗଣମାଧ୍ୟମ। ଯିଏ ଅହରହ ଜନତାଙ୍କ ପାଖରେ ରହି ଗଣତନ୍ତ୍ରର ମୂଲ୍ୟବୋଧକୁ ବଞ୍ଚାଇବାକୁ ଚେଷ୍ଟାକରେ, ଯାହାର ମସୀ ଅସୀଠାରୁ ବଳିୟାନ ହୋଇଉଠେ ସେ ସାମ୍ବାଦିକ ହେଉଛି ସମାଜ ଓ ଜୀବଜଗତର ଜାଗ୍ରତ ପ୍ରହରୀ।



ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମର ଉତ୍ତର ଦାୟିତ୍ୱ ସବୁଠାରୁ ବେଶୀ। ବର୍ତ୍ତମାନ ଯୁଗରେ ସମ୍ବାଦ ଓ ସାମ୍ବାଦିକତାର ଗୁରୁତ୍ୱ ଯଥେଷ୍ଟ। ସମୟ ଥିଲା ପ୍ରସ୍ତର ଯୁଗରେ ମନୁଷ୍ୟ ତା'ର ଲିପି ପଥର ଉପରେ ଖୋଦିତ କରୁଥିଲା, କ୍ରମେ ତାଳପତ୍ର ଓ ଭୂଜପତ୍ରରେ ସାହିତ୍ୟ ଓ ସଂସ୍କୃତି ସଂରକ୍ଷଣର ଏକମାତ୍ର ମାଧ୍ୟମ ପାଲଟିଥିଲା। ମୁଦ୍ରଣ ଯନ୍ତ୍ରର ପରିକଳ୍ପନା ପରେ ଭାରତବର୍ଷରେ ଛାପା କାର୍ଯ୍ୟ ଆରମ୍ଭ ହେଲା। ପ୍ରଥମ ସମ୍ବାଦପତ୍ର ଭାବେ ୧୭୮୦ ଖ୍ରୀ.ଅ.ରେ 'ଦି ବେଙ୍ଗଲ ଗେଜେଟ' ପ୍ରକାଶ ପାଇଲା। ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଅୟମାରମ୍ଭରେ ସମ୍ବାଦପତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ୧୯୧୯ରୁ ୧୯୪୭ ମଧ୍ୟବର୍ତ୍ତୀ ସମୟରେ ଭାରତୀୟ ସମ୍ବାଦପତ୍ର ମହାତ୍ମାଗାନ୍ଧିଙ୍କ ଲେଖନୀ ଦ୍ୱାରା ସମୃଦ୍ଧ ହୋଇ ସମାଜରେ ଏକ ପରିବର୍ତ୍ତନ ଆଣିଦେଲା। ଗାନ୍ଧିଙ୍କ ଦ୍ୱାରା ଲୋକମାନେ ପ୍ରଭାବିତ ହେଲେ। ଫଳରେ ରାଜନୈତିକ ଓ ସାମାଜିକ କ୍ଷେତ୍ରରେ ଯୁଗାନ୍ତକାରୀ ପରିବର୍ତ୍ତନ ଘଟିଲା। ଗାନ୍ଧୀଜୀ ପାଞ୍ଚଟି ସମ୍ବାଦପତ୍ର ବା ପତ୍ରିକାର ପ୍ରତିଷ୍ଠାତା ସମ୍ପାଦକ ଥିଲେ। ପରୋକ୍ଷ ଭାବରେ ଗାନ୍ଧିଜୀ ଅଧିକାଂଶ ଭାରତୀୟ ସମ୍ବାଦପତ୍ର ସହ ଜଡିତ ଥିଲେ। 'ଇଣ୍ଡିଆନ୍ ଓପିନିୟନ' ଖବରକାଗଜ ଓ 'ୟଙ୍ଗ୍ ଇଣ୍ଡିଆ' ଏବଂ ନବଜୀବନ ପତ୍ରିକାର ପରିଚାଳନାର ଭାର ଗ୍ରହଣ କଲାପରେ ଗାନ୍ଧିଜୀ ଲୋକମାନଙ୍କୁ ସତ୍ୟାଗ୍ରହ ବିଷୟରେ ଶିକ୍ଷା ଦେଲେ। ୟଙ୍ଗ ଇଣ୍ଡିଆରେ ପ୍ରକାଶିତ କେତୋଟି ପ୍ରବନ୍ଧ ସରକାର ବିରୋଧୀ ଥିବାରୁ ଗାନ୍ଧିଜୀଙ୍କୁ ୬ ବର୍ଷ ଜେଲ୍ ଯିବାକୁ ପଡିଥିଲା। ଗାନ୍ଧିଙ୍କର ଲେଖା ପ୍ରକାଶ କରିବା ପାଇଁ ବିଦେଶୀ ଓ ଦେଶୀୟ ସମ୍ବାଦପତ୍ର ଗୁଡ଼ିକ ମଧ୍ୟରେ ପ୍ରତିଯୋଗିତା ଲାଗୁଥିଲା। ଗାନ୍ଧିଜୀ ସର୍ବଦା କହୁଥିଲେ ସମ୍ବାଦପତ୍ରଗୁଡ଼ିକ ସର୍ବଦା ନିର୍ଭୀକ ଓ ସତ୍ୟ ସମ୍ବାଦ ପରିବେଷଣ କରିବା ଉଚିତ୍। ୧୯୩୨ରେ ସେ ଜେଲ୍‌ରେ ଥିବା ସମୟରେ 'ହରିଜନ' ପତ୍ରିକାର ଆରମ୍ଭ କରିଥିଲେ। ଦଳିତମାନଙ୍କର ଅଧିକାର ଓ ସାମାଜିକ ସଂସ୍କାର ପାଇଁ ଏହି 'ହରିଜନ' ପତ୍ରିକାକୁ ଆୟୁଧ ରୂପେ ବ୍ୟବହାର କରିଥିଲେ। ଗାନ୍ଧିଜୀ ଯେଉଁ ନୀତି ନିୟମରେ ସାମ୍ବାଦିକତା ଓ ସମ୍ପାଦନା କରୁଥିଲେ ତାହା ବର୍ତ୍ତମାନ ଯୁଗରେ ସମ୍ଭବ ନୁହେଁ। ସମ୍ବାଦପତ୍ର ଏକ ମଙ୍ଗଳକାରୀ ଶକ୍ତି। ତାହା ସର୍ବଦା ଜୀବଜଗତର ହିତ ପାଇଁ। ଯଦି ସମ୍ବାଦପତ୍ର ଅଯୋଗ୍ୟ ହାତରେ ନିୟନ୍ତ୍ରିତ ହୁଏ, ତାହା ସମାଜର କ୍ଷତିସାଧନ କରେ।

ଓଡିଆ ଭାଷାର ପ୍ରଥମ ପତ୍ରିକା 'ଜ୍ଞାନାରୁଣ' ତା'ପରେ 'ସରକାରୀ ଗେଜେଟ୍'। ୧୮୫୬ରେ ପ୍ରକାଶ ପାଇଲା ପ୍ରବୋଧ ଚନ୍ଦ୍ରିକା। ତାହା ପ୍ରକୃତରେ ଥିଲା ଓଡିଆ ଭାଷାର ପ୍ରଥମ ସାହିତ୍ୟ ପତ୍ରିକା। ୧୮୬୬ ମସିହାରେ ନଅଙ୍କ ଦୁର୍ଭିକ୍ଷ ସମୟରେ ଜନ୍ମ ନେଲା ସ୍ୱଦେଶୀ ପତ୍ରିକା 'ଉତ୍କଳ ଦୀପିକା'। ଯାହାର ପ୍ରତିଷ୍ଠାତା ସଂପାଦକ ଥିଲେ କର୍ମବୀର ଗୌରୀଶଙ୍କର ରାୟ। ଏହିଠାରୁ ଆରମ୍ଭ ହେଲା ଓଡିଆ ଭାଷା ସାହିତ୍ୟ ସଂସ୍କୃତିର ଅଗ୍ରଗତି ପାଇଁ ପ୍ରାଥମିକ ଉଦ୍ୟମ। ବଙ୍ଗଳା ଭାଷାର ପ୍ରାବଲ୍ୟ ଯୋଗୁ ଆରମ୍ଭ ହୋଇଗଲା ଓଡିଆ ଭାଷାକୁ ସଂପୂର୍ଣ୍ଣ ବିଲୋପ କରିଦେବାର ଜଘନ୍ୟ ଷଡଯନ୍ତ୍ର। ଏହି ସମୟରେ ଫକୀରମୋହନଙ୍କ 'ବୋଧଦାୟିନୀ' ଓ 'ବାଲେଶ୍ୱର ସମ୍ବାଦବାହିକା'। ଓଡିଆ ଭାଷାର ସୁରକ୍ଷା ପାଇଁ ଏହି ପତ୍ରିକା ଥିଲା ଆଲୋକ ବର୍ତ୍ତିକା।

ସମ୍ବାଦପତ୍ର ହେଉଛି ଦେଶ ଓ ସମାଜ ଗଢ଼ିବାର ଏକ ଦୁର୍ବାର ଅମୋଘ ଅସ୍ତ୍ର। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ତାର ଯଥାର୍ଥ ଉପଯୋଗିତାକୁ ବିନିଯୋଗ କଲେ ଦେଶ, ଜାତି ଓ ବିଶ୍ୱର ସମାଜ କଲ୍ୟାଣ ସାଧିତ ହେବ। ସୁସ୍ଥ ସମାଜ ତଥା ଉନ୍ନତ ରାଷ୍ଟ୍ର ଗଠନରେ ସମ୍ବାଦପତ୍ର ଓ ସାମ୍ବାଦିକଙ୍କ ଭୂମିକା ଯେ ସ୍ୱତନ୍ତ୍ର ଏହା ସ୍ୱୀକାର୍ଯ୍ୟ।

*-ପାରାଦ୍ୱୀପଗଡ, କୁଜଙ୍ଗ, ଜଗତ୍‌ସିଂହପୁର, ମୋ. ନଂ. ୯୯୩୭୬୯୧୪୭୫*



# ମୋ ଗାଁ

## କେନ୍ଦୁଝର ଜିଲ୍ଲାରେ ଦୁଇ ହଜାର କୋଟି ଟଙ୍କା ବ୍ୟୟରେ ଏସାର ବେନିଫିକେସନ ପ୍ଲାଂଟ କରିବ, ବ୍ୟାପକ କର୍ମ ନିଯୁକ୍ତି ସୃଷ୍ଟି ସହ ଅଞ୍ଚଳର ବିକାଶ ପାଇଁ ସ୍ୱତନ୍ତ୍ର ଯୋଜନା




କେନ୍ଦୁଝର:(ପି.ଏନ): ବହୁରାଷ୍ଟ୍ରୀୟ କମ୍ପାନୀ ଏସାର ମିନମେଟ ଲିଃ ,କେନ୍ଦୁଝର ଜିଲ୍ଲାରେ ଦୁଇ ହଜାର କୋଟି ଟଙ୍କା ମୂଲ୍ୟର ଏକ ବେନିଫିକେସନ ପ୍ଲାଂଟ କରିବାକୁ ପ୍ରସ୍ତାବ ଚୂଡାନ୍ତ ହୋଇଥିବା ଜଣାପଡିଛି । ଏହି ପ୍ରସ୍ତାବିତ ଗ୍ରୀନଫିଲ୍ଡ ପ୍ରୋଜେକ୍ଟ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ପାଇଁ ସ୍ଥାନୀୟ ଜନବସତି ର ପୁନର୍ବାସ ବା ଥଇଥାନ ସମ୍ପର୍କିତ ପ୍ରସଙ୍ଗ ସହିତ ଜଡିତ ନଥିବାରୁ ଏଠାରେ ଆଓଆର ପଲିସି ଲାଗୁହେବ ନାହିଁ। ଏଥିପାଇଁ ସମସ୍ତ ଆନୁସଙ୍ଗିକ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ଘରୋଇ ଜମିକୁ ଛାଡି କେବଳ ସରକାରୀ ଜମିରେ ଏହି ବେନିଫିକେସନ କାରଖାନା ପ୍ରତିଷ୍ଠା ହେବ ବୋଲି ସୂଚନା ମିଳିଛି । ଏହି କାରଖାନା ପାଇଁ ୧୪୩ ଏକର ଜମି ଆବଶ୍ୟକ ହେଉଥିବାବେଳେ ସବୁଠାରୁ ବଡ କଥା ହେଉଛି କୌଣସି ଘରୋଇ ବା ବ୍ୟକ୍ତିଗତ ଜମିକୁ ଅଧିଗ୍ରହଣ ନ କରି କେବଳ ସରକାରୀ ଜମିରେ ଏହି କାରଖାନା ପ୍ରତିଷ୍ଠା ହେବ ଓ ଏଥିରେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ୩୦୦ଜଣ ନିଯୁକ୍ତ ପାଇବେ ବୋଲି ଜଣାପଡିଛି । କାରଖାନା ହେବାକୁ ଥିବା ଜମି ଅଣ ଜଙ୍ଗଲ ଓ ଅଣଜଳସେଚିତ ଜମି ଅଟେ। ସଂପୂର୍ଣ୍ଣ ଜମି ଇଡକୋ ମାଲିକାନାରେ ରହିଛି । ଏହା କମ୍ପାନୀକୁ ହସ୍ତାନ୍ତରିତ ହେବ। ଏହି ଅଞ୍ଚଳରେ ଶିଳ୍ପ ସଂସ୍ଥା ପ୍ରତିଷ୍ଠା ପରେ ଉକ୍ତ ଅଞ୍ଚଳରେ ବେରୋଗଗାରୀ ହ୍ରାସ ପାଇବ। ଏହି କାରଖାନା ଏକ ପରିବେଶୀୟ ଅନୁକୂଳ ପ୍ଲାଂଟ ହେବ ବୋଲି ମଧ୍ୟ ସରକାରଙ୍କ ସହ ରାଜିନାମା କରିଥିବା ଜଣାପଡିଛି । ଦେଶରେ ଦ୍ରୁତ ଶିଳ୍ପାୟନ ଦ୍ୱାରା ଉପୁଜୁଥିବା ଜଳ,ବାୟୁ ଏବଂ ଶବ୍ଦ ପ୍ରଦୂଷଣକୁ ଆଖିଆଗରେ ରଖି କମ୍ପାନୀ ପକ୍ଷରୁ କାରଖାନା ନିର୍ମାଣ କରାଯିବ। ପରିବେଶ ସୁରକ୍ଷାକୁ ଅଗ୍ରାଧିକାର ଦେଇ ଏହି କମ୍ପାନୀ ପକ୍ଷରୁ ଅତ୍ୟାଧୁନିକ ଜ୍ଞାନକୌଶଳରେ ପାରାଦ୍ୱୀପରେ ୧୪ମିଲିୟନ ଟନ କ୍ଷମତା ବିଶିଷ୍ଟ ଏକ ମିନିମେଟର ପେଲେଟ ପ୍ଲାଂଟ ପ୍ରତିଷ୍ଠା କରିବା ପାଇଁ ଲକ୍ଷ୍ୟ ରଖିଥିବାବେଳେ ଏଥିପାଇଁ ୩୩୪୭ କୋଟି ଟଙ୍କା ବ୍ୟୟ ହେବ ବୋଲି ମଧ୍ୟ ଜଣାପଡିଛି । ଏଥିପାଇଁ ଜନଶୁଣାଣୀ ରେ ସ୍ଥାନୀୟ ଲୋକଙ୍କ ସହମତି ମିଳିଛି। କେନ୍ଦୁଝରରେ ହେବାକୁ ଥିବା ୧୪.୩ ମିଲିୟନ ଟନ କ୍ଷମତା ବିଶିଷ୍ଟ ବେନିଫିକେସନ ପ୍ଲାଂଟରେ ସାମାଜିକ,ଆର୍ଥିକ,ଶିକ୍ଷା ଓ ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ଏହି କମ୍ପାନୀ କାର୍ଯ୍ୟ କରିବ ବୋଲି ସାଧାରଣରେ ମତପ୍ରକାଶ ପାଇଥିବା ସହ କେନ୍ଦୁଝର ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଏହି କାରଖାନା ଏକ ଆଶାର ଝଲକ ହେବ ବୋଲି ସାଧାରଣରେ ଆଲୋଚନା ହେଉଛି । କେନ୍ଦୁଝର ଜିଲ୍ଲାର ସଦର ବ୍ଲକ ଅନ୍ତର୍ଗତ ଟିକରପଡା ଗ୍ରାମ ନିକଟରେ ଏହି କାରଖାନା ପ୍ରତିଷ୍ଠା ହେବ ବୋଲି ଜଣାପଡିଛି । ଏହି କାରଖାନାରେ କମ ପରିମାଣ ଜଳ ବ୍ୟବହାର କରାଯିବ ବୋଲି ସୂଚନା ମିଳିଥିବାବେଳେ ଅତ୍ୟାଧୁନିକ ଜ୍ଞାନ କୌଶଳକୁ ବ୍ୟବହାର କରି ଏହି କାରଖାନା ସ୍ଥାପନ କରୁଥିବାରୁ ପ୍ରଦୂଷଣ ମଧ୍ୟ କମ ହେବ ବୋଲି ଜଣାପଡିଛି । ବ୍ୟବହୃତ ଜଳକୁ ବାରମ୍ବାର ବ୍ୟବହାର କରି ଏହା କାରଖାନା କାର୍ଯ୍ୟରେ ଲଗାଯାଇପାରିବ ବୋଲି ଜଣାପଡିଛି । ତ୍ରିସ୍ତରୀୟ ପାରିପାର୍ଶ୍ୱିକ ସବୁଜ ବଳୟ କରିବା ପାଇଁ କମ୍ପାନୀ କାରଖାନା କ୍ଷେତ୍ରରେ ୩୩ ପ୍ରତିଶତ ଜମିରେ ଜଙ୍ଗଲ ସୃଷ୍ଟି ସହ ପାରିପାର୍ଶ୍ୱିକ ଉନ୍ନତି ଦିଗରେ ଏହି କମ୍ପାନୀ କାର୍ଯ୍ୟ କରିବ। କେନ୍ଦୁଝର ଜିଲ୍ଲାରେ ଏହି କମ୍ପାନୀ ପରି ଅଧିକ ଶିଳ୍ପ ସୃଷ୍ଟି ପାଇଁ ସୁଯୋଗ ସୃଷ୍ଟି ହେବା ସହ ଅର୍ଥନୈତିକ ବିକାଶ ଆବଶ୍ୟକ ବୋଲି ସାଧାରଣରେ ମତବ୍ୟକ୍ତ ହୋଇଛି ।

### ଚୋରାରେ ବିକ୍ରି ହେଉଥିବା ପିଡିଏସ କିରୋସିନ ଜବତ, ବେପାରୀ ଅଟକ

ଧର୍ମଶାଳା, (ପିଏନ୍): ଧର୍ମଶାଳା ଥାନା ୧୬ ନମ୍ବର ଜାତୀୟ ରାଜପଥ ନେଉଳପୁର ନିକଟସ୍ଥ ରେଲୱେ ଓଭରବ୍ରି ନିକଟରେ ଜିଲ୍ଲା ପୁଲିସ ସ୍କାଡ ଶାମସୁଦ୍ଦିନ ଇସମାଇଲଙ୍କ ଗୋଦାମ ଘରେ ଚଢାଉ କରି ପ୍ରାୟ ୩୦୫ଲିଟର କିରୋସିନ ଜବତ କରିଛି । ସୂଚନା ମୁତାବକ, ଏଠାରେ ନେଉଳପୁର ଗ୍ରାମର ସମସୁଦ୍ଦିନ ଦୀର୍ଘ ଦିନ ହେଲା ପିଡିଏସ କିରୋସିନ ଚୋରାରରେ ଆଣି ଏଠାରେ ବିକ୍ରି କରୁଥିଲେ । ଏସମ୍ପର୍କରେ ଏସପି ଖବର ପାଇ ସେଠାରେ ଚଢାଉ କରିବା ପାଇଁ ଜିଲ୍ଲା ପୁଲିସ ସ୍କାଡକୁ ନିର୍ଦ୍ଦେଶ ଦେଇଥିଲେ । ଆଜି ଅପରାହ୍ନରେ ଜିଲ୍ଲା ପୁଲିସ ସ୍କାଡ ସେଠାରେ ଚଢାଉ କରି କିରୋସିନ ଜବତ କରିଥିଲା । ଖବର ପାଇ ଧର୍ମଶାଳା ପୁଲିସ ସେଠାରେ ପହଁଚି କିରୋସିନ ଜବତ କରିବା ସହ ସମସୁଦ୍ଦିନକୁ ଥାନାକୁ ଆଣି ପଚରା ଉଚୁରା କରୁଛି । ଚଢାଉ ବେଳେ ଗୋଦାମ ରହିଥିବା ୩ ଗୋଟି ବ୍ୟାରେଲରେ ୩୦୦ଲିଟରରୁ ଉର୍ଦ୍ଧ କିରୋସିନ ଜବତ କରିଛି । ଏନେଇ ଧର୍ମଶାଳା ଥାନା ପୋଲିସ ଏକ ମାମଲା ରୁଜୁ କରିବା ସହ ବେପାରୀ ସମସୁଦ୍ଦିନକୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି ।

### ଓଡିଶାର ପ୍ରଜ୍ଞାପନ ମେଢ ବାଦ୍ ପଡିବା ମାମଲାରେ ରାଜ୍ୟପାଳଙ୍କୁ ଭେଟିଲା ଉତ୍କଳ ସମ୍ମିଳନୀ

ଭୁବନେଶ୍ୱର, (ପି.ଏନ): ଆସନ୍ତା ୨୬ ତାରିଖରେ ସାଧାରଣତନ୍ତ୍ର ଦିବସରୁ ଓଡିଶାର ପ୍ରଜ୍ଞାପନ ମେଢକୁ ଉଦ୍ଦେଶ୍ୟମୂଳକ ଭାବେ ବାଦ୍ ଦେଇଥିବା ଅଭିଯୋଗ କରି ଆଜି ଉତ୍କଳ ସମ୍ମିଳନୀର ଏକ ପ୍ରତିନିଧୀ ମଣ୍ଡଳୀ ରାଜ୍ୟପାଳଙ୍କୁ ସାକ୍ଷାତକରି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି ।

## କେଡିଏମ୍ କ୍ରିକେଟ୍ ଟୁର୍ଣ୍ଣାମେଂଟ, ଗଙ୍ଗାଧରପୁର ଓ ଚୋରମୁହାଁ ବିଜୟୀ

ଧର୍ମଶାଳା,(ପିଏନ୍): ଧର୍ମଶାଳା ବ୍ଲକ ଜାରକା ଷ୍ଟାଡିୟମରେ ଚାଲିଥିବା ସପ୍ତମ ବାର୍ଷିକ କଳ୍ପତରୁ ଦାସ ମେମୋରିଆଲର କ୍ରିକେଟ ଟୁର୍ଣ୍ଣାମେଂଟର ସୁପର ଏଇଟ ମ୍ୟାଚରେ ଆଜି ଗଙ୍ଗାଧରପୁର ଓ ଚୋରମୁହାଁ ଟିମ ବିଜୟୀ ହୋଇଛନ୍ତି । ଗଙ୍ଗାଧରପୁର ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୮ ଉଇକେଟ ହରାଇ ୧୪୧ ରନ କରିଥିଲା । ଦଳ ପକ୍ଷରୁ ରାନ କୁମାର ବିଶ୍ୱାଳ ୩୧ ରନ କରିଥିଲେ । ବିପକ୍ଷ ସିଂହାପୁର ଟିମର ସିବ ଜେନା ଓ ବିଶ୍ୱଜିତ ବାରିକ ୨ଟି ଲେଖାଏଁ ଉଇକେଟ ନେଇଥିଲେ । ଜବାବରେ ସିଂହାପୁର ଟିମ ବ୍ୟାଟିଂ କରି ୧୪.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୪୦ ରନ କରି ପରାସ୍ତ ହୋଇଥିଲା । ଦଳପକ୍ଷରୁ ବିଶ୍ୱଜିତ ବାରିକ ୩୧ ରନ କରିଥିଲେ । ବିପକ୍ଷ ଗଙ୍ଗାଧରପୁର ଟିମର ସୁରେଶ ବେହେରା ୩ଟି ଓ ଦେବଦତ ସାମଲ ୨ଟି ଉଇକେଟ ନେଇଥିଲେ । ଦ୍ୱିତୀୟ ମ୍ୟାଚରେ ଲମୀନଗର ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧରିତ ଓଭରରୁ ୧୦.୪ ଓଭରରେ ସମସ୍ତ ଉଇକେଟ ହରାଇ ୩୦ରନ କରିଥିଲା । । ବିପକ୍ଷ ଚୋରମୁହାଁ ଟିମର ସୁମନ ଦାସ ୪ଟି ଓ ବସନ୍ତ ମହାନ୍ତି ୩ଟି ଉଇକେଟ ନେଇଥିଲେ । ଜବାବରେ ଚୋରମୁହାଁ ଟିମ ବ୍ୟାଟିଂ କରି ୩.୨ ଓଭରରେ ୨ ଉଇକେଟ ହରାଇ ୩୧ରନ କରି ବିଜୟୀ ହୋଇଥିଲା । ଦଳ ପକ୍ଷରୁ ଆନନ୍ଦ ବେହେରା ୧୭ ରନ କରିଥିଲେ । ଆଜିର ମ୍ୟାଚକୁ ନାରାୟଣ ପାଳ, ଉତମ ସାମଲ, , ସିଦ୍ଧାର୍ଥ ପାଳ ଓ ମହେଶ୍ୱର ସ୍ୱାଇଁ ପରିଚାଳନା କରିଥିଲେ । ଶୁକ୍ରବାର ଶେଷ ସୁପର ଏଇଟ ମ୍ୟାଚ ପ୍ରଥମାଖଣ୍ଡି ଟିମ ସହିତ ସାହାଣୀଡିହ ଟିମ ଓ ପଟୁଣିଆ ଟିମ ସହିତ ତାଳଜଙ୍ଗ ଟିମ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି କେଡିଏମ ଉପାଧ୍ୟକ୍ଷ ରଶ୍ମୀରନ ରାୟ ସୂଚନା ଦେଇଛନ୍ତି ।

## ଅତିରିକ୍ତ ତହସିଲଦାରଙ୍କ ପଦୋନ୍ନତି

ଧର୍ମଶାଳା, (ପିଏନ୍): ଧର୍ମଶାଳାର ଅତିରିକ୍ତ ତହସିଲଦାର ଶୀତଲ ଅଗ୍ରୱାଲଙ୍କ ପଦୋନ୍ନତି ହୋଇଛି । ତାଙ୍କୁ ନୟାଗଡ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସହକାରୀ ଜିଲ୍ଲାପାଳ ଭାବେ ନିଯୁକ୍ତି ଦିଆଯାଇଥିବା ରାଜସ୍ୱ ବିଭାଗ ବିଜ୍ଞପ୍ତିରୁ ଜଣାପଡିଛି । ଶ୍ରୀମତୀ ଅଗ୍ରୱାଲ ୪ବର୍ଷ ହେଲା ଏଠାରେ କାର୍ଯ୍ୟରତ ଥିଲେ । ତାଙ୍କ ପଦୋନ୍ନତି ପରେ ଧର୍ମଶାଳା ତହସିଲରେ ଏହି ପଦବୀ ଖାଲି ପଡିବ ବୋଲି କୁହାଯାଇଛି । ଫଳରେ ଜନସାଧାରଣଙ୍କର ହେଉଥିବା ବିଭିନ୍ନ ପ୍ରମାଣପତ୍ର ଓ ଲଘୁଖଣିଜ ଚୋରା ଚାଲାଣ ରୋକାଯିବାରେ ବାଧା ସୃଷ୍ଟି ହେବା ନେଇ ଆଶଙ୍କା ପ୍ରକାଶ ପାଇଛି । ଶ୍ରୀମତୀ ଅଗ୍ରୱାଲଙ୍କ ବଦଳି ପରେ ଏଠାରେ ଆଉ ଜଣେ ଅତିରିକ୍ତ ତହସିଲଦାର ନିଯୁକ୍ତି ଦେବାପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## କୋତପୁରରେ ନୂତନ ଫାଣ୍ଡି ଅଧିକାରୀ

ଧର୍ମଶାଳା, (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ କୋତପୁର ଫାଣ୍ଡିରେ ବରିଷ୍ଠ ଏଏସଆଇ ନିରନ ବେହୁରା ନୂତନ ଫାଣ୍ଡି ଅଧିକାରୀ ଭାବେ କାର୍ଯ୍ୟରେ ଯୋଗ ଦେଇଛନ୍ତି । ପୂର୍ବ ଫାଣ୍ଡି ଅଧିକାରୀ ରାଜେନ୍ଦ୍ର ବିକ୍ରମ କେରକେଟାଙ୍କ ନିକଟରୁ ଗତ ମଙ୍ଗଳବାର ସେ ଦାୟିତ୍ୱ ଗ୍ରହଣ କରିଥିଲେ । ଶ୍ରୀ କେରକେଟାଙ୍କୁ ଧର୍ମଶାଳା ଥାନାକୁ ବଦଳି କରାଯାଇଛି । ଫାଣ୍ଡି କର୍ମଚାରୀଙ୍କ ସମେତ କୋତପୁର ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଶ୍ରୀ ବେହୁରାଙ୍କୁ ସ୍ୱାଗତ କରିଥିବା ବେଳେ ପୂର୍ବ ଫାଣ୍ଡି ଅଧିକାରୀ ଶ୍ରୀ କେରକେଟାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜଣାଇଥିଲେ । ନୂଆ ଫାଣ୍ଡି ଅଧିକାରୀ ଶ୍ରୀ ବେହୁରା ଏହା ପୂର୍ବରୁ ବରୀ ଥାନା ସମେତ ଧର୍ମଶାଳା, ବଡ଼ଚଣା, ଯାଜପୁର ରୋଡ଼ ଆଦି ଥାନାରେ କାର୍ଯ୍ୟରତ ଥିଲେ । ଫାଣ୍ଡି ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣରେ ରଖିବା ତାଙ୍କ ପ୍ରଥମ କାର୍ଯ୍ୟ ହେବ ବୋଲି ଶ୍ରୀ ବେହୁରା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ।

## ଜମିବାଡି ଗଣ୍ଡଗୋଳକୁ ନେଇ ୩ ଗିରଫ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଜେନାପୁର ଥାନା ପୁଲିସ ଏକ ଗ ?ଣ୍ଡଗୋଳ ଘଟଣାରେ ଆଜି ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନା ମୁତାବକ ଜେନାପୁର ଗ୍ରାମରେ ଜମିବାଡି ବିବାଦକୁ କେନ୍ଦ୍ର କରି ଗତ ମାସ ୨୧ ତାରିଖରେ ଦୁଇଟି ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ଏହି ଗଣ୍ଡଗୋଳରେ ଘଟଣାରେ ଭରତ ରାଉତ ଓ ବାସନ୍ତି ରାଉତ ଥାନାରେ ଅଭିଯୋଗ କରିଥିଲେ ।

## ଆସୁଛି ମକର ପର୍ବ କାହାରି ମନରେ ନାହିଁ ହରଷ

ଢେଙ୍କିକୋଟ, (ପି.ଏନ):ଆମ ରାଜ୍ୟ ଓଡିଶାରେ ମକର ପର୍ବ ଏକ ଗଣପର୍ବ । ନୂଆବର୍ଷର ପ୍ରଥମ ଜାନୁଆରୀ ମାସରେ ଏହି ପର୍ବ ୧୪ତାରିଖ ଠାରୁ ଆରମ୍ଭ ହୋଇଥାଏ । ମୁଖ୍ୟତଃ ଆମ ରାଜ୍ୟର କେନ୍ଦୁଝର ଓ ମୟୁରଭ ଜିଲ୍ଲାର ଲୋକମାନଙ୍କର ପ୍ରମୁଖ ପର୍ବ ହୋଇଥାଏ । ଘରେ ଘରେ ପିଠାପଣା, ବନ୍ଧୁବାନ୍ଧବ ସହିତ ଏହି ପର୍ବଟି କଟିଥାଏ । ହେଲେ ଗତବର୍ଷ ଭଳି ଏ ବର୍ଷ ମଧ ମକର ପର୍ବ ଫିକା ପଡିବ କାରଣ କରୋନା ପରେ ବର୍ତ୍ତମାନ ଓମିକ୍ରନ ପରି ମହାମାରୀରେ ଲୋକେ ଆକ୍ରାନ୍ତ । ସରକାରଙ୍କ ନୂତନ ନୀତିନିୟମ ସାଙ୍ଗକୁ ଲୋକମାନଙ୍କର ଭୟ, ମନରେ ଛନକା । କେତେବେଳେ କଣ ଘଟିଯାଉଛି । ଆଗରୁ କିଛିଦିନ ତଳେ ବାତ୍ୟା ଯୋଗୁଁ ଅନେକ କ୍ଷୟକ୍ଷତି ହୋଇଯାଇଛି । ଲୋକମାନଙ୍କ ହାତରେ ଅର୍ଥ ନାହିଁ । ବେପାର ବଣିଜ ଦୁଇବର୍ଷ ହେଲାଣି ଭଲ ବି ହେଉନାହିଁ । ଲୋକ ମାନଙ୍କ ମେରୁଦଣ୍ଡ ଭାଙ୍ଗି ଯାଇଛି । ବାହାର ରାଜ୍ୟରେ ରହି ଯିଏ କାମଧନ୍ଦା କରୁଛନ୍ତି ସେମାନେ ଘରକୁ ଫେରିବା କଷ୍ଟକର । କିଛି ଲୋକ ଭୟରେ ମଧ ଆସିବେ ନାହିଁ । ବର୍ତ୍ତମାନ ମକର ପର୍ବ ପାଇଁ କେନ୍ଦୁଝର ଜିଲ୍ଲା ଉତ୍ସବ ମୁଖର ହୋଇଯିବା କଥା,ଚାରିଆଡେ ଜାନିଯାତ୍ରା ଲାଗି ରହିବା କଥା କିନ୍ତୁ ସବୁ ଖୁସି ଆଜି ଖୁସିରେ ରହିଯାଉଛି ।

## ମା'ରଇଶୁଣୀ ଠାକୁରାଣୀ ଓଷା ପାଳିତ

କେନ୍ଦୁଝର:(ପି.ଏନ):କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ ଭୂଇଁପୁର ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା'ରଇଶୁଣୀ ଠାକୁରାଣୀ ଓଷା ୯ଦିନ ଧରି ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି । ଏହି ଓଷା ଆଖପାଖ ଅଂଚଳର ଗଣପର୍ବ ଭାବେ ପରିଚିତ ହୋଇଥିବା ବେଳେ ପରମ୍ପରା ଅନୁସାରେ ପୂଜାର ଏକ ସପ୍ତାହ ପୂର୍ବରୁ ଗ୍ରାମ ପାଖ ପାରୁଡିପଶି ଗ୍ରାମରୁ ମା'ଙ୍କ ବିଗ୍ରହ ଅଣାଯାଇ ପୂଜାର୍ଚ୍ଚନା ପରେ ଗ୍ରାମର କୋଠୀ ଗୃହରେ ସ୍ଥାପନା କରାଯାଇ ଥାଏ । ପୂଜକ ମନୋଜର ନାଏକ, ଗାଉଣୀ ବିକ୍ରମ ବେହେରା ଏବଂ ଗ୍ରାମବାସୀଙ୍କ ସହଯୋଗରେ ଏହି ପୂଜା ଅନୁଷ୍ଠିତ ହୋଇଥିଲା । ଗତ ଗୁରୁବାର ପୂଜାର୍ଚ୍ଚନା ପରେ ମା'ଙ୍କୁ ଗ୍ରାମର ମଧ ଭାଗରେ ଥିବା ପୂଜାସ୍ଥଳୀକୁ ଅଣାଯାଇ ସ୍ୱତନ୍ତ୍ର ପୂଜାପାଠ ହୋଇଥିଲା । ଏହି ଅବସରରେ ଗ୍ରାମର ସତ୍ୟବାଦୀ ଯୁବକ ସଘ ତରଫରୁ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅବସରରେ ଜଗଦୀଶ ପଣ୍ଡାଙ୍କ ନିର୍ଦ୍ଦେଶିତ ନାଟକ 'ଲୁହରେ ଲେଖା ମୋ କପାଳ ରେଖା' ନାଟକ ପରିବେଷଣ କରାଯାଇଥିଲା । ଯୁବକ ସଂଘର ସଦସ୍ୟ ଅବନୀ କୁମାର ବାରିକ ଓ ଦୀନମଣି ବାରିକଙ୍କ ନେତୃତ୍ୱରେ ଅବନୀ, ନିର୍ମଳ, କୁନା,ଚିକୁ, ଅଜୟ, ବିଭୁ, ଶାନୁ, ଶୁଭପ୍ରକାଶ, ମୁନା, ମିଟି, ଗିରି, ସରୋଜ, ଅମରେଶ, ଦିପୁ, ଟୁକୁ, ତାପସ, ମାଗୁଣି, ରାଜା, ସ୍ନେହା, ଶିବାନୀ, ରିତୁ ପ୍ରମୁଖ ଉକ୍ତ ନାଟକରେ ଅଭିନୟ କରିଥିବା ବେଳେ ମୟୂରଭ ଉଦଳାର ଓଁ ମା' ଚିତ୍ରାଳୟର ସହଯୋଗରେ ନାଟକ ପରିବେଷଣ ହୋଇଥିଲା ।

## ନିଖିଳ ଓଡିଶା ଆଇନଜୀବୀ ସଂଘର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ

ଅନୁଗୋଳ (ପି.ଏନ): ଅନୁଗୋଳସ୍ଥିତ ଏକ ଘରୋଇ ହୋଟେଲରେ ନିଖିଳ ଓଡିଶା ଆଇନଜୀବୀ ସଂଘର କାର୍ଯ୍ୟକାରିଣୀ ବୈଠକ ଉପସଭାପତି ସୟ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଗତ ଶନିବାର ଦିନ ୍ନୁଷ୍ଠିତ ହୋଇଯାଇଛି । ପ୍ରରମ୍ଭରେ ସଂଘ ସଭାପତି ଗୋପାଳ କୃଷ୍ଣ ମହାନ୍ତିଙ୍କ ମାତା ୰ ସରଳା ମହାନ୍ତିଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ରାଜ୍ୟର ବିଭିନ୍ନ ବାରକୁ ଉପସ୍ଥାପନା କରୁଥିବା ଆଇନଜୀବୀମାନେ ଓକିଲମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିବା ସହ ଗୁମାତ୍ମକ ବିକାସ ନିମନ୍ତେ କିପରି ଉନ୍ନତିମୂଳକ ପଦକ୍ଷେପ ନିଆଯାଇ ପାରିବ ସେଥିପ୍ରତି ଦୃଷ୍ଟି ଆକର୍ଷଣ କରିଥିଲେ । ଆସନ୍ତା ଡିସେମ୍ବର ୨୯ତାରିଖରେ ହେବାକୁ ଥିବା ୨୦୨୧ବର୍ଷପାଇଁ ବାର୍ଷିକ ଉତ୍ସବ ଓ ସୁବର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ କଟକ ଜିଲ୍ଲା ସାଲେପୁରଠାରେ କରାଯିବାକୁ ସ୍ଥାନ ନିରୁପଣ କରାଗଲା । ଏହି ସମାରୋହରେ ସଦସ୍ୟ ସଂଖ୍ୟା କିପରି ବୃଦ୍ଧି ହେବ ଓ ସୁରୁଖୁରୁରେ ପାଳନ ହେବ ସେ ବିଷୟରେ ବିଷଦ ଭାବରେ ଆଲୋଚନା ହୋଇଥିଲା । ଆଇନଜୀବୀମାନଙ୍କର ସର୍ବନିମ୍ନ ଆୟକୁ ନିର୍ଦ୍ଧାରଣ କରିବା ସହ ଓକିଲମାନଙ୍କ ପାଇଁ ଧାର୍ଯ୍ୟ କରାଯାଇଥିବା କର୍ପାସ ପାଣ୍ଠିର ଅନୁଦାନ ପରିମାଣ ୫ କୋଟିରୁ ୮ କୋଟିକୁ ବୃଦ୍ଧି କରିବା ନିମନ୍ତେ ଦୃଢ ସ୍ୱର ଉତୋଳନ ପାଇଁ ମତ ପ୍ରକାଶ ପାଇଥିଲା । ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସଭାପତି ବିଚିତ୍ରାନନ୍ଦ ବଡଜେନା, ସଂପାଦକ ସୁଶାନ୍ତ କୁମାର ବରାଳ, ସଂଗଠନ ସଂପାଦକ ରମେଶ ବଳ, ଭନଗର ସଂଘର ରାଜେନ୍ଦ୍ର ପ୍ରଧାନ, ବୌଦ୍ଧର ଜୁଲିଅସ ସିଜର ମହାକୁଡ, ବାଲେଶ୍ୱରର ସୁଧାଂଶୁ ଦାସ, ରାଉରକେଲାର ସରୋଜ ମହାପାତ୍ର, ଅନୁଗୋଳର ସୁଶାନ୍ତ ମିଶ୍ର, ଉଚ୍ଚ ନ୍ୟାୟାଳୟର ଦେବାଶିଷ ମିଶ୍ର, ବିଭୁଦତ ବାରିକ, ଜଗଦିଶ ସାହୁ, ସଚିନ୍ଦ୍ର କହଁର, ସରୋଜ କୁମାର ଦାସ, ଅନୁଗୋଳ ବାରର ସୋମନାଥ ରାଉତ, ପ୍ରଦୀପ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ ଅନୁଗୋଳ ବାରର ଶତ୍ରୁଘ୍ନ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ ।

### ନଦୀରୁ ଅଜଣା ମହିଳାଙ୍କ ମୃତ ଦେହ ଉଦ୍ଧାର

ବାଲେଶ୍ୱର,(ପି.ଏନ): ଟାଉନ ଥାନା ଅନ୍ତର୍ଗତ ବାଲିଘାଟ ଠାରେ ବଢ଼ାବଳଙ୍ଗ ନଦୀରେ ଜନୈକା ଅଜଣା ବୃଦ୍ଧା ମହିଳାଙ୍କର ମୃତ ଦେହ ଉଦ୍ଧାର କରାଯାଇଛି । ବୃଦ୍ଧାଙ୍କର ମୃତ ଦେହ ନଦୀରେ ଭାସୁଥିବାର ଦେଖି ଖବର ଦେବା ପରେ ଅଗ୍ନିଶମ ବିଭାଗ ପକ୍ଷରୁ ଉଦ୍ଧାର କରାଯାଇ ଫକୀର ମୋହନ ମେଡିକାଲ କଲେଜରେ ରଖାଯାଇଛି । ୭୨ ଘଣ୍ଟା ପରେ ମୃତ ଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ । ଏ ବାବଦରେ ସଦର ଥାନା ୟୁଡି କେସ୍ ନଂ ୬୮/୨୧ରେ ମାମଲା ରୁଜୁ ହୋଇଛି ।

### ବିଜେଡ଼ିର ବ୍ଲକସ୍ତରୀୟ ପରିଚାଳନା କମିଟି ଗଠିତ

ଧର୍ମଶାଳା, (ପିଏନ୍): ଆସନ୍ତା ପଞ୍ଚାୟତ ନିର୍ବାଚନ ପାଇଁ ଧର୍ମଶାଳା ବିଜେଡ଼ିର ବ୍ଲକସ୍ତରୀୟ ପରିଚାଳନା କମିଟି ଗଠନ କରାଯାଇଛି । ବ୍ଲକ ବିଜେଡ଼ି ସଭାପତି ଜଳଧର ମହାନ୍ତିଙ୍କ ସମେତ ଜିଲ୍ଲା ବିଜେଡ଼ିର ମହାସଚିବ ଡ. ପ୍ରିୟନାଥ ମହାପାତ୍ର, ନିର୍ବାଚନ ମଣ୍ଡଳୀ ସଭାପତି ଜଳଧର ସାହୁ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୁଃଶାସନ ସାହୁ, କ୍ଷିତୀଶ କୁମାର ନାୟକ ଓ ଜଗଦାନନ୍ଦ ରାଉତଙ୍କୁ ନେଇ ଏକ ଦଶଜଣିଆ ବ୍ଲକସ୍ତରୀୟ ପରିଚାଳନା କମିଟି ଗଠନ କରାଯାଇଥିବା ଦଳପକ୍ଷରୁ ଏକ ପ୍ରେସ୍ ବିବୃତ୍ତିରେ କୁହାଯାଇଛି ।

## ମା ବୁଢ଼ିଜାଗୁଳାଇ କ୍ରିକେଟ ଟୁର୍ଣ୍ଣାମେଂଟ ଉଦଘାଟିତ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ସେବତୀପୁର ଖେଳପଡିଆରେ ୧୩ ତମ ମା ବୁଡିଜାଗୁଳାଇ କ୍ରିକେଟ ଟୁର୍ଣ୍ଣାମେଂଟ ଗୁରୁବାର ଅଭୟପୁର ସରପଂଚ ଶ୍ୟାମସୁନ୍ଦର ସାହୁଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି । ଅନୁଷ୍ଠିତ ୨ ଗୋଟି ମ୍ୟାଚରେ ଅଚ୍ୟୁତପୁର ଚତ୍ରପଦା ବିଜୟୀ ହୋଇଛି । ରାଧାନଗର ଟିମ ପ୍ରଥମେ ବ୍ୟାଟିଂ କରି ୯.୩ ଓଭରରେ ସମସ୍ତ ଉଇକେଟ ହରାଇ ୭୧ ରନ କରିଥିଲା । ଜବାବରେ ଅଚ୍ୟୁତପୁର ଟିମ ୯.୧ ଓଭରରେ ୭୨ ରନ କରି ବିଜୟୀ ହୋଇଥିଲା । ଦ୍ୱିତୀୟ ମ୍ୟାଚରେ ଚତ୍ରପଦା ୧୧.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୫୧ ରନ କରିଥିଲା । ଜବାବରେ ବାମଦେଇପୁର ଟିମ ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ହରାଇ ୮୨ ରନ କରି ପରାସ୍ତ ହୋଇଥିଲା । ଉଭୟ ଖେଳକୁ ଶିବ ସୁନ୍ଦର, ସାନ୍ତନୁ ମହାନ୍ତି ଓ ଦୀପକ ରାଉତ ପରିଚାଳନା କରିଥିଲେ ।

## ବରଗଡରେ ସ୍ମାର୍ଟ ହେଲ୍‌ଥ କାର୍ଡ ଯୋଜନାର ଶୁଭାରମ୍ଭ

ଭୁବନେଶ୍ୱର, (ପି.ଏନ): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି ବରଗଡ ଜିଲ୍ଲାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଂଟନର ଶୁଭାରମ୍ଭ କରିଛନ୍ତି । ଜିଲ୍ଲାର ପ୍ରାୟ ୩.୬୪ ଲକ୍ଷ ଲୋକ ଏହି ସୁବିଧା ପାଇବେ । ବରଗଡ ସହିତ ରାଜ୍ୟର ୧୧ଟି ଜିଲ୍ଲା ଏହି କାର୍ଯ୍ୟକ୍ରମରେ ସାମିଲ ହେଲା । ଏହି ଅବସରରେ ୫-ଟି ରୂପାନ୍ତର କାର୍ଯ୍ୟକ୍ରମରେ ବିଜେପୁରର ୭୧ଟି ରୂପାନ୍ତରିତ ସ୍କୁଲକୁ ମୁଖ୍ୟମନ୍ତ୍ରୀ ଲୋକାର୍ପିତ କରିଥିଲେ । ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀ ବରଗଡରେ ପ୍ରାୟ ୩୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ସେହିପରି ଜିଲ୍ଲାରେ ୨୫୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ କାମ ଜାରି ରହିଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ । ଏଥିରେ ରହିଛି – ୨୦୯୦ କୋଟି ଟଙ୍କାର ଗୁରୁତ୍ୱପୂର୍ଣ୍ଣ ଗଙ୍ଗାଧର ମେହେର ଉଠା ଜଳସେଚନ ପ୍ରକଳ୍ପ । ଏହି ପ୍ରକଳ୍ପ ୨୦୨୩ ସେପ୍ଟେମ୍ବର ସୁଦ୍ଧା ସଂପୂର୍ଣ୍ଣ ହେବ ଏବଂ ଚାଷୀମାନେ ଏଥିରୁ ପାଣି ପାଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ବରଗଡ ହେଉଛି ମା ଲକ୍ଷ୍ମୀଙ୍କ ପବିତ୍ର ଭୂମି । ଓଡିଶାର ଭାତ ହାଣ୍ଡି । ବରଗଡର ବୁଣାକାର ମାନଙ୍କୁ ମଧ ମୁଖ୍ୟମନ୍ତ୍ରୀ ପ୍ରଶଂସା କରି କହିଲେ ଯେ ଚାଷୀଙ୍କ ପରି ବରଗଡର ବୁଣାକାର ମଧ ସାରା ବିଶ୍ୱକୁ ସମ୍ବଲପୁରୀ ଶାଢୀ ଉପହାର ଦେଇଛନ୍ତି । ବରଗଡର ଚାଷୀ ଓ ବୁଣାକାରମାନଙ୍କ ଦକ୍ଷତାକୁ ମୋର ପ୍ରଣାମ ବୋଲି ସେ କହିଥିଲେ ।ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଶନବ ଦାସ, ସାଂସଦ ପ୍ରସନ୍ନ ଆଚାର୍ଯ୍ୟ .ବିଧାୟିକା ଶ୍ରୀମତୀ.ରୀତା ସାହୁ ,,ଶ୍ରୀମତୀ ସ୍ନେହାଙ୍ଗୀନୀ ଛୁରିଆ ପ୍ରମୁଖ ଉଦ୍ ବୋଧନ ଦେଇ ବିଭିନ୍ନ କ୍ଷେତ୍ରରେ ବିଜେପୁରର ବିକାଶ ଉପରେ ଆଲୋକପାତ କରିଥିଲେ। ଯେଉଁଭଳି ଦୂରଦର୍ଶିତାର ପରିଚୟ ଦେଇ ମୁଖ୍ୟମନ୍ତ୍ରୀ ଓଡିଶାରେ ଏହି ସ୍ମାର୍ଟ କାର୍ଡ ବ୍ୟବସ୍ଥା ଆରମ୍ଭ କରିଛନ୍ତି, ସେଭଳି ବ୍ୟବସ୍ଥା ଭାରତବର୍ଷରେ ଆଉ କେଉଁ ଠାରେ ନାହିଁ ବୋଲି ସେମାନେ କହିଥିଲେ । ଏହି ଯୋଜନା ଗରିବ ଲୋକଙ୍କର, ବିଶେଷ କରି ମହିଳା ମାନଙ୍କର ଏକ ବଡ ଚିନ୍ତା ଦୂର କରିପାରିଛି ବୋଲି ସେମାନେ ମତବ୍ୟକ୍ତ କରିଥିଲେ ।

## ବେଲବାହାଲିରେ ଖୋଲିଲା ଧାନମଣ୍ଡି

ବେଲବାହାଲି,(ପି.ଏନ):ଅନେକ ବାଦ ବିବାଦ ପରେ ମାସେ ବିଳମ୍ବରେ ସମବାୟ ସମିତି ମାଧ୍ୟମରେ ସିଧାସଳଖ ଚାଷୀଙ୍କ ଠାରୁ ଧାନ କିଣାର ଆଜି ଶୁଭାରମ୍ଭ କରାଯାଇଛି । ଏହି ଧାନମଣ୍ଡିକୁ ସମ୍ପାଦକ ପ୍ରଦୀପ ସିଂ ଶୁଭାରମ୍ଭ କରିଥିବା ବେଳେ ସହ ସମ୍ପାଦକ ନିରାକାର ସାହୁ, ଡିଇଓ ଅଭିମନ୍ୟୁ ମାଝୀ, କର୍ମଚାରୀ ବିଶ୍ୱଜିତ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ଏଥିରେ ସମିତି ସଭ୍ୟ ଆନନ୍ଦ ସାହୁ, ସୟ ଜେନା, ଟିଟୁନି ସାହୁ, ଚାଷୀ ପଞ୍ଚୁଆ ସାହୁ, ସୁଦାମ ସାହୁ, ବୈଲୋଚନ ସାହୁ ଏବଂ ପୂଜକ ଦଧିଆ ପଣ୍ଡା ପୂଜାର୍ଚ୍ଚନା କରି କଣ୍ଟା ପୂଜା କରି ଧାନମଣ୍ଡିର ଶୁଭାରମ୍ଭ କରିଥିଲେ । ଆଜି ପ୍ରଥମ ଦିନରେ ବେଲବାହାଲି ସମବାୟ ସମିତି ମାଧ୍ୟମରେ ୨୯୯ ଜଣ ଚାଷୀଙ୍କୁ ଟୋକନ ପ୍ରଦାନ କରାଯାଇଥିଲା । ଚାଷୀଙ୍କୁ ଧାନ କୁଇଣ୍ଟାଲ ପିଛା ସରକାରଙ୍କ ଏଫକ୍ୟୁ ମାନର ଧାନ ଧାର୍ଯ୍ୟ କୁଇଣ୍ଟାଲ ପ୍ରତି ୧୯୪୦ଟଙ୍କା ଦରରେ ଧାନ ବିକ୍ରୟ କରାଯିବ ଏବଂ ବେଲବାହାଲି ସମବାୟ ସମିତିରେ ମୋଟ ୨୦୧୭.୭୫କୁଇଣ୍ଟାଲ ଧାନ କିଣାଯିବ ବୋଲି ବେଲବାହାଲି ସମବାୟ ସମିତିର ସମ୍ପାଦକ ପ୍ରଦୀପ ସିଂ ସୂଚନା ଦେଇଛନ୍ତି ।

## ଆଦିତ୍ୟ ବିର୍ଲା ସନଲାଇଫ ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ଆଦିତ୍ୟ ବିର୍ଲା ସନ ଲାଇଫ ବିଜନେସ୍ ସାଇକଲ୍ ଫଣ୍ଡର ଶୁଭାରମ୍ଭ

ଭୁବନେଶ୍ୱର, (ପି.ଏନ): ଆଦିତ୍ୟ ବିର୍ଲା କ୍ୟାପିଟାଲ ଲିମିଟେଡର ଏକ ସହାୟକ କମ୍ପାନୀ ଆଦିତ୍ୟ ବିର୍ଲା ସନ ଲାଇଫ୍ ଏମସି ଲିମିଟେଡ ଏକ ଗୁରୁତ୍ୱପୂର୍ଣ୍ଣ ଅଣ ବ୍ୟାଙ୍କ ଆର୍ଥିକ ସେବା ସଂସ୍ଥା ଏବଂ ଆଦିତ୍ୟ ବିର୍ଲା ସନଲାଇପ ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ଆଦିତ୍ୟ ବିର୍ଲା ସନ୍ ଲାଇଫ୍ ବିଜନେସ୍ ସାଇକଲ୍ ଫଣ୍ଡ ସମ୍ପର୍କରେ ଘୋଷଣା କରାଯାଇଛି। ବିଜନେସ୍ ସାଇକଲ୍ ଆଧାରିତ ବିନିଯୋଗ ଥିମ ଅନୁସରଣ କରୁଥିବା ଏହା ଏକ ଖୋଲା ସମାପ୍ତ ଇକ୍ୱିଟି ସ୍କିମ୍। ୨୦୨୧ ନଭେମ୍ବର ୧୫ରେ ଏହି ନିୟୁ ଫଣ୍ଡ ଅଫର ଆରମ୍ଭ ହୋଇ ୨୦୨୧ ନଭେମ୍ବର ୨୯ରେ ବନ୍ଦ ହେବ। ବିଜନେସ୍ ସାଇକଲ୍ ହେଉଛି ସମୟ ଅବଧି ମଧ୍ୟସ୍ଥ ଇକ୍ୱିଟି ସେକ୍ଟର। ବିଜନେସ୍ ସାଇକଲ୍ ଗୋଟିଏ ପର୍ଯ୍ୟାୟରୁ ଅନ୍ୟ ପର୍ଯ୍ୟାୟକୁ ପରିବର୍ତ୍ତନ ବିଭିନ୍ନ କ୍ଷେତ୍ରରେ ସମ୍ଭବ ହୋଇପାରିଥାଏ। ଏହାକୁ ଏକ୍ସପାନଶନ, ପିକ୍, କଂଟ୍ରାକଶନ୍ ଏବଂ ସ୍ଲମ୍ପ୍ ଆଦି ଚାରୋଟି ପର୍ଯ୍ୟାୟରେ ବିଭକ୍ତ କରାଯାଇଛି। ପ୍ରତ୍ୟେକ ପର୍ଯ୍ୟାୟର ଅବଧି ଏବଂ ଗତିଶୀଳତା ନିୟାମକ, ନୀତି, ସଂସ୍କାର, ଭୌଗୋଳିକ ରାଜନୀତି, ଘରୋଇ କିମ୍ବା ବିଶ୍ୱସ୍ତରୀୟ ଘଟଣାଗୁଡ଼ିକ ଉପରେ ଆଧାର କରି ଭିନ୍ନ ଭିନ୍ନ ହୋଇଥାଏ। ଯେକୌଣସି ନିବେଶକ ବିଜନେସ୍ ସାଇକଲ୍ ଏହି ପର୍ଯ୍ୟାୟଗୁଡିକ ମାଧ୍ୟମରେ ନେଭିଗେଟ କରିବା ସହଜ ହୋଇଥାଏ। ଆଦିତ୍ୟ ବିର୍ଲା ସନ ଲାଇଫ ବିଜନେସ୍ ସାଇକଲ୍ ପାଣ୍ଠି ନିବେଶକମାନଙ୍କୁ ସୁବିଧା ପ୍ରଦାନ କରିବ। ବିଜନେସ୍ ସାଇକଲ୍ ଆଧାରର ଏକାଧିକ ପାରାମିଟରର ପର୍ଯ୍ୟାୟ ଚିହ୍ନଟ କରିବାକୁ ଏକ ପୋର୍ଟଫୋଲିଓ ନିର୍ମାଣ ଡିଫେନସିଭ୍ ଏବଂ ନନ୍-ଡିଫେନସିଭ୍ ସେକ୍ଟରରେ ବିଭକ୍ତ କରିଥାଏ। ଏହି ଯୋଜନା ପାଇଁ ମାନଦଣ୍ଡ ସୂଚକାଙ୍କ ହେଉଛି ଏସ୍ ଆଣ୍ଡ ପି ବିଏସ୍‌ଇ ୫୦୦ ଟୋଟାଲ ରିଟର୍ଣ୍ଣ ଇଣ୍ଡେକ୍ସ। ଯାହା ଭାରତୀୟ ଅର୍ଥନୀତିର ସମସ୍ତ ପ୍ରମୁଖ ଶିଳ୍ପକୁ ଅନ୍ତର୍ଭୁକ୍ତ କରିଥାଏ। ଏହି ଅବସରରେ ଆଦିତ୍ୟ ବିର୍ଲା ସନ ଲାଇଫ ଏଏମସି ଲିମିଟେଡର ଏମଡି ଏବଂ ସିଇଓ ଏ.ବାଲାସୁବ୍ରମଣ୍ୟନ କହିଲେ, ଅର୍ଥନୀତି ପର୍ଯ୍ୟାୟକ୍ରମେ ବିସ୍ତାର ଏବଂ ସଂକୋଚନ ପର୍ଯ୍ୟାୟ ଦେଇ ଗତି କରେ। ଅନୁସନ୍ଧାନରୁ ଜଣାପଡିଛି ଯେ ବିଜନେସ୍ ସାଇକଲ୍ ପର୍ଯ୍ୟାୟ ମାଧ୍ୟମରେ କ୍ଷେତ୍ରଗୁଡିକ ବ୍ୟବସ୍ଥିତ କାର୍ଯ୍ୟଦକ୍ଷତା ପ୍ରଦାନ କରି ନଥାନ୍ତି। ଏଫଏମସିଜି, ସ୍ୱାସ୍ଥ୍ୟସେବା ଏବଂ ଆଇଟି ଡିଭେନସିଭ୍ କ୍ଷେତ୍ରଗୁଡିକ, ସଂକୋଚନ ପର୍ଯ୍ୟାୟରେ ଉନ୍ନତ ରିଟର୍ଣ୍ଣ ପ୍ରଦାନ କରିଥାନ୍ତି। ଅପରପକ୍ଷରେ ଧାତୁ, ଆର୍ଥିକ ଏବଂ ସିମେଂଟ ପରି ନନ୍ ଡିଫେନସିଭ୍ କ୍ଷେତ୍ର ବିସ୍ତାର ପର୍ଯ୍ୟାୟ ପର୍ଯ୍ୟନ୍ତ ଉନ୍ନତ ରିଟର୍ଣ୍ଣ ପ୍ରଦାନ କରିଥାନ୍ତି। ଆଦିତ୍ୟ ବିର୍ଲା ସନ ଲାଇଫ ବିଜନେସ୍ ସାଇକଲ ପାଣ୍ଠି ସକ୍ରିୟ ଭାବରେ ନିବେଶର ସୁଯୋଗ ଚିହ୍ନଟ କରିବ ଏବଂ ରିଟର୍ଣ୍ଣ ସୃଷ୍ଟି କରିବା ପାଇଁ ବିଭିନ୍ନ ବିଜନେସ୍ ସାଇକଲ୍ ମାଧ୍ୟମରେ ଆବଂଟନକୁ ପରିଚାଳନା କରିବ। ଏହି ବିଜନେସ୍ ସାଇକଲ୍ ଆଶା କରାଯାଉଥିବା ପର୍ଯ୍ୟାୟ ଉପରେ ଆଧାର କରି ପୋର୍ଟଫୋଲିଓ ସ୍ଥିର କରିବ । ଏକ ବିଜନେସ୍ ସାଇକଲ୍ ବିଷୟରେ ସଚେତନ ହୋଇ ବିନିଯୋଗ କରିବାକୁ ସହଜ କରିପାରିଥାଏ । ଆଦିତ୍ୟ ବିର୍ଲା ସନ ଲାଇଫ ବିଜନେସ୍ ସାଇକଲ୍ ପାଣ୍ଠି ପରି ଏକ ଯୋଜନା ବିନିଯୋଗ ସୁଯୋଗର ଲାଭ ଉଠାଇବା ପାଇଁ ଏକ ବିନିଯୋଗ ମାଧ୍ୟମ ହୋଇପାରେ ଯାହା ଏକ ବିଜନେସ୍ ସାଇକଲ୍ ଚକ୍ରର ପରିବର୍ତ୍ତନ ପର୍ଯ୍ୟାୟ ସହିତ ସମାନ ହୋଇପାରିଥାଏ।

## ଚାଷୀ ଅବହେଳା ନେଇ ସବୁଠି ବସିବ ପଂଚାୟତ: ନବନିର୍ମାଣ କୃଷକ ସଂଗଠନ

ଭୁବନେଶ୍ୱର, (ପି.ଏନ): ରାଜ୍ୟ ରାଜନୀତିରେ କୃଷକମାନଙ୍କ ଅବହେଳା ଓ ସମସ୍ୟା ନେଇ ପହଂଚାୟତ ବସିବ ବୋଲି ନବ ନିର୍ମାଣ କୃଷକ ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ କହିଛନ୍ତି । ଚାଷୀଙ୍କ ପେନ୍‌ସନ, ବାର୍ଦ୍ଧକ୍ୟ ଭତାକୁ ୧୫୦୦କୁ ବୃଦ୍ଧି କରିବା, ଧାନ କୁଇଂଟାଲ ୩୦୦୦ ଓ କ୍ଷୀର ଲିଟର ୫୦ ଟଙ୍କା ଦାବିରେ ସମସ୍ତେ ପଂଚାୟତରେ ସାମିଲ୍ ହେବାକୁ ସେ ଆହ୍ୱାନ ଦେଇଛନ୍ତି ।ସେ କହିଛନ୍ତି ଯେ ରାଜ୍ୟ ସରକାର କୃଷକମାନଙ୍କ କଥା ସମ୍ପୂର୍ଣ୍ଣ ଭୁଲିଯାଇଛନ୍ତି । ସରକାର କେବଳ କର୍ମଚାରୀଙ୍କ ଦରମା ବଢାଇ ରାଜକୋଷକୁ ସମାପ୍ତ କଲାବେଳେ କର୍ମଚାରୀଙ୍କ ଠାରୁ ଗୋଟିଏ ଟଙ୍କାର କାମ ଆଦାୟ କରୁନାହାଁନ୍ତି । କୌଣସି କ୍ଷେତ୍ର ଜଙ୍ଗଲ, କୃଷି, ମତ୍ସ୍ୟସମ୍ପଦ, ଗୋସମ୍ପଦ କ୍ଷେତ୍ରରେ କିଭଳି ଆୟ ବୃଦ୍ଧି ହେବ, ସେ ନେଇ ସରକାରଙ୍କର କୌଣସି ଯୋଜନା ନାହିଁ । ସବୁ କଥାରେ କେବଳ ଖବରକାଗଜରେ ବ୍ୟାପକ ବିଜ୍ଞାପନ ଓ ଭାଷଣରେ ଗରିବ ଓ କୃଷକଙ୍କ ନାମ ନିଆଯାଉଛି । ଅଭାବୀ ବିକ୍ରି ସମୟରେ ସରକାରଙ୍କର କେବେ ଦେଖା ମିଳେନାହିଁ । ସରକାର ଓମ୍‌ଫେଡ଼ ପ୍ରତିଷ୍ଠା ପାଇଁ ବାହାଦୂରୀ ନେଉଛନ୍ତି ମାତ୍ର କ୍ଷୀର ଦର ନ ବଢିବାରୁ ଉତ୍ପାଦନ କେତେ କମିଲାଣ ତାହା ସମୀକ୍ଷା ହେଉନାହିଁ । ବର୍ଦ୍ଧିତ ମୂଲିଆ ମଜୁରୀ ଓ ସାର ଦର ପାଇଁ ଚାଷୀ ଚାଷ ଛାଡ଼ିବାକୁ ବସିଲେଣି । ଅଥଚ ଆମ ସରକାର ଧାନ ଉପରେ ଟଙ୍କା ୫୦୦ ବୋନସ ଦେବାକୁ ଇଚ୍ଛାପ୍ରକାଶ କରିନାହାଁନ୍ତି ।




# କେନ୍ଦ୍ରାପଡା ଜିଲ୍ଲାରେ ୧୯ହଜାର ୭୮୮ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଲେ



କେନ୍ଦ୍ରାପଡ଼ା (ପିଏନ୍): ଚଳିତବର୍ଷ କରୋନା ମହାମାରୀ ସଂକ୍ରମଣକୁ ଆଖିଆଗରେ ରଖି ୨୦୨୧-୨୨ ଶିକ୍ଷାବର୍ଷ ପାଇଁ ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପ୍ରଥମ କରି ୨ଟି ପର୍ଯ୍ୟାୟରେ ମାଟ୍ରିକ ପରୀକ୍ଷା କରାଯିବା ପାଇଁ ସ୍ଥିର କରାଯାଇଥିଲା। ସେହି ଅନୁଯାଇ ସମେଟିଭ ଆସେସମେ - ୧ ପରୀକ୍ଷା ଚଳିତମାସ ୫ତାରିଖ ଠାରୁ ଆରମ୍ଭ ହୋଇଥିବା ବେଳେ ତାହା ୮ତାରିଖ ପର୍ଯ୍ୟନ୍ତ ଚାଲିବ। ସମେଟିଭ ଆସେସମେଣ୍ଟ- ୨ ପରୀକ୍ଷା ଆସନ୍ତା ଅପ୍ରେଲ ମାସରେ ହେବା ପାଇଁ ସ୍ଥିର କରାଯାଇଛି। ଚଳିତ ପରୀକ୍ଷାରେ ଛାତ୍ରଛାତ୍ରୀମାନେ ପ୍ରତ୍ୟେକ ବିଷୟରେ ୫୦ମାର୍କର ସଂକ୍ଷିପ୍ତ ପ୍ରଶ୍ନର ଉତ୍ତର ଦେବାର ବ୍ୟବସ୍ଥା ଥିବା ବେଳେ ଆସନ୍ତା ଅପ୍ରେଲମାସରେ ହେବାକୁ ଥିବା ସମେଟିଭ ଆସେସମେଣ୍ଟ-୨ରେ ପ୍ରତ୍ୟେକ ବିଷୟରେ ୫୦ମାର୍କର ସଂକ୍ଷିପ୍ତ ଓ ୩୦ମାର୍କର ଦୀର୍ଘ ପ୍ରଶ୍ନର ଉତ୍ତର ଦେବାକୁ ପଡିବ। ଆଜି ଠାରୁ ଆରମ୍ଭ ହୋଇଥିବା ସମେଟିଭ ଆସେସମେ - ୧ ପରୀକ୍ଷାରେ କେନ୍ଦ୍ରାପଡା ଜିଲ୍ଲାର ୧୦୩ଟି ପରୀକ୍ଷା କେନ୍ଦ୍ରରେ ଛାତ୍ରଛାତ୍ରୀମାନେ ପରୀକ୍ଷା ଦେଇଥିବା ଜଣାପଡିଛି। ଏହି ୧୦୩ଟି ପରୀକ୍ଷା କେନ୍ଦ୍ର ମଧ୍ୟରୁ ଆଳି ବ୍ଲକରେ ୧୨ଟି, କେନ୍ଦ୍ରାପଡା ବ୍ଲକ ଓ ପୌରାଞ୍ଚଳରେ ୧୫ଟି, ପଟ୍ଟାମୁଣ୍ଡାଇ ବ୍ଲକରେ ୧୩ଟି, ଡେରାବିଶ ବ୍ଲକରେ ୯ଟି, ଗରଦପୁର ବ୍ଲକରେ ୬ଟି, ମାର୍ଶାଘାଇ ବ୍ଲକରେ ୮ଟି, ମହାକାଳପଡା ବ୍ଲକରେ ୧୬ଟି, ରାଜକନିକା ବ୍ଲକରେ ୧୧ଟି ଏବଂ ରାଜନଗର ବ୍ଲକରେ ୧୩ଟି ପରୀକ୍ଷା କେନ୍ଦ୍ର ଖୋଲିଛି। ଏହି ପରୀକ୍ଷା ନିମନ୍ତେ ଜିଲ୍ଲାର ୨୦ହଜାର ୬୬୭ଜଣ ଛାତ୍ରଚାତ୍ରୀ ଫର୍ମ ପୁରଣ କରିଥିବା ବେଳେ ସେଥି ମଧ୍ୟରୁ ୧୯ହଜାର ୭୮୮ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ପୀତବାସ ପଣ୍ଡାଙ୍କ ଠାରୁ ସୂଚନା ମିଳିଛି। ୮୭୯ଜଣ ଛାତ୍ରଛାତ୍ରୀ ଆଜିର ପରୀକ୍ଷାରେ ଅନୁପସ୍ଥିତ ଥିଲେ। ଜିଲ୍ଲାର ୯୫.୭୪ ପ୍ରତିଶତ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ଚଳିତ ମାଟ୍ରିକ ପରୀକ୍ଷାର ପ୍ରଥମ ଦିବସରେ ସାହିତ୍ୟ ଓ ଗଣିତ ବିଷୟରେ ପରୀକ୍ଷା ଦେଇଛନ୍ତି ଛାତ୍ରଛାତ୍ରୀମାନେ। ଜିଲ୍ଲା ଶିକ୍ଷା ଅଧିକାରୀ ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନେତୃତ୍ୱରେ ଗଠିତ ୨ଟି ଆଭ୍ୟନ୍ତରୀଣ ସ୍କ୍ୱାର୍ଡ ଏବଂ ବୋର୍ଡ ପକ୍ଷରୁ ଗୋଟିଏ ସ୍କ୍ୱାର୍ଡ ଜିଲ୍ଲାର ମାଟ୍ରିକ ପରୀକ୍ଷା କେନ୍ଦ୍ରଗୁଡିକୁ ନିରୀକ୍ଷଣ କରୁଥିଲା।

## ଢିଙ୍କିଆରେ ପୋଲିସର ଆତଙ୍କରାଜକୁ ସିପିଆଇର ନିନ୍ଦା

ଭୁବନେଶ୍ୱର (ପିଏନ୍): ଜଗତ୍‌ସିଂହପୁର ଜିଲ୍ଲାର ଢିଙ୍କିଆ ଗ୍ରାମରେ ପ୍ରସ୍ତାବିତ ଜିନ୍ଦଲର ଇସ୍ପାତ କାରଖାନାକୁ ବିରୋଧ କରୁଥିବା ଗ୍ରାମବାସୀମାନଙ୍କ ଉପରେ ପୋଲିସର ଆକ୍ରମଣ, ଆତଙ୍କରାଜ ଓ ଗିରଫଦାରୀକୁ ସିପିଆଇ ନିନ୍ଦା କରିଛି। ଯେଉଁ କାରଣରୁ ଢିଙ୍କିଆର ଜନସାଧାରଣ ପୋସ୍କୋ ପ୍ରକଳ୍ପକୁ ବିରୋଧ କରୁଥିଲେ, ସେହି କାରଣରୁ ଜିନ୍ଦଲର ପ୍ରସ୍ତାବିତ କାରଖାନାକୁ ବିରୋଧ କରୁଛନ୍ତି। ମାତ୍ର ରାଜ୍ୟ ସରକାର ଓ ପ୍ରଶାସନ ଜନସାଧାରଣଙ୍କ ଜୀବନ ଓ ଜୀବିକାର ପ୍ରଶ୍ନ ପ୍ରତି ଆଖି ବୁଜିଦେଇ, ବଳପୂର୍ବକ ଦମନଲୀଳା ଚଳାଇ କାରଖାନା ପ୍ରତିଷ୍ଠା ପାଇଁ ଉଦ୍ୟମ କରିବା ଅତ୍ୟନ୍ତ ଅଗଣତାନ୍ତ୍ରିକ, ଅମାନବୀୟ ଓ ନିନ୍ଦନୀୟ। ଏହାର କିଛିଦିନ ପୂର୍ବରୁ ଡିସେମ୍ବର ୪ ତାରିଖ ଦିନ ମଧ୍ୟ ପୋଲିସ ରାତିଅଧିଆ ଢିଙ୍କିଆ ଗ୍ରାମ ଉପରେ ଚଢ଼ାଉ କରି କିଛି ଲୋକଙ୍କୁ ଆହତ କରିବା ସହ ଦେବେନ୍ଦ୍ର ସ୍ୱାଇଁଙ୍କ ଘର ଉପରେ ଆକ୍ରମଣ କରିଥିଲା। ନିକଟରେ ପୋଲିସ ଜଟାଧାରୀ ମୁହାଁଣ ନିକଟସ୍ଥ ବାଲିଟିକିରାଠାରେ ଗ୍ରାମବାସୀଙ୍କ ଉପରେ ଆକ୍ରମଣ କରି ଖଣ୍ଡଯୁଦ୍ଧ ଚଳାଇବା ସଙ୍ଗେ ସଙ୍ଗେ ଗ୍ରାମ ଭିତରେ ପଶି ଦେବେନ୍ଦ୍ର ସ୍ୱାଇଁଙ୍କ ପରିବାରର ଦୁଇଜଣଙ୍କୁ ଉଠାଇ ନେଇଥିବାର ଅଭିଯୋଗ ହୋଇଛି। ସିପିଆଇ ସର୍ବଦା ଜନସାଧାରଣଙ୍କ ଭିଟାମାଟି ଏବଂ ଜୀବନ ଓ ଜୀବିକାର ସଂଗ୍ରାମ ପଛରେ ଛିଡ଼ା ହୋଇ ଆସିଛି। ଶିଳ୍ପ ନାଁରେ ମାନ୍ୟତାପ୍ରାପ୍ତ କୃଷି ଅର୍ଥନୀତିକୁ ଧ୍ୱଂସ କରିବା ଏବଂ ଜନସାଧାରଣଙ୍କ ଜୀବିକାକୁ ଛଡ଼ାଇ ନେବାର ଉଦ୍ୟମକୁ ସିପିଆଇ ବିରୋଧ କରୁଛି। ଏଣୁ ରାଜ୍ୟ ସରକାର ତୁରନ୍ତ ପୋଲିସ ଦମନଲୀଳା ବନ୍ଦ କରିବା ସହିତ ପୋସ୍କୋ ବିରୋଧୀ ଆନ୍ଦୋଳନ ସମୟରେ ହୋଇଥିବା ସମସ୍ତ ମକଦ୍ଦମାକୁ ପ୍ରତ୍ୟାହାର କରିନେବା ପାଇଁ ସିପିଆଇ ଦାବି କରୁଛି।

## ଧାନ ମଣ୍ଡି ନ ଖୋଲିଲେ ରାସ୍ତା ରୋକ କରିବେ ଚାଷୀ

ବାଲେଶ୍ୱର (ପିଏନ୍)- ଧାନ ବିକ୍ରି ଚିନ୍ତାରେ ବାଲେଶ୍ୱର ଜିଲ୍ଲାରେ ପଞ୍ଜିକରଣ କରିଥିବା ଚାଷୀମାନେ ଜିଲ୍ଲାପାଳଙ୍କଠାରେ ଫେରାଦ ହୋଇଛନ୍ତି। ଧାର୍ଯ୍ୟ ସଂଖ୍ୟକ ଧାନମଣ୍ଡିରୁ ଏପର୍ଯ୍ୟନ୍ତ ମାତ୍ର ୫ ପ୍ରତିଶତ ଖୋଲିଥିବା ବେଳେ ଟୋକନ ପାଇବା ଚାଷୀ ଧାନ ବିକ୍ରି ପାଇଁ ଜିଲ୍ଲାପାଳ ଓ ଯୋଗାଣ ବିଭାଗ ଅଧିକାରୀଙ୍କଠାରେ ଆପତି କରିଛନ୍ତି। ଏହି ପରିପ୍ରେକ୍ଷୀରେ ରଣାଳପୁର ପ୍ରାଥମିକ କୃଷି ସମବାୟ ସମିତି ଜରିଆରେ ପଞ୍ଜିକରଣ କରିଥିବା ଚାଷୀମାନେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି ଯେ ୮ ଦିନ ଧରି ଆନ୍ଦୋଳନ ଚାଲିଥିବା ବେଳେ ପ୍ରଶାସନ କିଛି ପଦକ୍ଷେପ ନ ନେବାରୁ ଧାନ ବିକ୍ରି ପାଇଁ ଚାଷୀଙ୍କୁ ବାର ଦ୍ୱାର ହେବାକୁ ପଡୁଛି। ଟୋକନ ପାଇଥିବା ଚାଷୀ ଥରକରେ ୭୫ କୁଇଣ୍ଟାଲ ଧାନ ବିକ୍ରି ପାଇଁ ସରକାର ନିର୍ଦ୍ଦେଶ ଦେଇଥିବା ବେଳେ ଜିଲ୍ଲା ପ୍ରଶାସନ ତାହାକୁ ୫୦ କୁଇଣ୍ଟାଲକୁ କମାଇ ଦେଇଛନ୍ତି। ଏହାଦ୍ୱାରା ଟୋକନ ଅବଧି ଶେଷ ହୋଇଯାଉଥିବା ବେଳେ ଚାଷୀଟି ବାକି ଧାନ ବିକ୍ରି କରି ନପାରି ବେପାରିଙ୍କୁ କମ ମୂଲ୍ୟରେ ଯଚାଇ ଦେଉଛି ବୋଲି ରଣାଳପୁର ଚାଷୀମାନେ ଆପତି କରିଛନ୍ତି। ଆସନ୍ତା କିଛିଦିନ ମଧ୍ୟରେ ମଣ୍ଡି ଖୋଲିବା ସହ ସରକାରୀ ନିର୍ଦ୍ଦେଶ ଅନୁସାରେ ଧାନ କିଣା ନ ଗଲେ ରଣାଳପୁର ଠାରେ ସଲ୍ଟ ରୋଡ଼ ଅବରୋଧ କରାଯିବ ବୋଲି ସେମାନେ ଚେତାବନି ଦେଇଛିନ୍ତି। ଚାଷୀମାନଙ୍କ ପକ୍ଷରୁ ଏହି ଦାବି ସମ୍ବଳିତ ଏକ ସ୍ମାରକପତ୍ର ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କୁ ପ୍ରଦାନ କରାଯାଇଥବଲା। ଦାବିପତ୍ର ପ୍ରଦାନ ବେଳେ ଚିତରଞ୍ଜନ ପାଣିଗ୍ରାହି, ହରିଚନ୍ଦ୍ର ଦାସ, ରବିନ୍ଦ୍ର ଘଡ଼େଇ, ଶୁଶାନ୍ତ କୁମାର ପାଣି, ସୁବାଶ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ପୂର୍ବତନ ସରପଂଚଙ୍କ ବିୟୋଗରେ ସ୍ମୃତିସଭା



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଇନ୍ଦୁପୁର ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ଓ ସମାଜସେବୀ ପ୍ରଦୀପ କୁମାର ବିହାରୀଙ୍କ ଏକାଦଶାହ ଅବସରରେ ତାଙ୍କ କଅଁରପୁରସ୍ଥିତ ବାସଭବନରେ ଏକ ସ୍ମୃତିସଭା ଶିକ୍ଷାବିତ ପ୍ରଣବ କୁମାର ଜେନାଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ସ୍ମୃତିସଭାରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଦୀପ୍ତ ମହାନ୍ତି, ସାଂସଦଙ୍କ ପ୍ରତିନିଧି ଆଲୋକ ସାହୁ, ଯୁବନେତା ଦୁଷ୍ମନ୍ତ ମଲିକ, ସମାଜସେବୀ ନଳିନୀକାନ୍ତ ପୃଷ୍ଟି ପ୍ରମୁଖ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ବିହାରୀଙ୍କ ଗୁଣାବଳୀ ବର୍ଣ୍ଣନା କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟିକା ଡଃ. ସିପ୍ରା ମଲ୍ଲିକ, ବ୍ଲକ ଅଧ୍ୟକ୍ଷ ଶିବପ୍ରସାଦ ଭଳ, ଇନ୍ଦୁପୁର ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ କଲ୍ୟାଣୀ ବୋଷ, ଧୂମାତ ସରପଞ୍ଚ ନରହରି ପାଣୀ, ସମିତି ସଭ୍ୟା ରେଣୁବାଳା ସାହୁ, ସରୋଜକାନ୍ତ ପଣ୍ଡା, ନାରାୟଣ ପରିଡା, ବାସୁଦେବ ଜେନା, ମଦନମୋହନ ସ୍ୱାଇଁ, ପ୍ରମୋଦ କୁମାର ପତି, ପର୍ଶୁରାମ ସ୍ୱାଇଁ, ଡଃ. ସଂଗ୍ରାମ କେଶରୀ ରାଉତ, ଚିରରଞ୍ଜନ ରାଉତ, ଦେବେନ୍ଦ୍ର କୁମାର ବିହାରୀ, ଅନାଦି ଚରଣ ଦାସ, ନିରଞ୍ଜନ ବିହାରୀ, ପୁତ୍ର ସାମୁଏଲ ବିହାରୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବିହାରୀଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଶେଷରେ ଇନ୍ଦୁପୁର ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ପ୍ରଦୀପ୍ତ ସୂତାର ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶିଷ୍ଟ ଶ୍ରମିକ ନେତା ଯତୀନ୍ଦ୍ର କୁମାର ରାୟଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା



ଭୁବନେଶ୍ୱର (ପିଏନ୍): ପ୍ରଖ୍ୟାତ ଶ୍ରମିକ ନେତା ଯତୀନ୍ଦ୍ର କୁମାର ରାୟଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା ଗତକାଲି ପୂର୍ବାହ୍ନରେ ଲୋହିଆ ଏକାଡେମୀ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ରାଜ୍ୟ ବିଦ୍ୟୁତ୍ କର୍ମଚାରୀ ଫେଡେରେସନ୍‌ର ଅଧ୍ୟକ୍ଷ ତଥା ଏ.ଆଇ.ଟି.ୟୁ.ସି.ର ରାଷ୍ଟ୍ରୀୟ ସମ୍ପାଦକ କମ୍ରେଡ ରାମକୃଷ୍ଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ କାର୍ଯ୍ୟକାରୀ ସମ୍ପାଦକ ସାଥୀ ସତ୍ୟବାଦୀ ବାଘ ପ୍ରାରମ୍ଭିକ ସୂଚନା ଦେବା ପରେ ସି.ପି.ଆଇ. ରାଜ୍ୟ ସମ୍ପାଦକ ଆଶିଷ କାନୁନଗୋ, ଏ.ଆଇ.ଟି.ୟୁ.ସି.ର ରାଜ୍ୟ ସଭାପତି ସାଥୀ ଅଶୋକ ଦାସ, ଆଇ.ଏନ୍.ଟି.ୟୁ.ସି.ର ସଭାପତି ରାମଚନ୍ଦ୍ର ଖୁଣ୍ଟିଆ, ବିଜୁ ସାମ୍ମୁଖ୍ୟର ସଭାପତି ତଥା ସାଂସଦ ସୁବାସ ସିଂ, ଦୁଷ୍ମନ୍ତ ଦାସ, ସଂଯୁକ୍ତା ମହଲ, ମହିନ୍ଦ୍ର କୁମାର ପରିଡ଼ା, ବି.ପି. ଦାସ, ଶଙ୍କର ସାହୁ ତଥା ରାଜ୍ୟ ଓ କେନ୍ଦ୍ରୀୟ ବିଭିନ୍ନ ଶ୍ରମିକ ସଂଗଠନ, ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଗଠନ, ଗଣ ସଂଗଠନମାନଙ୍କ ପ୍ରମୁଖ କାର୍ଯ୍ୟକର୍ତ୍ତା ଏବଂ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ପ୍ରୟାତ ରାୟଙ୍କ ସ୍ମୃତିଚାରଣ କରି ସମ୍ପୃକ୍ତ ସଂଗଠନ ଓ ସଂସ୍ଥାମାନଙ୍କ ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

ସ୍ମୃତିଚାରଣ ପରିକ୍ରମାରେ ବକ୍ତାମାନେ ଉଲ୍ଲେଖ କରିଥିଲେ ଯେ, ଟ୍ରେଡ୍ ୟୁନିୟନ୍ ନେତୃତ୍ୱ ଏବଂ ଶ୍ରମିକ ଆନ୍ଦୋଳନ ଇତିହାସ ନିମନ୍ତେ ସାଥୀ ରାୟ ଅତୁଲା ଅବଦାନ ରଖିଯାଇଛନ୍ତି। ରାଜ୍ୟ ତଥା କେନ୍ଦ୍ରୀୟ ବିଦ୍ୟୁତ୍ ଶ୍ରମିକ ଆନ୍ଦୋଳନ କ୍ଷେତ୍ରରେ ସାଥୀ ରାୟଙ୍କ ନେତୃତ୍ୱ ଦିଗ୍‌ଦର୍ଶକ ଅନନ୍ୟ ଥିଲା। ବିଦ୍ୟୁତ୍ ଶ୍ରମିକମାନଙ୍କ ନ୍ୟାଯ୍ୟ ହାସଲ ଏବଂ ସ୍ୱାର୍ଥ ସୁରକ୍ଷା କ୍ଷେତ୍ରରେ ତାଙ୍କ ନେତୃତ୍ୱ ଯେଭଳି ଅବିସମ୍ବାଦିତ ଥିଲା ଅନ୍ୟମାନଙ୍କ ପାଇଁ ସେହିଭଳି ପ୍ରେରଣାପ୍ରଦ ଥିଲା। ସକାରାତ୍ମକ ଆଭିମୁଖ୍ୟ ଓ କ୍ରିୟାଶୀଳତା ସାଥୀ ରାୟଙ୍କ ପ୍ରମୁଖ ଗୁଣ ଓ ଲକ୍ଷଣ ଥିଲା। ତାଙ୍କ ଆଦର୍ଶର ଯଥାର୍ଥ ଅନୁପାଳନ ସଂଗଠନକୁ ସୁଦୃଢ଼ କରିବା ସହ ସରକାରଙ୍କ ଶ୍ରମିକ ମାରଣ ନୀତି ବିରୁଦ୍ଧରେ ଐକ୍ୟବଦ୍ଧ ସଂଗ୍ରାମ ହିଁ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ମତବ୍ୟକ୍ତ କରିଥିଲେ।

ଏହି ଅବସରରେ 'ସ୍ମୃତିରେ ସାଥୀ : ଯତୀନ୍ଦ୍ର ବିଭୂତି' ନାମକ ଏକ ସ୍ମରଣିକା ଉନ୍ମୋଚନ କରି ବିଶେଷ ଅତିଥିମାନେ ମତ ରଖିଥିଲେ ଯେ, ଏହି ସ୍ମରଣିକାଟି ସାଥୀ ରାୟଙ୍କ ସଂଗ୍ରାମ ସ୍ମୃତିର ଜୀବନ୍ତ ଆଲେଖ୍ୟ ହେବ ଏବଂ ଅନ୍ୟମାନଙ୍କୁ ତାଙ୍କ ଆଦର୍ଶରେ ଅନୁପ୍ରାଣିତ କରିବ।

ଶ୍ରଦ୍ଧାଞ୍ଜଳି ସଭାରେ ବିଶେଷ ଅତିଥି ଓ ବକ୍ତା ଭାବରେ ନାରାୟଣ ରେଡ୍ଡି, ବିଜୟ ଜେନା, ସୁର ଜେନା, କିଶୋର ଜେନା, ରମେଶ ଚନ୍ଦ୍ର ଶତପଥି, ଅକ୍ଷୟ କୁମାର ତ୍ରିପାଠୀ, ସତ୍ୟବ୍ରତ ପରିଡ଼ା, ନମିତା ସାହୁ, ଏନ.ଏନ. ଦାସ, ବି.ବି.ରାଉତ, ନିରଞ୍ଜନ ପାଣିଗ୍ରାହୀ, ନାରାୟଣ ସିଂ, ବି.ବି. ମହାନ୍ତି, ରମେଶ ଚନ୍ଦ୍ର ମହାନ୍ତି, ସି.ଭି.ଏନ. ରାଓ, କମଳେଶ ଦାସ,ବସନ୍ତ କୁମାର ପ୍ରତାପ, ଦୁର୍ଗା ନନ୍ଦ, ଦିପକ ବାରିକ ପ୍ରମୁଖ ଶ୍ରଦ୍ଧାଞ୍ଜଳି ସଭାରେ ସ୍ମୃତିଚାରଣ କରିଥିଲେ। ଶେଷରେ ଶ୍ରୀକୃଷ୍ଣ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ହାଟଡିହି ତହସିଲ କର୍ମଚାରୀଙ୍କ ପକ୍ଷରୁ କଲମ ଛାଡ ଆନ୍ଦୋଳନ



ହାଟଡିହି (ପିଏନ୍): ହାଟଡିହି ତହସିଲ କର୍ମଚାରୀଙ୍କ ପକ୍ଷରୁ ନିକଟରେ କଲମ ଛାଡ ଆନ୍ଦୋଳନ କରାଯାଇଥିଲା। ଖବର ମୁତାବକ ଖଡବିଲ ମୌଜାର ରାଜସ୍ୱ ନିରୀକ୍ଷକଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣର ମୁଖ୍ୟ ଅଭିଯୁକ୍ତଙ୍କୁ ଅଦ୍ୟାବଧି ପୋଲିସ ପ୍ରଶାସନ ଗିରଫ କରିବାରେ ବିଫଳ ହୋଇଥିବା ବେଳେ ପୁନଶ୍ଚ ତାହାର ପୁନରାବୃତ୍ତି ଘଟିଛି। ଗତ ୨୦ ତାରିଖ ଦିନ ଆନନ୍ଦପୁର ରାଜସ୍ୱ ନିରୀକ୍ଷକ ଶ୍ରୀମତୀ ସିମାସିମନ୍ତିନୀ ସାହୁଙ୍କୁ ହୋଇଥିବା ମରଣାନ୍ତକ ଆକ୍ରମଣର ହାଟଡିହି ତହସିଲର କର୍ମଚାରୀ ନିଜକୁ ଅସୁରକ୍ଷିତ ମଣି ତାହାର ପ୍ରତିବାଦରେ ମୁଖ୍ୟ ଅଭିଯୁକ୍ତ ଗିରଫ ନହେବା ପର୍ଯ୍ୟନ୍ତ କଲମ ଛାଡ ଆନ୍ଦୋଳନ କରିଛନ୍ତି। ଆହୁରି ମଧ୍ୟ କହିଛନ୍ତି ସରକାରୀ କର୍ମଚାରୀମାନଙ୍କୁ ଜୀବନରୁ ମାରି ଦେବାକୁ ଚେଷ୍ଟା କରିବା, ସରକାରୀ କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି କରୁଥିବା ଦୋଷୀମାନଙ୍କ ବିରୋଧରେ ପୋଲିସ୍ ପ୍ରଶାସନ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ତହସିଲ କର୍ମଚାରୀମାନଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ଧାରଣାରେ ତହସିଲ କର୍ମଚାରୀ ପକ୍ଷରୁ ପିତାମ୍ବର ଯେନା, ଆରଏସ୍ ଅଶୋକ କୁମାର ପାଢୀ, ଏସ୍‌ଓ ସୁନିଲ କୁମାର ନାୟକ, ଜେଆରଏ ସୁଶାନ୍ତ କୁମାର ସାମଲ, ରାଜସ୍ୱ ନିରୀକ୍ଷକ ସନ୍ତୋଷ କୁମାର ଚାଟାର୍ଜୀ, ସୁଧାଂଶୁ ଶେଖର ପାତ୍ର ଏଆରଆଇ, କୃଷିଚନ୍ଦ୍ର ଦାସ ଆରଆଇ, ନିକୁଂଜ କୁମାର ବିଶ୍ୱାଳ ଅମୀନ, ଆରଆଇ ମାନକ ରଂଜନ ପଣ୍ଡା ପ୍ରମୁଖ ସମସ୍ତ ରାଜସ୍ୱ ନିରୀକ୍ଷକ, ସହକାରୀ ରାଜସ୍ୱ ନିରୀକ୍ଷକଙ୍କ ସମେତ ତହସିଲ କର୍ମଚାରୀ ଆନ୍ଦୋଳନରେ ବସିଥିବା ବେଳେ ଯେ ପର୍ଯ୍ୟନ୍ତ ଜିଲ୍ଲା ପ୍ରସାସନ ଓ ପୋଲିସ୍ ପ୍ରଶାସନ ମୁଖ୍ୟ ଅଭିଯୁକ୍ତକୁ ନ ବାନ୍ଧିଛି ସେ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦିଆଯାଇଛି।

## ବହୁ ପ୍ରତୀକ୍ଷା ପରେ ମଣ୍ଡି ଖୋଲିଲା

ଘଷିପୁରା (ପିଏନ୍): ସମବାୟ କର୍ମଚାରୀଙ୍କ ଆନ୍ଦୋଳନ ସତ୍ତ୍ୱେ ଆନନ୍ଦପୁର ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଶାଳପଡାଠାରେ ଥିବା କାର୍ଯ୍ୟାଳୟ ଠାରେ ଧାନକିଣା ଶୁଭାରମ୍ଭ ହୋଇଛି। ଧାନ କିଣା କେନ୍ଦ୍ରକୁ ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆନନ୍ଦପୁର ଉପଜିଲ୍ଲାପାଳ ଗୋପୀନାଥ କୁଅଁର, ଆନନ୍ଦପୁର ସର୍କଲର ସହକାରୀ ନିବନ୍ଧକ ଅଜୟ କୁମାର ସେଠୀ, ସହକାରୀ ଉପନିବନ୍ଧକ ବିଜୟ ହେମ୍ବ୍ରମ, ଯୋଗାଣ ନିରୀକ୍ଷକ ଶ୍ୟାମ ମାଝୀ, ଦିଲ୍ଲୀପ କୁମାର ସାହୁ, ପିଇଓ ସୁରେଶ କୁମାର ରଣା, ବୀରେନ୍ଦ୍ର ମହାନ୍ତି, କୈଳାଶ ନାୟକ, ଭାସ୍କର ଚନ୍ଦ୍ର ନାୟକ, ସୁରନ ଦାସଙ୍କ ସମେତ ସ୍ଥାନୀୟ ଚାଷୀ ଉପସ୍ଥିତ ଥିଲେ। ଆର.ଏମ୍.ସି. ସମ୍ପାଦକ ଏକାଦଶୀ ଦାସଙ୍କ ସଂଯୋଜନାରେ ଧାନକିଣା କାର୍ଯ୍ୟକ୍ରମ ଆରମ୍ଭ କରାଯାଇ ଶୈଲଙ୍ଗ ଓ ଓସ୍ତପୁରାର ଚାଷୀ ସୁବାଷ ମହାନ୍ତି, ସୁଶାନ୍ତ କୁମାର ନାୟକଙ୍କଠାରୁ ମୋଟ୍ ୭୧ କୁଇଣ୍ଟାଲ ଧାନ କିଣାଯାଇଥିବା ଜଣାପଡିଛି। ଅପରପକ୍ଷେ ଘଷିପୁରା ବ୍ଲକ ଅନ୍ତର୍ଗତ ଖାଳିଆମେଣ୍ଟା, ବଳରାମପୁର, ଦେଓଗାଁ, ଦରଡିପାଳ, କେଶଦୁରାପାଳ ସମିତିର ପଂଜିକୃତ ଚାଷୀ ଗାଡିଭଡା ଦେଇ ଅଯଥା ଖର୍ଚ୍ଚାନ୍ତ ହେଲେ ବୋଲି ଅସନ୍ତୋଷ ପ୍ରକାଶ ପାଇଛି।

## ରାଜସ୍ୱ ନିରୀକ୍ଷକଙ୍କୁ ଆକ୍ରମଣ ପ୍ରତିବାଦରେ କଲମ ଛାଡ ଆନ୍ଦୋଳନ

ଘଷିପୁରା (ପିଏନ୍): ଆନନ୍ଦପୁର ରାଜସ୍ୱ ନିରୀକ୍ଷକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାକୁ ନେଇ କାର୍ଯ୍ୟରତ ଆନନ୍ଦପିର ତହସିଲ ଆର.ଆଇ.ମାନେ କଲମ ଛାଡ ଆନ୍ଦୋଳନ କରିଥିଲେ। ଏ ନେଇ କର୍ମଚାରୀମାନେ ଲିଖିତ ଭାବେ ଆନନ୍ଦପୁର ତହସିଲଦାରଙ୍କୁ ଜଣାଇଛନ୍ତି। କର୍ମଚାରୀଙ୍କ ଅଭିଯୋଗ ଅନୁଯାୟୀ ଗତ ଡିସେମ୍ବର ମାସ ୧୧ତାରିଖରେ ଖଡବିଲ ମୌଜାରେ ବେଆଇନ୍ ବାଲିଘାଟ ଉପରେ ଚଢାଉ ବେଳେ ରାଜସ୍ୱ ନିରୀକ୍ଷକଙ୍କ ଉପରେ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ଏ ନେଇ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇନି। ଅଧିକନ୍ତୁ ଗିରଫ ହୋଇଥିବା କିଛି ଅଭିଯୁକ୍ତଙ୍କ ବିରୋଧରେ କୋହଳ ଦଫା ଲାଗିଥିବା ଯୋଗୁଁ ସେମାନଙ୍କୁ ଜାମିନ ମିଳିଯାଇଛି। ଏହି ଘଟଣାର ୧୫ଦିନ ନପୁରୁଣୁ ଆନନ୍ଦପୁର ରାଜସ୍ୱ ନିରୀକ୍ଷକ ସିମା ସିମନ୍ତିନୀ ସାହୁ ନିଜ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବାବେଳେ ବାଙ୍ଗିଡି ଗ୍ରାମର ଗୋବିନ୍ଦ ଜେନା ଏକ ମାରଣାସ୍ତ୍ରରେ ତାଙ୍କୁ ଆକ୍ରମଣ କରିଥିଲେ। ଏଥିରେ ସେ କ୍ଷତାକ୍ତ ହୋଇ ଚିକିତ୍ସାଧିନ ଅଛନ୍ତି। ବାରମ୍ବାର ଏଭଳି ଘଟଣା ଘଟୁଥିବାକୁ ନେଇ ସ୍ଥାନୀୟ ପ୍ରଶାସନ ଅଧିକାରୀ ଗୁରୁତ୍ୱର ସହ ବିଚାରକୁ ନେଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ରାଜସ୍ୱ ନିରୀକ୍ଷକମାନେ ଦାବି କରିଛନ୍ତି।

## ଢିଙ୍କିଆରେ ପୋଲିସ୍ ଓ ଗ୍ରାମବାସୀ ମୁହାଁମୁହିଁ

ପାରାଦୀପ (ପିଏନ୍)- ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ୍‌ର ଢିଙ୍କିଆ ଅଂଚଳ ପୁଣି ଅଶାନ୍ତ ହେବାରେ ଲାଗିଲାଣି। ଏଠାରେ ଜେ.ଏସ୍.ଡବ୍ଲ୍ୟୁ. ଉତ୍କଳ ତାର ପ୍ଲାଣ୍ଟ ସ୍ଥାପନ କରିବାକୁ ଥିବା ବେଳେ ଜମିହରା କ୍ଷତିଗ୍ରସ୍ତମାନଙ୍କୁ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିଛି। ଅପରପକ୍ଷରେ ଗଡକୁଜଙ୍ଗ, ନୂଆଗାଁ ଓ ଢିଙ୍କିଆ ଅଂଚଳରେ ପ୍ରସ୍ତାବିତ ଏହି ପ୍ରକଳ୍ପକୁ ବିରୋଧ କରୁଥିବା ଗ୍ରାମବାସୀ ଓ ପୋଲିସ୍ ମୁହାଁମୁହିଁ ପରିସ୍ଥିତି ଦେଖାଦେଇଛି। ଢିଙ୍କିଆ ପଂଚାୟତର ନୂତନ ରାଜସ୍ୱ ଗ୍ରାମ ମାହାଳର ସୀମା ନିର୍ଦ୍ଧାରଣକୁ ବିରୋଧ କରି ଜଟାଧାର ମୁହାଣ ନିକଟରେ ଗ୍ରାମବାସୀଙ୍କ ପକ୍ଷରୁ ଛୋଟ ପିଲାମାନଙ୍କୁ ଆନ୍ଦୋଳନରେ ସାମିଲ କରାଯାଇଥିବା ଦେଖିବାକୁ ମିଳିଛି। ଅନ୍ୟପଟରେ ପୋଲିସ୍ ଢିଙ୍କିଆ ଗ୍ରାମରେ ପଶି ଆନ୍ଦୋଳନର ନେତୃତ୍ୱ ନେଉଥିବା ସମିତି ସଭ୍ୟ ଦେବେନ୍ଦ୍ର ସ୍ୱାଇଁଙ୍କ ଦାଦା ଅଯୋଧ୍ୟା ସ୍ୱାଇଁ ଓ ଭଉଣୀ ମିଳି ସ୍ୱାଇଁଙ୍କୁ ଗିରଫ କରିଛି। ତେବେ ଏହି ଆନ୍ଦୋଳନରେ ସ୍କୁଲ ଛାଡି ଛୋଟ ଛୋଟ ପିଲାମାନେ ସାମିଲ ହେବା ଦେଖିବାକୁ ମିଳିଛି। ମାଆ, ମାଟି ପାଇଁ ବାପା ମାଆ ଲଢେଇ କରୁଛନ୍ତି, ତେଣୁ ଏହି ଲଢେଇରେ ସାମିଲ ହୋଇଛୁ ବୋଲି ପିଲାମାନେ କହିଛନ୍ତି। ଜେ.ଏସ୍.ଡବ୍ଲ୍ୟୁ. କମ୍ପାନୀ କେବଳ ମିଛ ଆଶା ଦେଖାଉଛି, ପାନବରଜ ଭାଙ୍ଗିଲେ ଆମେ ଖାଇବୁ କ'ଣ? ଚଳିବୁ କିପରି ବୋଲି ପିଲାମାନେ ପ୍ରଶ୍ନ କରିଛନ୍ତି। ତେଣୁ ଆନ୍ଦୋଳନରେ ସାମିଲ ହୋଇଛୁ ବୋଲି ପିଲାମାନେ କହିଛନ୍ତି। ମାହାଲ ରାଜସ୍ୱ ଗ୍ରାମର ସୀମା ନିର୍ଦ୍ଧାରଣ ଶେଷ ହୋଇଥିବା ଏରସମା ତହସିଲଦାର ସୂଚନା ଦେଇଥିବା ବେଳେ ଗତ ଡିସେମ୍ବର ୧ ତାରିଖରେ ଢିଙ୍କିଆ ଗ୍ରାମରେ ପୋଲିସ୍ ଉପରେ ହୋଇଥିବା ଆକ୍ରମଣ ଘଟଣାରେ ଦୁଇଜଣଙ୍କୁ ଗିରଫ କରାଯାଇଥିବା ନେଇ ଜଗତସିଂହପୁର ଏସ.ପି. ଅଖିଳେଶ ସିଂ ସୂଚନା ଦେଇଛନ୍ତି। ଏହାକୁ ନେଇ ଏବେବି ଢିଙ୍କିଆ ଗ୍ରାମରେ ଉତ୍ତେଜନା ଲାଗି ରହିଛି। ଢିଙ୍କିଆ ଉଭୟ ପଟରେ ଗ୍ରାମବାସୀଙ୍କ ଦ୍ୱାରା ତିଆରି କରାଯାଇଥିବା ବାଉଁଶ ଗେଟ୍‌ର ଉଭୟପଟରେ ପୋଲିସ୍ ଛାଉଣୀ କରି ରହିଥିବା ବେଳେ ଉପରପାର୍ଶ୍ୱରେ ଗ୍ରାମବାସୀ ଜଗି ରହିଛନ୍ତି। ଏପରିକି ପୋଲିସ୍ ଓ ଗ୍ରାମବାସୀଙ୍କ ମଧ୍ୟରେ ଢେଲାପଥର ମାଡ ମଧ୍ୟ ହୋଇଛି ଏବଂ ଢିଙ୍କିଆ ଫୁଲଖାଇ ମନ୍ଦିର ପ୍ରାଙ୍ଗଣରେ ବିରୋଧୀଙ୍କ ବୈଠକ କରୁଥିବା ବେଳେ କୌଣସି ପ୍ରକାରର ଅପ୍ରୀତିକର ପରିସ୍ଥିତିକୁ ଏଡାଇବା ପାଇଁ ପ୍ରଶାସନ ଏଥିପ୍ରତି ତୀକ୍ଷ୍ଣ ଦୃଷ୍ଟି ରଖିଛି।

## ଇଫ୍‌କୋର ସହଯୋଗରେ ଚକୁଳିଆ ସ୍ୱାମୀ ନାରାୟଣ ବିଦ୍ୟାଳୟ ନବୀକରଣ ସମ୍ପୂର୍ଣ୍ଣ

ପାରାଦୀପ (ପିଏନ୍)-କୁଜଙ୍ଗ ନିକଟସ୍ଥ ଚକୁଳିଆ ଗ୍ରାମରେ ଥିବା ସ୍ୱାମୀ ନାରାୟଣ ବିଦ୍ୟାଳୟର କମ୍ପୁଟର ଗୃହ ଇଫକୋର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ କେ.ଜେ. ପଟେଲଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଇଫ୍‌କୋ ପକ୍ଷରୁ ଏହି ବିଦ୍ୟାଳୟର ଗୃହ ନବୀକରଣ କରାଯିବା ସହିତ କୋଡିଏ ଗୋଟି ଉନ୍ନତମାନର ଶୌଚାଳୟ, ରୋଷେଇ ଗୃହ ଓ ସମସ୍ତ ପ୍ରକାରର ଆସବାବପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ଶ୍ରୀ ପଟେଲ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିବା ସହ ପାଠପଢାରେ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ। ଶ୍ରୀ ପଟେଲଙ୍କ ସହିତ ଏହି କାର୍ଯ୍ୟକ୍ରମରେ ଇଫ୍‌କୋ ଜ୍ୟୋତି ମହିଳା ସମିତିର ସଭାନେତ୍ରୀ ମମତା ପଟେଲ, ଯୁଗ୍ମ ମହାପ୍ରବନ୍ଧକ ଅଭୟ କୁମାର ମଲ୍, ମିତା ମଲ୍, ଇଫକୋର ସହକାରୀ ପ୍ରବନ୍ଧକ ପ୍ରସନ୍ନ କୁମାର ବେଉରା ପ୍ରମୁଖ ଯୋଗଥିଲେ। ସ୍କୁଲର ସମ୍ପାଦକ ପୀତାମ୍ବର ଜେନା, ବଳେଇପୁର ସରପଂଚ ମୁରଲୀଧର ମଲ୍ଲିକ ପ୍ରମୁଖ ଇଫକୋର ଏହି ସମାଜ ମଙ୍ଗଳ କାର୍ଯ୍ୟର ଉଚ୍ଚ ପ୍ରଶଂସା କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶୈଳେନ୍ଦ୍ରୀ ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଖାଇବାକୁ ଯାଇଥିବା ସମୟରେ କେନ୍ଦ୍ରାପଡା ବିଡିଓଙ୍କ ସିଟ୍ ଦଖଲ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡ଼ା ବିଡିଓଙ୍କ ସିଟ୍ ଦଖଲକୁ ନେଇ ରାଜନୀତି ସରଗରମ ହୋଇ ଉଠିଛି। ବଦଳି ହୋଇଥିବା ବିଡିଓ ନୂତନ ବିଡିଓଙ୍କୁ ଦାୟିତ୍ୱ ହସ୍ତାନ୍ତର କରି ନାହାନ୍ତି। ସେ ଅପରାହ୍ନରେ ଖାଇବାକୁ ଯାଇଥିବା ବେଳେ ତାଙ୍କ ସିଟ୍‌ରେ କଟକରୁ କେନ୍ଦ୍ରାପଡ଼ାକୁ ବଦଳି ହୋଇ ଆସିଥିବା ଜଣେ ନୂତନ ମହିଳା ଅଧିକାରୀ ବସିଯାଇଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ରାଜନୀତି ସରଗରମ ହୋଇ ପଡିଛି। ଆଗକୁ ପଞ୍ଚାୟତ ନିର୍ବାଚନ ଆସୁଥିବାରୁ ରାଜନୈତିକ ଗୋଷ୍ଠୀ ଛକାପଞ୍ଝାରେ ଅଛନ୍ତି। ଶାସକ ଦଳର ୨ଟି ଗୋଷ୍ଠି ମଧ୍ୟରୁ ଗୋଟିଏ ଗୋଷ୍ଠୀ ବିଡିଓ ଅଶ୍ୱିନୀ ଦାସଙ୍କୁ ବଦଳି କରିଥିବା ବାହାବା ନେଉଥିବା ବେଳେ ଶାସକ ଦଳର ଅନ୍ୟ ଗୋଷ୍ଠି ସମେତ ବିରୋଧୀ କଂଗ୍ରେସ ଗୋଷ୍ଠୀ ମଧ୍ୟ ବିଡିଓ କିପରି ଏଠାରୁ ନଯିବେ ସେ ନେଇ ଯୋଜନା କରୁଛି। ଏପରିକି ଦୁଇଦିନ ତଳେ ଶାସକ ଦଳର ଗୋଟିଏ ଗୋଷ୍ଠି ସମେତ କଂଗ୍ରେସ ସମର୍ଥିତ ସରପଞ୍ଚ ଓ ସମିତିସଭ୍ୟମାନେ ବିଡିଓ ଅଶ୍ୱିନୀ କୁମାର ଦାସଙ୍କ ବଦଳି ବାତିଲ କରିବାକୁ ଜିଲ୍ଲାପାଳଙ୍କୁ ନିବେଦନ କରିଥିଲେ। ହେଲେ ଗୁରୁବାର ମଧ୍ୟାହ୍ନରେ ବିଡିଓ ଅଶ୍ୱିନୀ କୁମାର ଦାସ ଖାଇବାକୁ ଯାଇଥିବା ବେଳେ ତାଙ୍କ ସିଟ୍‌ରେ ନୂତନ ବିଡିଓ ଭାବେ ଯୋଗଦେବାକୁ ଆସିଥିବା ବନ୍ଦନା ଖଟୁଆ ବସିଯାଇଥିବାର ଦେଖିବାକୁ ମିଳିଛି। ବିଡିଓ ଶ୍ରୀ ଦାସ ଖାଇ ସାରି ତାଙ୍କ କାର୍ଯ୍ୟାଳୟକୁ ଆସିବା ବେଳେ ଯାଣିବାକୁ ପାଇଥିଲେ ଯେ କେନ୍ଦ୍ରାପଡ଼ାକୁ ବଦଳି ହୋଇଥିବା ବନ୍ଦନା ଖଟୁଆ ତାଙ୍କ ସିଟ୍‌ରେ ବସି ଯାଇଛନ୍ତି। ତେଣୁ ସେ କ'ଣ କରିବେ କିଛି ଚିନ୍ତା କରି ପାରିଲେ ନାହିଁ। ନିୟମ ଅନୁଯାୟୀ ନୂତନ ଭାବେ ଯେଉଁ ଅଧିକାରୀ ଯୋଗ ଦିଅନ୍ତି ତାଙ୍କୁ ସେ ସ୍ଥାନରେ ଥିବା ଅଧିକାରୀ ଦାୟିତ୍ୱ ହସ୍ତାନ୍ତର କରନ୍ତି। ଏହାପରେ ନୂତନ ଭାବେ ଯୋଗ ଦେଇଥିବା ଅଧିକାରୀ ସିଟ୍‌ରେ ବସିଥାନ୍ତି। ଯଦି ପୂର୍ବ ଅଧିକାରୀ ପୂର୍ବରୁ ଅନ୍ୟ ବଦଳି ସ୍ଥାନକୁ ଚାଲି ଯାଇଥାନ୍ତି ତାହା ହେଲେ ସେ ଅତିରିକ୍ତ ବିଡିଓଙ୍କୁ ଦାୟିତ୍ୱ ହସ୍ତାନ୍ତର କରି ଯାଇଥାନ୍ତି। ଯିଏ ବିଡିଓ ଦାୟିତ୍ୱରେ ଥାନ୍ତି ସେ ନୂତନ ବିଡିଓଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥାନ୍ତି। ହେଲେ ଗୁରୁବାର କେନ୍ଦ୍ରାପଡ଼ା ବ୍ଲକରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା ଯାହାକୁ ନେଇ ସମଗ୍ର ଜିଲ୍ଲାରେ ଚର୍ଚ୍ଚା ସୃଷ୍ଟି ହୋଇଛି। ନୂଆ ବିଡିଓଙ୍କୁ ଶାସକ ଦଳର ଗୋଟିଏ ଗୋଷ୍ଠୀ ସମର୍ଥନ କରୁଥିବା ବେଳେ ଶାସକ ଦଳର ଅନ୍ୟ ଗୋଷ୍ଠି ସମେତ ଅନ୍ୟ ରାଜନୈତିକ ଦଳର ଜନପ୍ରତିନିଧିମାନେ ଏହାକୁ ବିରୋଧ କରିଛନ୍ତି। ରାଜ୍ୟ ସରପଞ୍ଚ ମହାସଂଘର ସଭାପତି ପ୍ରଦ୍ୟୁମ୍ନ କୁମାର ଜେନା କହିଛନ୍ତି ଯେ ବ୍ଲକରେ ଆଜି ଯାହା ଘଟିଲା ତାହା ଅତ୍ୟନ୍ତ ଅସୌଜନ୍ୟମୂଳକ ଘଟଣା। ଜଣେ ବିଡିଓ ଭାରମୁକ୍ତ ନହୋଇ ଖାଇବାକୁ ଯାଇଥିବା ବେଳେ ତାଙ୍କ ସିଟ୍‌ରେ ଅନ୍ୟ ଜଣେ ଅଧିକାରୀ ବସିଯିବା ଆଦୌ ଉଚିତ ନୁହେଁ। ତାହା ଅସ୍ୱାଭାବିକ କଥା। ତେଣୁ ଆମେ ଏଭଳି ଅସ୍ୱାଭାବିକ ଘଟଣାକୁ ବିରୋଧ କରୁଛୁ ବୋଲି ଶ୍ରୀ ଜେନା କହିଛନ୍ତି। ଏ ସଂକ୍ରାନ୍ତରେ ବିଡିଓ ଶ୍ରୀ ଦାସଙ୍କୁ ପଚାରିବାରୁ ସେ କହିଲେ ଯେ ମୁଁ ବିଡିଓ ଭାବେ ମୋ ଦାୟିତ୍ୱ ନୂତନ ବିଡିଓଙ୍କୁ ହସ୍ତାନ୍ତର କରିଥାନ୍ତି। ଏହାପରେ ସେ ଦାୟିତ୍ୱ ନେଇ ସିଟ୍‌ରେ ବସିଥାନ୍ତେ। କିନ୍ତୁ ମୁଁ ଖାଇବାକୁ ଯାଇଥିବା ବେଳେ ମୋ ସିଟ୍ ଦଖଲ କରିବା ଏକ ଅସୌଜନ୍ୟ କଥା। ତେଣୁ ମୁଁ କାର୍ଯ୍ୟାଳୟରୁ ଫେରି ଆସିଲି। ଏଭଳି ଘଟଣା ସରକାରୀ ଅଧିକାରୀଙ୍କ କ୍ଷେତ୍ରରେ ହେବା ଉଚିତ ନୁହେଁ ବୋଲି ସେ କହିଛନ୍ତି। ଅପରପକ୍ଷରେ ନୂତନ ଭାବେ ଯୋଗ ଦେଇଥିବା କେନ୍ଦ୍ରାପଡ଼ା ବିଡିଓ ବନ୍ଦନା ଖଟୁଆଙ୍କୁ ପଚାରିବାରୁ ସେ କହିଲେ ମୁଁ ଦାୟିତ୍ୱ ହସ୍ତାନ୍ତର କରିବା ପାଇଁ ତାଙ୍କୁ କହିଲି। ହେଲେ ସେ ଆସିଲେ ନାହିଁ। ଆସନ୍ତା କାଲି ସେ ଆସି ଦାୟିତ୍ୱ ହସ୍ତାନ୍ତର କରିବେ ବୋଲି କହିଲେ। ତେଣୁ ମୁଁ ସିଟ୍‌ରେ ବସିଲି। ଏଥିରେ କୌଣସି ନିୟମ ଉଲଙ୍ଘନ ହୋଇନାହିଁ ବୋଲି ନୂଆ ଶ୍ରୀମତୀ ଖଟୁଆ କହିଛନ୍ତି। ସାଧାରଣରେ ଏହି ଘଟଣାକୁ ନେଇ ଚର୍ଚ୍ଚା ଜୋର ଧରିଛି।

## ସୋସିଆଲ ମିଡିଆ ବିଭାଗ କଂଗ୍ରେସର ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ, ବୁଥସ୍ତର ପର୍ଯ୍ୟନ୍ତ ଯିବ ସୋସିଆଲ ମିଡିଆ ବିଭାଗ : କେ.ସି. ଭେନୁଗୋପାଳ

ଭୁବନେଶ୍ୱର, (ପି.ଏନ): ଓଡ଼ିଶା କଂଗ୍ରେସ ସୋସିଆଲ ମିଡ଼ିଆ ଅଧ୍ୟକ୍ଷ ଅଭିଷେକ ମହାନନ୍ଦ ଦିଲ୍ଲୀ ଠାରେ ଏ.ଆଇ.ସି.ସି. ସଂଗଠନ ଦାୟୀତ୍ୱରେ ଥିବା ସାଧାରଣ ସଂପାଦକ ଶ୍ରୀ କେ.ସି. ଭେନୁଗୋପାଳ ଏବଂ ସୋସିଆଲ ମିଡିଆର ଜାତୀୟ ଅଧ୍ୟକ୍ଷ ରୋହନ ଗୁପ୍ତାଙ୍କୁ ଭେଟିଲେ। ଦୁଇ ଦିନିଆ ସମୀକ୍ଷା ବୈଠକରେ ସାମିଲ ହୋଇଥିଲେ ଶ୍ରୀ ମହାନନ୍ଦ। ଓଡ଼ିଶା ସମ୍ପର୍କୀୟ ସୋସିଆଲ ମିଡ଼ିଆ ବିଭାଗ ସହିତ ସାଂଗଠନିକ ଆଲୋଚନା କରିଥିଲେ ଭେନୁ ଗୋପାଳ। ବୁଥସ୍ତର ପର୍ଯ୍ୟନ୍ତ ଯିବାକୁ କହିଥିଲେ ସୋସିଆଲ ମିଡିଆକୁ ବିଭାଗକୁ ତାଙ୍କ ସହିତ ରାଜ୍ୟ ସୋସିଆଲ ମିଡିଆ ବିଭାଗର ସାଧାରଣ ସଂପାଦକ ଶ୍ରୀ ଚନ୍ଦନ ରାୟ ଏବଂ ସୁବାଷ ଚନ୍ଦ୍ର ନାୟକ ମଧ୍ୟ ଯୋଗଦେଇଥିଲେ।

# ଖଣ୍ଡପଡା ପରେ ଖଳିସାହିରେ ଜବରଦଖଲ ଉଚ୍ଛେଦ ପାଇଁ ପ୍ରଶାସନ ତତ୍ପର

ଖଣ୍ଡପଡ଼ା, (ପି.ଏନ): ଖଣ୍ଡପଡା ସହରରେ ନୂତନ ବସଷ୍ଟାଣ୍ଡ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ଭିତ୍ତିଭୂମି ପ୍ରତିଷ୍ଠା ନିମନ୍ତେ ତହସିଲ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ ପରେ ଏବେ ନିକଟସ୍ଥ ଖଳିସାହି ବଜାର ଓ ତତ୍ ସଂଲଗ୍ନ ଦଶଦୋଳ ପଡ଼ିଆର ଚ୍ୱାରି ପାଖରୁ ଜବରଦଖଲକାରୀଙ୍କୁ ହଟାଇବା ନିମନ୍ତେ ଖଣ୍ଡପଡା ତହସିଲ କାର୍ଯ୍ୟାଳୟ ପକ୍ଷରୁ ନୋଟିସ ପଠାଯାଇଥିବା ନେଇ ସୂଚନା ଦେଇଛନ୍ତି ତହସିଲଦାର ପାର୍ଥସାରଥି ହଂସଦା। ଖଳିସାହି ଗ୍ରାମର ପ୍ରାୟ ୬୦ରୁ ଉର୍ଦ୍ଧ୍ୱ ବ୍ୟବସାୟୀଙ୍କ ନିକଟକୁ ତହସିଲ ପ୍ରଶାସନ ପକ୍ଷରୁ ନୋଟିସ ପଠାଯାଇଥିବା ଜଣାପଡିଛି। ଦିର୍ଘ ବର୍ଷ ଧରି ଖଳିସାହି ପାଠାଗାରକୁ ଅନ ଅଧିକାର ଭାବେ ଜବରଦଖଲ କରି ରଖିଥିବା ଜଣେ ପ୍ରଭାବଶାଳୀ ବ୍ୟକ୍ତି ସେଠାରେ ଏକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରୁଥିବା ନେଇ ପ୍ରଶାସନର ନଜରକୁ ଆସିବା ପରେ ଜବରଦଖଲ ଉଚ୍ଛେଦ ପାଇଁ ନୋଟିସ ପଠାଯାଇଥିବା ତହସିଲଦାରଙ୍କ ଠାରୁ ପ୍ରକାଶ। ତେବେ ଆସନ୍ତା ୧ମାସ ମଧ୍ୟରେ ସରକାରୀ ଜାଗାରୁ ଜବରଦଖଲ କାରୀମାନେ ନହଟିଲେ ପୋଲିସ ଉପସ୍ଥିତିରେ ଜେସିବି ମେସିନ ଲଗାଇ ଜବରଦଖଲକାରୀ ମାନଙ୍କୁ ହଟାଇ ଦିଆଯିବ ବୋଲି ପ୍ରଶାସନ ତରଫରୁ ଚେତାବନୀ ଦିଆଯାଇଛି। ପ୍ରଶାସନ ପକ୍ଷରୁ ଚେତାବନୀ ପରେ ବ୍ୟବସାୟୀ ଓ ଜବରଦଖଲକାରୀଙ୍କ ମନରେ ଛନକା ପଶିଛି। ଖାଲିସେତିକି ନୁହେଁ ଖଣ୍ଡପଡା ସହରର ୧ ନଂ ଓ୍ୱାର୍ଡ ଅମଲାପଡାର ସରକାରୀ ଜାଗା ଉପରେ ଗଢ଼ି ଉଠିଥିବା ସରସ୍ୱତୀ ଶିଶୁ ମନ୍ଦିର ଶିକ୍ଷାନୁଷ୍ଠାନଙ୍କୁ ଭାଙ୍ଗି ଦେବାପାଇଁ ଖଣ୍ଡପଡା ତହସିଲ ପ୍ରଶାସନ ପକ୍ଷରୁ ନୋଟିସ ପଠାଯାଇଥିବା ସୂଚନା ମିଳିଛି। ଦିର୍ଘ ବର୍ଷ ପରେ ଜବରଦଖଲ କାରୀଙ୍କୁ ହଟାଇବା ନିମନ୍ତେ ପ୍ରଶାସନ ତରଫରୁ ନୋଟିସ ପଠାଯାଇଥିବାରୁ ସାଧାରଣରେ ଆନନ୍ଦ ପ୍ରକାଶ ପାଇଛି। ଖଣ୍ଡପଡା ସହର ଓ ଖଳିସାହି ବଜାରରୁ ସମ୍ପୂର୍ଣ୍ଣ ଭାବେ ଜବରଦଖଲ ଉଚ୍ଛେଦ ପାଇଁ ତହସିଲ ପ୍ରଶାସନ ଏବେ ଆକ୍ସନ ମୁଡ଼ରେ ଥିବା ବିଶେଷ ସୂତ୍ରରୁ ଜଣାପଡିଛି।

# କାକଟପୁର ନିର୍ବାଚନମଣ୍ଡଳୀରେ ବିଜେପିର 'ଜନସମ୍ବାଦ ଯାତ୍ରା'

ଭୁବନେଶ୍ୱର,(ପି.ଏନ): ରାଜ୍ୟରେ ଖଣି, ବାଲି, ପକ୍କାଘର, ଶୌଚାଳୟ ନିର୍ମାଣ, ନରେଗା, ଚିଟଫଣ୍ଡ, ସମବାୟ ଦୁର୍ନୀତି ଆଜି ସର୍ବୋଚ୍ଚ ସୀମା ଅତିକ୍ରମ କରିସାରିଛି । ଶିକ୍ଷା, ସ୍ୱାସ୍ଥ୍ୟ, ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଛି। ମୁଖ୍ୟମନ୍ତ୍ରୀ ଘର ଭିତରେ ବସି ରହୁଛନ୍ତି । ବିଧାନସଭା ସମେତ କୌଣସି ସରକାରୀ ଗସ୍ତ କାର୍ଯ୍ୟକ୍ରମରେ ଯୋଗ ଦେଉନାହାନ୍ତି । ସାଧାରଣ ଲୋକଙ୍କ ସହିତ କଥା କି ସାକ୍ଷାତ କରୁନାହାନ୍ତି । କେବଳ ଦଳୀୟ କାର୍ଯ୍ୟକ୍ରମରେ ଯୋଗ ଦେଇ ନିଜ ରେକର୍ଡେଡ୍ ଭାଷଣ ଶୁଣୁଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ପାଟିରେ କିଏ ତାଲା ପକାଇଛି, କିଏ ତାଙ୍କ ଗୋଡରେ ଶିକୁଳି ବାନ୍ଧିଛି ବୋଲି ପ୍ରଶ୍ନ କରିବା ସହ ଏହାର ଜବାବ୍ ରାଜ୍ୟବାସୀଙ୍କୁ ଜଣାଇବା ନିହାତି ଆବଶ୍ୟକ ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି ।ରାଜ୍ୟ ତଥା ରାଜ୍ୟବାସୀଙ୍କ ସାମଗ୍ରିକ ବିକାଶ ପାଇଁ ବିଜେପି ପ୍ରତିଶ୍ରୁତିବଦ୍ଧ । ଆମେ ସମସ୍ତେ ଦୃଢତାର ସହ ଲଢେଇ କରି ଶାସକ ବିଜେଡିର କୁଶାସନରୁ ମୁକ୍ତ ହେବା ଏବଂ ବିଜେପି ଶାସନରେ ରାଜ୍ୟ ତଥା ରାଜ୍ୟବାସୀଙ୍କୁ ସୁଶାସନ ଦେବା ପାଇଁ ସଂକଳ୍ପବଦ୍ଧ ।'ଜନସମ୍ବାଦ' ଯାତ୍ରା ଅବସରରେ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଆଜି ପୁରୀ ଜିଲ୍ଲା କାକଟପୁର ନିର୍ବାଚନମଣ୍ଡଳୀ ଗସ୍ତ କରି ବିଭିନ୍ନ ଦଳୀୟ କାର୍ଯ୍ୟକ୍ରମରେ ଯୋଗ ଦେବା ସହିତ ଅନୁଷ୍ଠିତ ମିଶ୍ରଣ ପର୍ବରେ ଯୋଗ ଦେଇଥିଲେ । କାକଟପୁର ଅଂଚଳର ବରିଷ୍ଠ କଂଗ୍ରେସ ନେତା ମନୁ ସ୍ୱାଇଁ ନିଜ ଶତାଧିକ ସମର୍ଥକଙ୍କ ସମେତ ବହୁ ବିଜେଡି ନେତୃତ୍ୱ ଆଜି ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି । ଆଜିର ଏହି ମିଶ୍ରଣ ଆଗାମୀ ଦିନରେ ରାଜ୍ୟ ରାଜନୀତିରେ ପରିବର୍ତ୍ତନର ସଙ୍କେତ ଦେଉଛି ବୋଲି ଶ୍ରୀ ମହାନ୍ତି ଦୃଢତାର ସହ କହିଛନ୍ତି । ଲମ୍ବା ସମୟ ଧରି ଶାସକ ଦଳ ପ୍ରତିନିଧିତ୍ୱ କରୁଥିବା ସତ୍ତ୍ୱେ କାକଟପୁର, ଅସ୍ତରଙ୍ଗ, ନିମାପଡା ଆଦି ଅଂଚଳ ଆଜି ମଧ୍ୟ ବିକାଶର ଶିକ୍ଷା, ସ୍ୱାସ୍ଥ୍ୟ ଆଦି କ୍ଷେତ୍ରରେ ବହୁ ଦୁରରେ ଥିବାରୁ ଉପସ୍ଥିତ ନେତୃମଣ୍ଡଳୀ ଭୀଷଣ କ୍ଷୋଭ ପ୍ରକାଶ କରିବା ସହ ଦୁର୍ନୀତିଗ୍ରସ୍ତ ଓ ଭ୍ରଷ୍ଟାଚାରୀ ଶାସକ ବିଜେଡି ହଟାଇ ଅଂଚଳର ବିକାଶ ଦାୟୀତ୍ୱ ବିଜେପିକୁ ପ୍ରଦାନ କରିବା ପାଇଁ ସାଧାରଣ ଜନତାଙ୍କୁ ଆହ୍ୱାନ ଦେଇଥିଲେ । ରାଜ୍ୟ ସଭାପତି ଶ୍ରୀ ମହାନ୍ତିଙ୍କ କାକଟପୁର ଗସ୍ତ ଅବସରରେ ଦଳୀୟ କାର୍ଯ୍ୟକର୍ତାଙ୍କ ତରଫରୁ ପିପିଲି, ନିମାପଡା, ଚାରିଛକ ସମେତ ବିଭିନ୍ନ ସ୍ଥାନରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଏହି ଅବସରରେ ରାଜ୍ୟ ଉପ ସଭାନେତ୍ରୀ ପ୍ରଭାତି ପରିଡା, ରାଜ୍ୟ ସମ୍ପାଦିକା ଡ.ଲେଖାଶ୍ରୀ ସାମନ୍ତସିଂହାର, ରାଜ୍ୟ ବିଜେପି ଅନୁସୁଚିତ ଜାତି ମୋର୍ଚ୍ଚା ରାଜ୍ୟ ସଭାପତି ତଥା ପୂର୍ବତନ ସାଂସଦ ବିଭୂ ତରାଇ, ଜିଲ୍ଲା ସଭାପତି ଆଶ୍ରିତ୍ ପଟ୍ଟନାୟକ, ପୂର୍ବତନ ବିଧାୟକ ରବି ମଲ୍ଲିକ୍, ବାଇଧର ମଲ୍ଲିକ୍, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାଜଲକ୍ଷ୍ମୀ ଦାସଙ୍କ ସମେତ ରାଜ୍ୟ ଓ ଜିଲ୍ଲା ପଦାଧିକାରୀ ଏବଂ ପ୍ରମୁଖ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ।

# କୃଷ୍ଣପ୍ରସାଦ ବ୍ଲକ୍ ରେ ବିଜୁ ପଟ୍ଟନାୟକ ଶିଳ୍ପ ତାଲିମ କେନ୍ଦ୍ର ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଭିଡିଓ କନ୍‌ଫେରେନ୍‌ସିଂ ଜରିଆରେ ପୁରୀ ଜିଲ୍ଲାର କୃଷ୍ଣପ୍ରସାଦ ବ୍ଲକ୍ ରେ ବିଜୁ ପଟ୍ଟନାୟକ ଶିଳ୍ପ ତାଲିମ କେନ୍ଦ୍ରକୁ ଉଦ୍‌ଘାଟନ କରିଛନ୍ତି । ୧୮ କୋଟି ଟଙ୍କା ବିନିଯୋଗରେ ନିର୍ମିତ ଏହି ଆଇଟିଆଇରେ ଇଲେକ୍ଟ୍ରିସିଆନ, ଫିଟର, ଇଲେକ୍ଟ୍ରୋନିକ୍ସ ମେକାନିକ୍ ଓ ଡ୍ରେସ ମେକିଂ ପରି ୪ଟି ଟ୍ରେଡ୍ ରେ ତାଲିମ ଦେବାର ବ୍ୟବସ୍ଥା କରାଯାଇଛି। ବର୍ତ୍ତମାନ ଓ ଭବିଷ୍ୟତର ଶିଳ୍ପଗୁଡିକର ନିଯୁକ୍ତି ଚାହିଦାକୁ ଦେଖି ଏହି ତାଲିମ ବ୍ୟବସ୍ଥା କରାଯାଇଛି । ଆଗାମୀ ଦିନରେ ଆଉ ଅଧିକ ଟ୍ରେଡରେ ତାଲିମ ଦେବାର ବ୍ୟବସ୍ଥା କରାଯିବ। ଏଥିରେ ଆଧୁନିକ ଲାବୋରେଟୋରୀ, ଓ୍ୱାର୍କସପ୍, ହଷ୍ଟେଲ ଆଦି ସମସ୍ତ ସୁବିଧା କରାଯାଇଛି । ଏହି ଅବସରରେ ନିଜର ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଲେ ଯେ ରାଜ୍ୟରେ ଶିଳ୍ପ କ୍ଷେତ୍ରରେ ବିକାଶ ହେବା ସହିତ ଦକ୍ଷ ଯୁବକଯୁବତୀଙ୍କର ଆବଶ୍ୟକତା ମଧ୍ୟ ରହିଛି । ଓଡିଶାରେ ଲକ୍ଷ ଲକ୍ଷ କୋଟି ଟଙ୍କାର ପୁଞ୍ଜି ବିନିଯୋଗ ହେଉଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟର ପିଲାମାନଙ୍କର ଦକ୍ଷତା ବୃଦ୍ଧି ପାଇଁ ସ୍କିଲଡ୍ ଇନ୍ ଓଡିଶା କାର୍ଯ୍ୟକ୍ରମକୁ ମିଶନ ମୋଡ୍ ରେ କାର୍ଯ୍ୟକାରୀ କରାଯାଉଛି । ଏହାଦ୍ୱାରା ବିଶ୍ୱ ନିଯୁକ୍ତି ବଜାରରେ ଓଡିଶାର ପିଲାମାନଙ୍କର ଚାହିଦା ସବୁଠାରୁ ଅଧିକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ । ଓଡିଶାରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମର ସଫଳତା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଦେଶର ୧୨ ହଜାର ଆଇଟିଆଇ ମଧ୍ୟରୁ ଶ୍ରେଷ୍ଠ ଶହେଟି ମଧ୍ୟରେ ଓଡିଶାର ୧୦ଟି ଆଇଟିଆଇ ସ୍ଥାନ ପାଇଛନ୍ତି । ଏହା ଏକ ଗୌରବର କଥା । ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ ଓଡିଶାର ପିଲାମାନେ ଜାତୀୟ ଓ ଆନ୍ତର୍ଜାତୀୟ ଦକ୍ଷତା ପ୍ରତିଯୋଗୀତାରେ ଉନ୍ନତ ପ୍ରଦର୍ଶନ କରି ଓଡିଶା ପାଇଁ ସୁନାମ ଆଣୁଛନ୍ତି। ଆଗାମୀ ଦିନରେ ମଧ୍ୟ ଓଡିଶାର ପିଲାମାନେ ଏଭଳି ସଫଳତାର ଧାରା ବଜାୟ ରଖିବେ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ ।କାର୍ଯ୍ୟକ୍ରମରେ ଯୋଗ ଦେଇ ରାଜ୍ୟ ଯୋଜନା ବୋର୍ଡର ଉପାଧ୍ୟକ୍ଷ ସଂଜୟ ଦାସବର୍ମା କହିଲେ ଯେ କୃଷ୍ଣପ୍ରସାଦ ଅଂଚଳ ଚିଲିକା ଓ ସମୁଦ୍ର ମଧ୍ୟରେ ୧୪ଟି ପଂଚାୟତର ଏକ ଦୁର୍ଗମ ଅଂଚଳ। ମୁଖ୍ୟମନ୍ତ୍ରୀ ଏହି ଅଂଚଳର ବିକାଶ ପାଇଁ ଅନେକ ପଦକ୍ଷେପନ ନେଇଛନ୍ତି । ଆଜି ଆଇଟିଆଇ ସ୍ଥାପନ ଦ୍ୱାରା ଏହି ଅଂଚଳରେ ଶିକ୍ଷା ଓ ତାଲିମ କ୍ଷେତ୍ରରେ ଏକ ନୂଆ ଦିଗନ୍ତ ଆରମ୍ଭ ହୋଇଛି ବୋଲି ସେ କହିଥିଲେ । ଏହାଦ୍ୱାରା ସ୍ଥାନୀୟ ଅଂଚଳର ପିଲାମାନେ ଶିକ୍ଷା ଓ ତାଲିମ ପ୍ରତି ଆକୃଷ୍ଟ ହେବେ ବୋଲି ସେ ମତ ଦେଇଥିଲେ ଏବଂ ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ପରିଚାଳନା କରି କହିଥିଲେ ଯେ ରାଜ୍ୟରେ ଗ୍ରୀନ କ୍ୟାମ୍ପସ ପାଇଁ ମୁଖ୍ୟମନ୍ତ୍ରୀ ସବୁବେଳେ ଗୁରୁତ୍ୱ ଦେଇ ଆସିଛନ୍ତି । ତେଣୁ ଆଇଟିଆଇ କ୍ୟାମ୍ପସରେ ଅଧିକ ଗଛ ଲଗାଇ ଏହାକୁ ସବୁଜ ସୁନ୍ଦର କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ପୁରୀ ଜିଲ୍ଲାପାଳ ସମର୍ଥ ବର୍ମା ସ୍ୱାଗତ ଭାଷଣ ଦେଇଥିଲେ। ବୈଷୟିକ ଶିକ୍ଷା ନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାସ୍ତା ଉପରେ ଜମୁଛି ବର୍ଷା ପାଣି

ବାଲେଶ୍ୱର,(ପି.ଏନ): ବର୍ଷା ଦିନେ ତାମୁଲିଆ ରେଳ ଧାରଣା କଡ଼ରୁ ବର୍ଷା ଜଳ ବାଲିଆ ନୂଆସାହି ଗୁଡ଼ିପଦା, ଭାସ୍କରଗଞ୍ଜ ଓ ସଭରାମପୁର ଅ□ଳରେ ପ୍ରବାହିତ ହେଉଛି। ସହଦେବ ଖୁ□ା ବସଷ୍ଟାଣ୍ଡରୁ ରେମୁଣା ଯିବା ସଂଯୋଗ ରାସ୍ତାରେ ମଧ୍ୟ ଜଳ ପ୍ରବାହିତ ହେଉଛି। ଫଳରେ ଲୋକମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖିନ ହେଉଛନ୍ତି। ଏ ବାବଦରେ ଜିଲ୍ଲାପାଳ ଓ ରେଳ ବିଭାଗ ଉଚ୍ଚ କ□ୃପକ୍ଷଙ୍କୁ ବାରମ୍ବାର ଜଣାଉଥିଲେ ମଧ୍ୟ ତାର ପ୍ରତିକାର ହେଉ ନାହିଁ ତେଣୁ ଆସନ୍ତା ୭ ତାରିଖ ଦିନ ବାଲେଶ୍ୱର ଗସ୍ତରେ ଆସୁଥିବା ରେଳମନ୍ତ୍ରୀ ଅଶ୍ୱିନି ବୈଷ୍ଣବଙ୍କୁ ଜଳ ନିଷ୍କାସନ କମିଟି ତରଫରୁ ଏକ ଦାବି ପତ୍ର ପ୍ରଦାନ କରାଯିବା ନିମନ୍ତେ ନିର୍ମଳ ଚନ୍ଦ୍ର ଧଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ର ଏକ ପ୍ରତିନିଧି ଦଳ ବାଲେଶ୍ୱର ରେଳ ଷ୍ଟେସନ ଠାରେ ଏକ ଦାବି ପତ୍ର ରେଳ ମନ୍ତ୍ରୀଙ୍କୁ ପ୍ରଦାନ କରିବା ନିମନ୍ତେ ବୈଠକ ରେ ନିଷ୍ପତି ହୋଇଛି। କମିଟିର କାର୍ଯ୍ୟକ□ା ପୂର୍ବତନ କାଉନସିଲର ଚିତରଞ୍ଜନ ପଣ୍ଡା, ସନ୍ତୋସ କୁମାର ସିଂଘ, ବିନୋଦ କୁମାର ଦାସ, ଗିରିଧର ବିନ୍ଧାଣୀ, ପଦାରବିନ୍ଦ ମହାପାତ୍ର, ନିରଞ୍ଜନ ପରିଡ଼ା, ଗୌରାଙ୍ଗ ପାଣିଗ୍ରାହୀ ଓ ଶ୍ୟାମାନନ୍ଦ ରାଉଳ ପ୍ରମୁଖ ବୈଠକ ରେ ଉପସ୍ଥିତ ଥିଲେ।

# ଇନ୍ଦୁପୁର ସିଏଚସି ଆଶାକର୍ମୀ ସଙ୍ଘର ପ୍ରତିବାଦ ସଭା



କେନ୍ଦ୍ରାପଡ଼ା,(ପି.ଏନ) : ନିଖିଳ ଓଡିଶା ଆଶାକର୍ମୀ ସଙ୍ଘ ଇନ୍ଦୁପୁର ସିଏଚସି କମିଟିର ଏକ ପ୍ରତିବାଦ ସଭା କମିଟି ସଭାପତି ସରସ୍ୱତୀ ସ୍ୱାଇଁଙ୍କ ସଭାପତିତ୍ୱରେ ସିଏଚସି ସନ୍ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ଶୋଭାଯାତ୍ରା ସାଥି ମାତାଜୀ ନାୟକ, ବାସନ୍ତୀ ବାରିକ, ସସ୍ମିତା ବାରିକ, ସ୍ନେହଲତା ପ୍ରଧାନଙ୍କ ନେତୃତ୍ୱରେ ଇନ୍ଦୁପୁର ବଜାର ପରିକ୍ରମା କରି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ପହ□ିବା ପରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା ସମ୍ପାଦିକା କାନ୍ତିପ୍ରଭା ନାୟକ, ଏ.ଆଇ. ଟି. ୟୁ. ସି. ନେତା ଅକ୍ଷୟ ମଲିକ, ସଂଗଠନର ଉପସଭାପତି ଭଜହରି ପ୍ରଧାନ, ସିଏଚସି ସମ୍ପାଦିକା ନନ୍ଦିନୀ ସ୍ୱାଇଁ, ଉପସଭାପତି ମାନିନୀ ମଲ୍ଲିକ, ଗୋଲାପ ସାହୁ, ଅହଲ୍ୟା ବାରିକ, କନକମଞ୍ଜରୀ ସ୍ୱାଇଁ, ଦିପ୍ତୀରେଖା ଦାସ, ରାଜ୍ୟ ଉପସଭାପତି ରମଣୀରଞ୍ଜନ ରାଉତରାୟ ପ୍ରମୁଖ ଯୋଗଦେଇ ତୁରନ୍ତ ଆଶାକର୍ମୀମାନଙ୍କୁ ସରକାର ଘୋଷଣା କରିଥିବା ପ୍ରାପ୍ୟ ୪ହଜାର ୭୫୦ଟଙ୍କା ପ୍ରଦାନ କରିବା, ପଦୋନ୍ନତି ପ୍ରଦାନ, ପେନସନ ପ୍ରଦାନ, ସାମାଜିକ ସୁରକ୍ଷା, ମୃତ୍ୟୁକାଳୀନ ସହାୟତା ଏକ ଲକ୍ଷରୁ ୫ଲକ୍ଷ ଟଙ୍କାକୁ ବୃଦ୍ଧି କରାଯିବା, ମୋବାଇଲ ସେଟ ପ୍ରଦାନ କରାଯିବା, ଘରୋଇ ନର୍ସିଂହୋମ ଆଶାକର୍ମୀଙ୍କୁ ପ୍ରାପ୍ୟ ପ୍ରଦାନ କରିବା, ମାସିକ ୨୧ହଜାର ଟଙ୍କା ପାରିଶ୍ରମିକ, ସରକାରୀ ଚାକିରୀର ମାନ୍ୟତା, କୋଭିଡ ସହାୟତା ଏକ ହଜାର ବଦଳରେ ୭ହଜାର ୫ଶହ ଟଙ୍କା ପ୍ରଦାନ କରାଯିବା, ପ୍ରତି ଗ୍ରାମରେ ଆଶାଗୃହ ନିର୍ମାଣ କରାଯିବା ପ୍ରଭୃତି ୧୧ଦଫା ଦାବି ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସରକାର ଏହି ଦାବି ଗୁଡିକ ଉପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ ନକଲେ ଆଗାମୀ ଦିନରେ ସଙ୍ଘ ପକ୍ଷରୁ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଇନ୍ଦୁପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଦେବୀ ପଦାରବିନ୍ଦ ସାମଲ ଦାବିପତ୍ର ଗ୍ରହଣ କରିଥିଲେ। ଆସନ୍ତା ସୋମବାର ଡାକ୍ତରଖାନା କ□ୃପକ୍ଷ ସଂଗଠନର କର୍ମକ□ାଙ୍କ ସହିତ ଆଲୋଚନା କରିବାକୁ ଦିନ ଧାର୍ଯ୍ୟ କରାଯାଇଥିବା ସୂଚନା ଦିଆଯାଇଛି।

# ଅବହେଳିତ ଅବସ୍ଥାରେ ମା' ଶୁଳିଆ ଠାକୁରାଣୀଙ୍କ ପୀଠ, ପ୍ରଶାସନର ଦୃଷ୍ଟିପଡୁ

ଖଣ୍ଡପଡା,(ପି.ଏନ): ଖଣ୍ଡପଡା ବ୍ଲକ ଅଂଚଳର ଏକ ପ୍ରମୁଖ ପ୍ରାଚୀନ ଶକ୍ତିପୀଠ ରୁପେ ପରିଚିତ ମା' ଶୁଳିଆ ଠାକୁରାଣୀଙ୍କ ପୀଠଟି ଏବେ ଅବହେଳିତ ଅବସ୍ଥାରେ ପଡିରହିଥିବାରୁ ଉକ୍ତ ମହଲରେ ଅସନ୍ତୋଷ ପ୍ରକାଶପାଇଛି। ଉକ୍ତ ଶକ୍ତିପୀଠର ଉନ୍ନତିକରଣ ନିମନ୍ତେ ପ୍ରଶାସନ ଦୃଷ୍ଟିଦେବାକୁ ଅଂଚଳବାସୀ ବାରମ୍ବାର ଦାବିକରି ଆସୁଥିଲେ ହେଁ ଏଥିପ୍ରତି କେହିହେଲେ ଗୁରୁତ୍ୱ ଦେଉନଥିବା ଅଭିଯୋଗ ହେଉଛି। ଖଣ୍ଡପଡା ବ୍ଲକ ଅଧିନ ସିଂଘାପଡା ପଂଚାୟତର ଦତପୋଖରୀ ଗ୍ରାମ ନିକଟସ୍ଥ ପ୍ରାକୃତିକ ପରିବେଶ ଘଂଚ ଶାଳଜଙ୍ଗଲ ମଧ୍ୟରେ କେଉଁ ଆବାହମାନ କାଳରୁ ମା' ପୂଜା ପାଇଆସୁଛନ୍ତି। ତେବେ ବିଭିନ୍ନ ଦିଗରୁ ମା'ଙ୍କ ପୀଠକୁ ସଂଯୋଗ କରୁଥିବା ରାସ୍ତାର ଅବସ୍ଥା ଭଲନଥିବା ବେଳେ ପୀଠ ପରିସରରେ ଥିବା ଏକମାତ୍ର ନଳକୂପ ଦିର୍ଘମାସ ଧରି ଅଚଳ ଅବସ୍ଥାରେ ପଡିରହିଛି। ନଳକୂପଟିର ମରାମତି ନିମନ୍ତେ ପଂଚାୟତ କର୍ତ୍ତୃପକ୍ଷ ନତୁବା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳବିଭାଗ କର୍ତ୍ତୃପକ୍ଷ ଆଦୌ ଧ୍ୟାନ ଦେଉନଥିବା ଅଭିଯୋଗ ହେଉଛି। ମାନସିକଧାରୀ ବ୍ୟକ୍ତିବିଶେଷ ଓ ଶ୍ରଦ୍ଧାଳୁ ଭକ୍ତମାନଙ୍କ ଦାନ ଅର୍ଥରେ ଉକ୍ତ ପୀଠରେ କିଛିଟା ଉନ୍ନତିକରଣ କାର୍ଯ୍ୟ ଶେଷ ହୋଇଥିଲେ ହେଁ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ମନ୍ଦିର ଛାତର ତଳ ଅଂଶରୁ ସିମେଂଟ କଂକ୍ରିଟ୍ ଛାଡିଯାଇ ଏବେ ଛାତଟି ବିପଦଶଙ୍କୁଳ ହୋଇ ପଡିଛି। ସେହିପରି ମା'ଙ୍କ ପୀଠ ପରିସରରେ ଥିବା ଏକମାତ୍ର କୂପର ପାଣି ପାନୀୟ ଉପଯୋଗୀ ହୋଇନଥିବାରୁ ଭୋଜିଭାତ, ସଭାସମିତି ଓ ମେଳା ମହୋତ୍ସବର ଆୟୋଜନ ବେଳେ ଅଂଚଳବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ଦିର୍ଘ ୧୫୦ ବର୍ଷରୁ ଉର୍ଦ୍ଧ ସମୟଧରି ଉକ୍ତ ଶକ୍ତିପୀଠରେ ମା' ପୂଜା ପାଇଆସୁଥିବା ସ୍ଥାନୀୟ ଅଂଚଳର ପୁରୁଖା ଲୋକମାନେ ମତ ଦେଇଛନ୍ତି। ଉକ୍ତ ପ୍ରାଚୀନ ଶକ୍ତିପୀଠର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ଦାବି ହେଉଛି।

2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada





Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ନିପ୍ପନ ଇଣ୍ଡିଆ ମ୍ୟୁଚୁଆଲ ଫଣ୍ଡ୍ (ଏନଆଇଏମଏଫ୍) ଭାରତର ପ୍ରଥମ ଅଟୋ ଇଟିଏଫ୍ ନ୍ତନିପ୍ପନ ଇଣ୍ଡିଆ ନିଫ୍ଟି ଅଟୋ ଇଟିଏଫ୍' ପ୍ରଚଳନ କରୁଛି

ମୁମ୍ବଇ: ନିପ୍ପନ ଇଣ୍ଡିଆ ମ୍ୟୁଚୁଆଲ ଫଣ୍ଡ୍ (ଏନଆଇଏମଏଫ୍)ର ସମ୍ପତ୍ତି ପରିଚାଳନାକାରୀ ନିପ୍ପନ ଲାଇଫ ଇଣ୍ଡିଆ ଆସେଟ ମ୍ୟାନେଜମେଣ୍ଟ ଲିମିଟେଡ (ଏନଏଏମ୍ ଇଣ୍ଡିଆ) ଭାରତର ପ୍ରଥମ ଯାନବାହନ କ୍ଷେତ୍ରର ଇଟିଏଫ୍ 'ନିପ୍ପନ ଇଣ୍ଡିଆ ନିଫ୍ଟି ଅଟୋ ଇଟିଏଫ୍' ପ୍ରଚଳନ ସମ୍ପର୍କରେ ଘୋଷଣା କରୁଛି। ଅଟୋ ଇଟିଏଫ୍ ଏକ ମୁକ୍ତ ଭାବରେ ବନ୍ଦ ହେଁଉଥିବା ଯୋଜନା ଯାହା ନିଫ୍ଟି ଅଟୋ ଇଣ୍ଡେକ୍ସକୁ ଦୋହରାଉଛି / ନଜର ରଖୁଛି ।ଏନଏଫ୍ଓ ୨୦୨୨ ଜାନୁଆରୀ ୫ ତାରିଖରେ ଖୋଲିଛି ଏବଂ ୨୦୨୨ ଜାନୁଆରୀ ୧୪ ତାରିଖରେ ବନ୍ଦ ହେବ। ନୂତନ ଫଣ୍ଡ୍ ଅଫର (ଏନଏଫଓ) ଅବଧି ମଧ୍ୟରେ ଆବଶ୍ୟକ ସର୍ବନିମ୍ନ ବିନିଯୋଗ ରାଶି ୧୦୦୦ ଟଙ୍କା ଏବଂ ତାହାପରେ ୧ ଟଙ୍କାର ଗୁଣିତକରେ ନିବେଶ କରାଯାଇପାରିବ। ନିପ୍ପନ ଇଣ୍ଡିଆ ନିଫ୍ଟି ଅଟୋ ଇଟିଏଫ ମୁଖ୍ୟତଃ ନିଫ୍ଟି ଅଟୋ ଇଣ୍ଡେକ୍ସରେ ଥିବା ଷ୍ଟକଗୁଡିକରେ ଇଣ୍ଡେକ୍ସ ସହିତ ସମାନୁପାତରେ ନିବେଶ କରିବ। ଏହା ଶୀର୍ଷସ୍ତରର ୧୫ଟି କମ୍ପାନୀ (ନିଫ୍ଟି ଅଟୋ ଇଣ୍ଡେକ୍ସ ପଦ୍ଧତି ଅନୁଯାୟୀ) ପାଇଁ ସୁଯୋଗ ଯୋଗାଇଦେବ, ଯାହା ଅଟୋମୋବାଇଲ ୪ ଚକିଆ, ଅଟୋମୋବାଇଲ୍ସ ୨ ଓ ୩ ଚକିଆ, ଯାନବାହନ ଯନ୍ତ୍ରାଂଶ ଏବଂ ଟାୟାର ଆଦି କ୍ଷେତ୍ର ସମ୍ପର୍କିତ ପ୍ରତିନିଧିତ୍ୱ କରୁଛନ୍ତି। ଇଟିଏଫ୍ ଯାନବାହନ କ୍ଷେତ୍ରର ଆଚରଣ ଏବଂ ପ୍ରଦର୍ଶନ ପ୍ରତିଫଳିତ କରିବାକୁ ସମ୍ପୂର୍ଣ୍ଣ ଭାବରେ ଡିଜାଇନ କରାଯାଇଛି। ଏହାକୁ ନିଫ୍ଟି ଅଟୋ ଟିଆରଆଇ କ୍ଷେତ୍ରରେ ବେଞ୍ଚମାର୍କ କରାଯିବ। ଏହି ଯୋଜନାର ନିବେଶ ଲକ୍ଷ୍ୟ ହେଉଛି ଖର୍ଚ୍ଚ ପୂର୍ବରୁ ନିଫ୍ଟି ଅଟୋ ଇଣ୍ଡେକ୍ସ ଦ୍ୱାରା ପ୍ରତିନିଧିତ୍ୱ କରାଯାଉଥିବା ପ୍ରତିଭୂତି ଉପରେ ମୋଟ ଆୟ ପୃଷ୍ଠଭୂମିରେ ନିବେଶ ରିଟର୍ଣ୍ଣ ପ୍ରଦାନ କରିବା, ଯେଉଁଥିରେ ନଜର ରଖିବା ତ୍ରୁଟି ରହିଛି। ତେବେ ଏହି ଯୋଜନାର ନିବେଶ ଲକ୍ଷ୍ୟ ହାସଲ ହେବାନେଇ କୌଣସି ନିର୍ଭର ପ୍ରତିଶ୍ରୁତି ବା ନିଶ୍ଚିତତା ରହିପାରିବ ନାହିଁ। ଏହାର ଶୁଭାରମ୍ଭ ଅବସରରେ ନିପ୍ପନ ଇଣ୍ଡିଆ ମ୍ୟୁଚୁଆଲ ଫଣ୍ଡର ଇଟିଏଫ୍ ହେଡ୍ ହେମେନ ଭାଟିଆ କହିଛନ୍ତି, ନ୍ତଏକ ଦ୍ରୁତ ଅଭିବୃଦ୍ଧିଶୀଳ ଶିଳ୍ପର ସମ୍ମୁଖଭାଗରେ ନିପ୍ପନ ଇଣ୍ଡିଆ ମ୍ୟୁଚୁଆଲ ଫଣ୍ଡ ରହିଛି ଏବଂ ଭାରତରେ ଅନ୍ୟତମ ସର୍ବାଧିକ ସମୃଦ୍ଧ ଏବଂ ଭିନ୍ନ ଇଟିଏଫ୍ ପ୍ଲାଟଫର୍ମ ସ୍ଥାପନ କରୁଛି। ନିପ୍ପନ ଇଣ୍ଡିଆ ନିଫ୍ଟି ଅଟୋ ଇଟିଏଫ୍ ଆମର ଇଟିଏଫ୍‌ଗୁଡିକ ସହିତ ଆଉ ଏକ ଯୋଗ ହୋଇଛି, ଯାହା ନିବେଶକଙ୍କୁ ନିଫ୍ଟି ଅଟୋ ଇଣ୍ଡେକ୍ସର ପ୍ରତିନିଧିତ୍ୱ କରୁଥିବା ୧୫ଟି ଷ୍ଟକରେ ନିବେଶ କରିଆରେ ଭାରତର ଯାନବାହନ କ୍ଷେତ୍ରର ଅଭିବୃଦ୍ଧି ଧାରାରେ ଅଂଶଗ୍ରହଣ କରିବାରେ ସହାୟତା କରୁଛି। ଭାରତର ଯାନବାହନ କ୍ଷେତ୍ରର ପ୍ରଚଳନ କରାଯାଉଥିବା ପ୍ରଥମ ଇଟିଏଫ୍ 'ନିପ୍ପନ ଇଣ୍ଡିଆ ନିଫ୍ଟି ଅଟୋ ଇଟିଏଫ' ଯାନବାହନ କ୍ଷେତ୍ରରେ ଅଂଶଗ୍ରହଣ କରିବାକୁ ଏକ ସରଳ ଏବଂ କମ୍ ଖର୍ଚ୍ଚସାପେକ୍ଷ (ମୋଟ ଖର୍ଚ୍ଚ ଅନୁପାତ ଦୃଷ୍ଟିରୁ) ପୋର୍ଟଫୋଲିଓ ନିର୍ମାଣକାରୀ ବ୍ଲକ ଯୋଗାଇଦେବ।ନ୍ତ ସେ ପୁନଶ୍ଚ କହିଥିଲେ ଯେ, ନ୍ତସେମିକଣ୍ଡକ୍ଟର କ୍ଷେତ୍ରରେ ନିଅଣ୍ଟିଆ ସ୍ଥିତି ସହିତ ଆମ ପୃଷ୍ଠଭାଗରେ ପଣ୍ୟସାମଗ୍ରୀର ଦରବୃଦ୍ଧି ଏବଂ ରାସ୍ତାରେ ବିଦ୍ୟୁତଚାଳିତ ଯାନବାହନ (ଇଭି) ଏକ ସୁଯୋଗ ଭାବରେ ପରିଦୃଶ୍ୟ ହେବା ଆଦି ବିଷୟକୁ ନେଇ ନିବେଶକମାନେ ସାମଗ୍ରିକ ଭାବରେ ଯାନବାହନ କ୍ଷେତ୍ର ସହିତ ପରିଚିତ ହେବା ଅବସରରେ ଇଭି ବିଷୟ ସମ୍ପର୍କରେ ମଧ୍ୟ ଅବଗତ ହେବେ। ଏତେ ସଂଖ୍ୟକ ନିବେଶକଙ୍କୁ ସେମାନଙ୍କର ନିବେଶ ଲକ୍ଷ୍ୟ ହାସଲ ଦିଗରେ ଦିଗରେ ସହାୟତା କରିବରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବା ଆମ ପାଇଁ ସମ୍ମାନର ବିଷୟ ହୋଇଛି।ନ୍ତ ନିପ୍ପନ ଇଣ୍ଡିଆ ମ୍ୟୁଚୁଆଲ ଫଣ୍ଡ୍ (ଏନଆଇଏମଏଫ) ଭାରତରେ ଅନ୍ୟତମ ସର୍ବବୃହତ ଇଟିଏଫ୍ କମ୍ପାନୀ ହୋଇଛି ଯାହାର ୨୦୨୧ ନଭେମ୍ବର ୩୦ ତାରିଖ ସୁଦ୍ଧା ୫୦୦ ବିଲିଅନ ଟଙ୍କାରୁ ଅଧିକ ଏୟୁଏମ୍ ରହିଥିଲା। ଏହାର ଅନ୍ୟତମ ସର୍ବାଧିକ ପୂର୍ଣ୍ଣାଙ୍ଗ ଇଟିଏଫ୍ ଉତ୍ପାଦ ଗୁଚ୍ଛ ରହିଛି ଯେଉଁଥିରେ ଇକ୍ୱିଟି, ଡେବ୍ଟ ଏବଂ କମୋଡିଟି ଆଦି ବିବିଧ ଶିଳ୍ପର ୨୩ଟି ଇଟିଏଫ୍ ରହିଛି। ୨୦୨୧ ନଭେମ୍ବର ୩୦ ତାରିଖ ସୁଦ୍ଧା ଇଟିଏଫ୍‌ରେ ୬୫ ଲକ୍ଷରୁ ଅଧିକ ଫୋଲିଓ ସହିତ ଏନଆଇଏମଏଫ୍‌ର ବଜାର ଅଂଶ ୬୦% ରହିଛି।

## କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁଙ୍କ ବେଲବାହାଳି ସେତୁ ସମୀକ୍ଷା

ବେଲବାହାଳି, (ପି.ଏନ):କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ ଆଜି ଆନନ୍ଦପୁର ଅଂଚଳର ବେଲବାହାଳି କୁଶେଇ ସେତୁ ସମୀକ୍ଷା କରିବା ପରେ ବିଭିନ୍ନ ପ୍ରକାର ସମସ୍ୟା ସମ୍ପର୍କରେ ଏମ୍ଏଚ୍ଆଇ କର୍ତ୍ତୃପକ୍ଷଙ୍କ ସହ ଶାଳପଡା ଆଇବି ଠାରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। ଏଥିରେ ଏନ୍ଏଚ୍ ୨୦ ନଂ ଜାତୀୟ ରାଜପଥରେ ଅସମ୍ପୂର୍ଣ୍ଣ ହୋଇଥିବା ରାସ୍ତାର ତୁରନ୍ତ ସମ୍ପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ଏବଂ ବେଲବାହାଳି ପୋଲ ପାଖରେ ଟ୍ରାଫିକ୍ ସମସ୍ୟା ପାଇଁ ଦୁଇଟି ଗୋଲେଇ ପାଇଁ ସ୍ୱୀକୃତି ମଧ୍ୟ ଦେଇଥିଲେ।

## ଜିନ୍ଦଲ ଷ୍ଟେନଲେସ ପକ୍ଷରୁ କାନପୁର ମେଟ୍ରୋ ପ୍ରକଳ୍ପ ପାଇଁ ଷ୍ଟେନଲେସ ଷ୍ଟିଲ ଯୋଗାଣ

ନୂଆଦିଲ୍ଲୀ: ଦେଶର ଭିତ୍ତିଭୂମିର ଆଧୁନିକିକରଣ କରିବାକୁ ସରକାରଙ୍କ ଲକ୍ଷ୍ୟ ଆଧାରରେ ସମ୍ମାନନୀୟ ପ୍ରଧାନମନ୍ତ୍ରୀ ନିକଟରେ ଉତ୍ତର ପ୍ରଦେଶ ମେଟ୍ରୋ ରେଲ୍ କର୍ପୋରେସନ (ୟୁପିଏମଆରସି)ର କାନପୁର ମେଟ୍ରୋ ପ୍ରକଳ୍ପର ସଂପୂର୍ଣ୍ଣ ହୋଇଥିବା ୯ କିଲୋମିଟର ଅଂଶକୁ ଉଦଘାଟନ କରିଛନ୍ତି। ଏହି ମେଟ୍ରୋ ନେଟୱର୍କରେ ଜିନ୍ଦଲ ଷ୍ଟେନଲେସ ଦ୍ୱାରା ଯୋଗାଇ ଦିଆଯାଇଥିବା ଷ୍ଟେନଲେସ ଷ୍ଟିଲରେ ନିର୍ମିତ ଆଧୁନିକ କୋଚ୍ ଚଳାଚଳ କରିବ। ୟୁପିଏମଆରସି ଦ୍ୱାରା ରେକର୍ଡ ଦୁଇବର୍ଷ ସମୟ ମଧ୍ୟରେ କାର୍ଯ୍ୟକାରୀ କରାଯାଇଥିବା ଏହି ପ୍ରକଳ୍ପର ଉଦଘାଟନ ଉତ୍ସବରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଶ୍ରୀ ଯୋଗୀ ଆଦିତ୍ୟନାଥ ଏବଂ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଶ୍ରୀ ହରଦୀପ ସିଂ ପୁରୀ ଯୋଗଦେଇଥିଲେ। ମେଟ୍ରୋ ବିଭାଗରେ ଜିନ୍ଦଲ ଷ୍ଟେନଲେସର ଉତ୍ପାଦଗୁଡ଼ିକୁ ଆଲଷ୍ଟୋମ, ବମ୍ବାର୍ଡିଅର ଏବଂ ବିଇଏମଏଲ୍ ଭଳି ପ୍ରମୁଖ ମେଟ୍ରୋ କୋଚ୍ ନିର୍ମାତାମାନେ ଅନୁମୋଦନ କରିଛନ୍ତି। କାନପୁର ପ୍ରକଳ୍ପ ପାଇଁ ଜିନ୍ଦଲ ଷ୍ଟେନଲେସ ବିଭିନ୍ନ ଟେମ୍ପର୍ (ସାମର୍ଥ୍ୟ ସ୍ତର)ର ଉଚ୍ଚ ଗୁଣମାନର ଷ୍ଟେନଲେସ ଷ୍ଟିଲ ଆଲଷ୍ଟୋମକୁ ଯୋଗାଇ ଦେଇଥିଲା। ଏହାର ପ୍ରଥମ ଟ୍ରେନ ସେଟ୍ ଆଲ୍‌ଷ୍ଟୋମ ପକ୍ଷରୁ ୨୦୨୧ ସେପ୍ଟେମ୍ବର ୧୮ ତାରିଖରେ ଉତ୍ତର ପ୍ରଦେଶ ମେଟ୍ରୋ ରେଲ କର୍ପୋରେସନ (ୟୁପିଏମଆରସି)କୁ ହସ୍ତାନ୍ତର କରାଯାଇସାରିଛି।

## ଅଞ୍ଜୁଶ୍ରୀ କଲ୍ୟାଣମଣ୍ଡପ ପରିସରରେ ରୁଫଟପ ଉଦଘାଟିତ



ଖୋର୍ଦ୍ଧା,(ପି.ଏନ): ଖୋର୍ଦ୍ଧା ପୌରପରିଷଦ ସ୍ଥିତ ନବୀନାବାଗଠାରେ ଥିବା ଅଞ୍ଜୁଶ୍ରୀ କଲ୍ୟାଣମଣ୍ଡପ ପରିସରରେ ରୁଫଟପ ଉଦଘାଟିତ ହୋଇଛି । କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଗହଳୀକୁ ଏଡାଇବା ଲାଗି ରୁଫଟପ ଯୋଗେ ଖୋଲା ଆକାଶ ତଳେ ବିଭିନ୍ନ କାର୍ଯ୍ୟକ୍ରମ ଲୋକମାନେ କରିପାରିବେ ବୋଲି ଉଦଘାଟନୀ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ସ୍ଥାନୀୟ ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର, ଜିଲ୍ଲା ଯୋଜନାବୋର୍ଡ ଅଧ୍ୟକ୍ଷ ତଥା ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଓଡିଆ ସିନେ ଜଗତର ଲୋକପ୍ରିୟ ଅଭିନେତା ବବି ମିଶ୍ର, ବିଜୁ ଯୁବଜନତାଦଳ ଜିଲା ସାଧାରଣ ସମ୍ପାଦକ ସଂଗ୍ରାମ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଉଦଘାଟନ କରିଥିଲେ ।କାର୍ଯ୍ୟକ୍ରମକୁ ସଞ୍ଜୟ କୁମାର ସାହୁ ପରିଚାଳନା କରିଥିଲେ ।

## କେନ୍ଦୁଝର ଜିଲ୍ଲାରେ ଯୋଡିହେଲେ ୩୦୯୫୬ ଭୋଟର, ଜିଲ୍ଲାରେ ତୃତୀୟ ଲିଙ୍ଗ ଭୋଟର ୧୦୨

କେନ୍ଦୁଝର:(ପି.ଏନ): ଚୁଡାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି। ପଞ୍ଚାୟତ ଏବଂ ପୌର ନିର୍ବାଚନ ପାଇଁ ଭୋଟର ତାଲିକା ସଂଶୋଧନ ପ୍ରକ୍ରୀୟା ଶେଷ ହୋଇଛି। କେନ୍ଦୁଝର ଜିଲ୍ଲାରେ ୨୦୧୯ ନିର୍ବାଚନ ଭୋଟର ତାଲିକା ଅନୁପାତରେ ୨୦୨୨ ଜାନୁଆରୀ ୧ ତାରିଖ ପର୍ଯ୍ୟନ୍ତ ୩୦୯୫୬ ଅଧିକ ଭୋଟର ଯୋଡି ହୋଇଥିବା ସୂଚନା ମିଳିଛି। ପୁରୁଷଙ୍କ ଅନୁପାତରେ ମହିଳା ଭୋଟର ସଂଖ୍ୟା ୧୦୦୪ ରହିଥିବାବେଳେ ଜିଲ୍ଲାରେ ୧୦୨ ଜଣ ତୃତୀୟ ଲିଙ୍ଗ ଭୋଟର ରହିଥିବା ଜଣାପଡିଛି। ୨୦୧୯ ନିର୍ବାଚନରେ ଜିଲ୍ଲାର ସମସ୍ତ ୬ଟି ଯାକ ନିର୍ବାଚନ ମଣ୍ଡଳୀକୁ ମିଶାଇ ୬ଲକ୍ଷ ୬୭ ହଜାର ୯୨୮ଜଣ ପୁରୁଷ ଭୋଟର ଥିଲେ। ୧/୧/୨୦୨୨ ବେଳକୁ ପୁରୁଷ ଭୋଟର ସଂଖ୍ୟା ୬ଲକ୍ଷ ୭୮ ହଜାର ୬୭୪ ହୋଇଥିବା ଜଣାପଡିଛି। ସେହିପରି ୨୦୧୯ ନିର୍ବାଚନ ସମୟରେ ଜିଲ୍ଲାରେ ୬ଲକ୍ଷ ୬୧ ହଜାର ୩୮ ଜଣ ମହିଳା ଭୋଟର ଥିଲେ। ୧/୧/୨୦୨୨ ପର୍ଯ୍ୟନ୍ତ ୨୦୨୧୦ ଜଣ ମହିଳା ଭୋଟର ବୃଦ୍ଧି ପାଇ ମୋଟ ମହିଳା ଭୋଟରଙ୍କ ସଂଖ୍ୟା ୬ଲକ୍ଷ ୮୧ ହଜାର ୨୪୮ ହୋଇଛି। ଅନ୍ୟପକ୍ଷରେ ୨୦୧୯ ନିର୍ବାଚନରେ ତୃତୀୟ ଲିଙ୍ଗ ଭୋଟର ସଂଖ୍ୟା ୧୨୯ ଥିବାବେଳେ ୧/୧/୨୦୨୨ ବେଳକୁ ଏହି ବର୍ଗର ଭୋଟର ସଂଖ୍ୟା ୧୦୨ ରେ ପହଞ୍ଚିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ୨୦୧୯ ନିର୍ବାଚନରେ ପୁରୁଷ ଅନୁପାତରେ ମହିଳା ଭୋଟରଙ୍କ ସଂଖ୍ୟା ୯୯୦ ଥିବାବେଳେ ଏବେ ତାହା ପୁରୁଷ ଅନୁପାତରେ ୧୦୦୪ ରେ ପହଞ୍ଚିଛି। ସୂଚନା ଅନୁସାରେ, ଜିଲ୍ଲାର ତେଲକୋଇ ନିର୍ବାଚନ ମଣ୍ଡଳୀରେ ୧ଲକ୍ଷ ୧୪ ହଜାର ୯୨୫ ପୁରୁଷ ଭୋଟର, ୧ଲକ୍ଷ ୧୭ ହଜାର ୬୮୬ ଜଣ ମହିଳା ଭୋଟର ଏବଂ ୩ ଜଣ ତୃତୀୟ ଲିଙ୍ଗ ଭୋଟର ରହିଥିବା ଜଣାପଡିଛି।

## କାମରେ ଲାଗୁନି ରାସ୍ତାକଡ଼ର ଡ୍ରେନ

ଚଣ୍ଡିଖୋଲ,(ପିଏନ ): ବଡ଼ଚଣା ବ୍ଲକ ବଡ଼ଚଣା- ଦର୍ପଣ ପୂର୍ତ୍ତବିଭାଗ ରାସ୍ତାକଡରେ ପୂର୍ତ୍ତବିଭାଗ ପକ୍ଷରୁ ଲକ୍ଷାଧିକ ଟଙ୍କା ଅଟକଳରେ ଡ୍ରେନ ନିର୍ମାଣ କରାଯାଇଥିଲା ମାତ୍ର ଦିନ କେତୋଟା ନଯାଉଣୁ ଡ୍ରେନସବୁ ପୋତିହୋଇ ପଡ଼ିଲାଣି ଫଳରେ ବିଭାଗର ଲକ୍ଷାଧିକ ଟଙ୍କା ପାଣିରେ ପଡିବାନେଇ ସାଧାରଣରେ ଅଭିଯୋଗ ହେଉଛି। ନିକଟରେ ଥିବା ବରୁଣାବନ୍ତ ପର୍ବତରୁ ବର୍ଷାଦିନେ ବର୍ଷାପାଣିକୁ ନିଷ୍କାସନ କରିବାପାଇଁ ଚଣ୍ଡୀମନ୍ଦିର ଛକରୁ ମହାବିନାୟକ ପର୍ଯ୍ୟନ୍ତ ଏହି ଡ୍ରେନ ନିର୍ମାଣ କରାଯାଇଥିଲା। ଡ୍ରେନର ଉପରେ କୌଣସି ଘୋଡଣି ନଥିବାରୁ ଡ୍ରେନରେ ବାହାରର ବାଲି ମାଟିଆଦି ପଶି ଡ୍ରେନସବୁ ବନ୍ଦ ହେବାକୁ ବସିଲାଣ। ବିଭାଗ ପକ୍ଷରୁ ଡ୍ରେନର ସଫା ନହେବାରୁ ଡ୍ରେନପୋତି ହୋଇପଡିବାରୁ ବର୍ଷାଦିନେ ପାଣି ନିଷ୍କାସନରେ ସମସ୍ୟା ସୃଷ୍ଟିହେବା ବୋଲି ଜଣାଯାଇଛ। ଏ ବିଷୟରେ ବିଭାଗ ପକ୍ଷରୁ କୌଣସି ମତାମତ ମିଳିପାରିନାହିଁ।

## ୧୯୯୫ ମାଟ୍ରିକ ବ୍ୟାଚର ବନ୍ଧୁମିଳନ ଉଛବ




ଚଣ୍ଡିଖୋଲ,(ପିଏନ):ଚଣ୍ଡିଖୋଲ ସରକାରୀ ଉଚ୍ଚ ବିଦ୍ୟାଳୟ ୧୯୯୫ ମାଟ୍ରିକ ବ୍ୟାଚର ବନ୍ଧୁମିଳନ ଉଛବ ବୁଧବାର ସ୍ଥାନୀୟ ଚଣ୍ଡୀମନ୍ଦିର ଡ଼ାକବଙ୍ଗଳା ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷପରି ଚଳିତ ବର୍ଷ ଏହି ବନ୍ଧୁମିଳନ ଉଛବରେ ବିଭିନ୍ନ ସ୍ଥାନରେ ଥିବା ପୁରାତନ ଛାତ୍ରଛାତ୍ରୀମାନେ ଏକାଠିହେଇ ପୁରୁଣାଦିନର ସ୍ମୃତିକୁ ମନେପକାଇବା ସହ ନିଜନିଜ ଭିତରେ ଭାବର ଆଦାନପ୍ରଦାନ କରିଥିଲେ.ପ୍ରତାପ ପଲେଇଙ୍କ ନେତୃତ୍ୱରେ ଆୟୋଜିତ ଏହି ବନ୍ଧୁମିଳନ ଉଛବରେ ଉପସ୍ଥିତ ଥିବା ସମସ୍ତ ପୁରାତନ ଛାତ୍ରଛାତ୍ରୀମାନେ କୋଭିଡରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପାଇଁ ୧ ମିନିଟ ନିରବ ପାର୍ଥନା କରିଥିଲେ। ଏହି ବନ୍ଧୁମିଳନ ଉଛବରେ ଅମରେଶ କୁମାର ଭୂୟାଁ, ଅବିନାଶ ଜେନା, ରଂଜିତ ପରମାଣିକ, ଭବତୋଷ ବିଶ୍ୱାଳ,ଭାରତ ଭୂଷଣ ପଣ୍ଡା, ସମରେନ୍ଦ୍ର ମହଲା, ପ୍ରତାପ ଗୋଛାୟତ, ଅଜୟ ଗୋଛାୟତ,ସଞ୍ଜୟ ମହାପାତ୍ର, ଭାଗ୍ୟଧର ବରାଳ,ନନ୍ଦକିଶୋର ସ୍ୱାଇଁ, ଚିନ୍ମୟୀ ନାୟକ, ମଧୁସ୍ମିତା ନାୟକ,ଶୁଚିସ୍ମିତା ନାୟକ, ତୃପ୍ତିମୟୀ ନାୟକ, ପବନ ସୋରେନ,ଶ୍ୟାମସୁନ୍ଦର ହାଁସଦା, ପ୍ୟାରୀମୋହନ ଟୁଡୁ, ବିଘ୍ନରାଜ ନାୟକ, କୁଳମଣି ସାହୁ, ଉମାଶଙ୍କର ଗନ୍ତାୟତ, ଭୁପେନ୍ଦ୍ର ସିଂ, ନୃସିଂହ ସେଠୀ, କୁଳମଣି ସାହୁ ଓ ସାହେବ ହାଇବ୍ରୁ ପ୍ରମୁଖ ଯୋଗଦେଇଥିଲେ।

## ଯାଜପୁର ଜିଲା ପୂର୍ବତନ ଜି.ପିଙ୍କ ବିୟୋଗରେ ଶୋକ



ଚଣ୍ଡିଖୋଲ,(ପିଏନ):ଚଣ୍ଡିଖୋଲ କୋର୍ଟ ବାର ଆସୋସିଏସନ ପକ୍ଷରୁ ଜିଲାର ପୂର୍ବତନ ଜି.ପି ତଥା ବରିଷ୍ଠ ଆଇନଜୀବୀ ଶରତ ଚନ୍ଦ୍ର ଜେନାଙ୍କ ବିୟେଗରେ ଶୋକ କୋର୍ଟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। କୋର୍ଟ ବାର ଆସୋସିଏସର ସଭାପତି ଦେବରାଜ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶୋକ ସଭାରେ କୋର୍ଟର ବରିଷ୍ଠ ବିଚାରପତି ବିଷ୍ଣୁ ପ୍ରସାଦ ମିଶ୍ର, କନିଷ୍ଠ ବିଚାରପତି ସୌମ୍ୟ ରଂଜନ ପୃଷ୍ଟି ଓ ସୁଶ୍ରୀ ତସଲିମା ଦାସ ଯୋଗଦେଇ ଅମର ଆତ୍ମାର ସଦଗତି ନିମନ୍ତେ ଏକ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବାର ଆସୋସିଏସନ୍ ସଂପାଦକ ପ୍ରକାଶ କୁମାର ଦାସ, ଉପ-ସଭାପତି ଶ୍ରୀକାନ୍ତ ବଳ, ଯୁଗ୍ମ ସଂପାଦକ ସୁଦର୍ଶନ ଘଡ଼େଇ, ବରିଷ୍ଠ ଆଇନଜୀବୀ ଶରତ ଚନ୍ଦ୍ର ବଳ, ରେଣୁବାଳା ମହାନ୍ତି, ଶରତ କୁମାର ଷଡ଼ଙ୍ଗୀ, ଫାଲଗୁନି ବିଶ୍ୱାଳ, ଜନ୍ ବେହେରା, ନଳୀନିକାନ୍ତ ମିଶ୍ର, ଶଶାଙ୍କ ଶତପଥୀ, ପବିତ୍ର କର, ପ୍ରେମାନନ୍ଦ ବେହେରା, ରାମଚନ୍ଦ୍ର ତ୍ରିପାଠୀ, କୁମରବର ନାୟକ, କୁମର ବେହେରା, ଉଦୟନାଥ ସାହୁ , ଅଶୋକ ଜେନା, ସମ୍ବିତ ମହାପାତ୍ର, ପ୍ରଦୀପ୍ତ ରଂଜନ କର, ଖଗେଶ୍ୱର ରାଉତ, ମନୋଜ ଦାଶ, ଅବିନାଶ ପଣ୍ଡା, ଜଗନ୍ନାଥ ମଲିକ୍, ଦିପକ କୁମାର ଡ଼ୋରା, ବିନୋଦ ରଥ, ପୁରୁଷୋତମ ନାୟକ, ମହେନ୍ଦ୍ର ମହାନ୍ତି, ରମେଶ ଚନ୍ଦ୍ର ନନ୍ଦ, ସୁରେଶ ଚନ୍ଦ୍ର ପଣ୍ଡା, ରୁଦ୍ର ନାରାୟଣ ମହାନ୍ତି, ଶିରିଷ କୁମାର ସାମଲ, କିଶୋର ନାୟକ, ଦିନବନ୍ଧୁ ନାୟକ, ଜ୍ୟୋତି ଶଙ୍କର ମହାପାତ୍ର, ଜ୍ଞାନେଶ ମହାନ୍ତି, ମମତା ସାହୁ, ଅଜିତ୍ ରାଉତ, ସୁଡ଼ଳ କବି, ଯତିନ୍ଦ୍ର ନାଥ ସାମଲ, ସୁରେଶ ଚନ୍ଦ୍ର ସାହାଣୀ, ଜାଗୃତି ବାରିକ୍, ନିତାଇଚାନ୍ଦ ମହାନ୍ତି, ରେଜାଲିନ୍ ସାହୁ, ପ୍ରତିମାରାଣୀ ସାହୁ, ଜିତେନ ତ୍ରିପାଠୀ, ବିରଂଚି ନାରାୟଣ ଆଚାର୍ଯ୍ୟ, ମାନସୀ ରଥ, ସୁବ୍ରତ ସ୍ୱାଇଁ, ବିଳକ ଦାସ, ପରମାନନ୍ଦ ସାହୁ, ଗୋପାଳ ଚନ୍ଦ୍ର ପଣ୍ଡା ପ୍ରମୁଖ ବହୁ ଆଇନଜୀବୀ ଯୋଗଦେଇ ସ୍ୱର୍ଗତ ଜେନା ଜିଲାରେ ଆଇନଜୀବୀ ମାଙ୍କର ମଧ୍ୟରେ ଭିଷ୍ମ ପିତାମହ ଥିଲେ ବୋଲି ମତବ୍ୟକ୍ତ କରି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray